# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୦/୨୦୨୦ (୧୨ପୃଷ୍ଠା+ଛୁଟିଦିନ) | Bhubaneswar, Sunday, September 20/2020 | ★★★★★★

୪୬ଶ ଭାଗ ୨୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ଖୁସି ଅଛନ୍ତି ମାନୁଷୀ**

ମୁଁ ମୋ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଯାଉଛି ବୋଲି ମାନୁଷୀ ଛିଲ୍ଲର ଇନ୍‌ଷ୍ଟାରେ ନିଜର ଖୁସିବ୍ୟକ୍ତ କରିଛନ୍ତି। 'ପୃଥ୍ୱୀରାଜ' ଫିଲ୍ମରୁ ସେ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ୦୨

୧୨ **ହାଲେପ୍ ସେମିଫାଇନାଲରେ**

ଟପ୍ ସିଡ୍ ସିମୋନା ହାଲେପ୍ ପ୍ରଥମ ଖେଳାଳି ଭାବେ ଏଠାରେ ଚାଲିଥିବା ଇଟାଲିଆନ ଓପନ୍ ଟେନିସ୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି।



# ଯାନବାହନ କ୍ଷେତ୍ର ବିପର୍ଯ୍ୟସ୍ତ

## ୪୨ ପ୍ରତିଶତ କମିଲା ରାଜସ୍ୱ ଆଦାୟ

ଭୁବନେଶ୍ୱର,୧୯।୯(ବ୍ୟୁରୋ)

କରୋନା ମହାମାରୀ ସ୍ୱାସ୍ଥ୍ୟ ସେବା ସହିତ ଆର୍ଥିକ ଅବସ୍ଥାକୁ କ୍ଷତିଗ୍ରସ୍ତ କରିଛି। ଲୋକମାନଙ୍କର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଥିବା ବେଳେ ରାଜକୋଷ ଉପରେ ଏହାର ପ୍ରଭାବ ପଡିଛି। ମାର୍ଚ୍ଚ ମାସ ଲକ୍‌ଡାଉନ ପରଠାରୁ ଯାନବାହନ ବିକ୍ରି ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ରାଜ୍ୟରେ ଯାନବାହନ ବିକ୍ରି ପ୍ରାୟ ୩୦ ପ୍ରତିଶତ ହ୍ରାସ ପାଇଛି। ଏଥିସହିତ ଘରୋଇ ବସ୍‌ଗୁଡିକ ଉପରୁ ରାଜ୍ୟ ସରକାର ୩ ମାସ ସମ୍ପୂର୍ଣ୍ଣ ଓ ଆଉ ୩ ମାସ ଆଂଶିକ ଟିକସ ଛାଡ଼ କରିଛନ୍ତି। ଏଥିଯୋଗୁ ରାଜସ୍ୱ ଆଦାୟ ୪୨ ପ୍ରତିଶତ କମିଯାଇଛି। ଗତ ୫ ମାସରେ ଯାନବାହନ ଟିକସ ବାବଦରେ ସରକାରଙ୍କୁ ପ୍ରାୟ ୨୮୨ କୋଟି ଟଙ୍କା ହରାଇବାକୁ ପଡିଛି।

ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୨୦୧୯ ଅଗଷ୍ଟରେ ୪୫,୫୫୫ ଦୁଇଚକିଆ ଯାନ ବିକ୍ରି ହୋଇଥିବା ବେଳେ ଚଳିତ ବର୍ଷ ଏହା ୩୨ ହଜାର ୧୬୫କୁ ଖସି ଆସିଛି। ଅର୍ଥାତ ଦୁଇଚକିଆ ଯାନରେ ୨୯ ପ୍ରତିଶତ ବିକ୍ରି କମିଥିବା ବେଳେ ୩ ଚକିଆରେ ୬୯ ପ୍ରତିଶତ, ୪ ଚକିଆ ଯାନ ପ୍ରାୟ ୬୦ ପ୍ରତିଶତ କମିଯାଇଛି। କେବଳ ଟ୍ରାକ୍ଟର ବିକ୍ରିରେ ୪୦ ପ୍ରତିଶତ ବୃଦ୍ଧି ଘଟିଛି। ରାଜ୍ୟରେ ଅଗଷ୍ଟରେ ହାରାହାରି ୩୦ ପ୍ରତିଶତ ଯାନବାହନ ବିକ୍ରି ହ୍ରାସ ପାଇଛି।

ରାଜ୍ୟ ସରକାର ଚଳିତ ବଜେଟରେ ଯାନବାହନ ଟିକସ ବାବଦରେ ପ୍ରାୟ ୨ ହଜାର କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ରଖିଥିଲେ। କରୋନା ଯୋଗୁ ଏହି ଲକ୍ଷ୍ୟ ହାସଲ ଏକ ପ୍ରକାର ବାଟବଣା ହୋଇ ଯାଇଛି। ପରିବହନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ପରିବହନ ଟିକସ ୬୭୦ କୋଟି ଆଦାୟ ହେବା ଜାଗାରେ ହୋଇଛି ମାତ୍ର ୩୮୮ କୋଟି ୬୦ ଲକ୍ଷ ଟଙ୍କା। ଅର୍ଥାତ୍ ଲକ୍ଷ୍ୟର ମାତ୍ର ୫୮ ପ୍ରତିଶତ ଆଦାୟ ସମ୍ଭବ ହୋଇପାରିଛି। ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ବର୍ଷ ୪୨ ପ୍ରତିଶତ ଟିକସ ହରାଇବାକୁ ପଡିଛି। ଚଳିତ ଆର୍ଥିକ ବର୍ଷରେ ଟିକସ ଅଭିବୃଦ୍ଧି ୧୧ ପ୍ରତିଶତ ରଖାଯାଇଥିଲା। ତେବେ ସେହି ଲକ୍ଷ୍ୟ ହାସଲ ସହଜ ହେବ ନାହିଁ। କରୋନା ଯୋଗୁ ମଧ୍ୟବିତ୍ତ ବର୍ଗର ଲୋକାମାନେ ଯାନବାହନ କିଣିବାରେ ଅର୍ଥ ବ୍ୟୟ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଆଗାମୀ ଦିନରେ ସେମାନଙ୍କର ଆୟକୁ ନେଇ ଆଶା ଓ ଆଶଙ୍କାରେ ରହିଛନ୍ତି। ଯାହା କିଛି ସଞ୍ଚିତ ଅର୍ଥ ଅଛି ତାହାକୁ ଯାନବାହନ କିଣିବା କ୍ଷେତ୍ରରେ ନିବେଶ କରିବାକୁ ଆଗ୍ରହ ଦେଖାଉ ନାହାନ୍ତି। ଆଗାମୀ ଦିନର କାରବାର ଅସ୍ପଷ୍ଟ ରହିଥିବାରୁ ଯାତ୍ରୀବାହୀ କିମ୍ବା ମାଲ୍‌ବାହୀ ଯାନ ପରିବହନ କ୍ରୟ ଉପରେ ଲୋକମାନେ ପୁଞ୍ଜି ନିବେଶ କରିବାକୁ ଚାହୁଁ ନ ଥିବା ଯୋଗୁ ଯାନବାହନ ବିକ୍ରି ପ୍ରଭାବିତ ହେଉଛି। ଏଥିଯୋଗୁ ରାଜସ୍ୱ ବଢି ପାରୁ ନାହିଁ । ଆଗାମୀ ଦିନରେ ଏଥିରେ ସୁଧାର ଆସିଲେ ମଧ୍ୟ ଲକ୍ଷ୍ୟ ହାସଲ ସେତେଟା ସହଜ ହେବ ନାହିଁ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



# ୯ ଅଲ୍‌କାଏଦା ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୧୯।୯(ପି.ଟି.)

ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ଶନିବାର ଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୯ଜଣ ଅଲ୍‌କାଏଦା ଆତଙ୍କବାଦୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ପଶ୍ଚିମବଙ୍ଗର ମୁର୍ସିଦାବାଦ ଅଞ୍ଚଳରୁ ୬ଜଣ ଏବଂ କେରଳର ଏର୍ନାକୁଲମ୍‌ରୁ ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଆତଙ୍କବାଦୀମାନେ ହେଲେ ମୁର୍ସିଦ ହାସନ, ୟାକୁବ୍ ବିଶ୍ୱାସ, ମୋସାରଫ୍ ହୋସେନ୍, ନଜମୁସ୍ ସାକିବ, ଆବୁ ସୁଫିୟାନ୍, ମଇନୁଲ୍ ମୋଣ୍ଡଲ, ଲିୟୁ ୟାନ ଅହମ୍ମଦ, ଅଲ୍ ମାମୁନ କମଲ୍ ଏବଂ ଆତିତୁର ରେହମାନ୍। ଗିରଫ ଆତଙ୍କବାଦୀଙ୍କୁ ଏନ୍‌ଆଇଏ ଟିମ୍ ଅଧିକ ପଚରାଉଚରା କରୁଛି। ଦେଶର ଆଉ କେଉଁଠି ସେମାନଙ୍କ ଗ୍ୟାଙ୍ଗ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଉଛି ସେନେଇ ଛାନ୍‌ଭିନ୍ ଚଳାଇଛି। ପ୍ରକାଶ ଯେ, ଅଲ୍‌କାଏଦା ଆତଙ୍କବାଦୀର କିଛି ସଦସ୍ୟ ଦେଶର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଯୋଜନା କରୁଥିବା ନେଇ ଏନ୍‌ଆଇଏକୁ ସୂଚନା ମିଳିଥିଲା। ବିଶେଷକରି ପଶ୍ଚିମବଙ୍ଗ ଓ କେରଳରେ ଲୁଚି ରହିଥିବା ଅଲ୍‌କାଏଦା ଆତଙ୍କବାଦୀମାନେ ବିଭିନ୍ନ ସ୍ଥାନରେ ଆକ୍ରମଣ କରି ନିରୀହ ଲୋକଙ୍କୁ ମାରିବାକୁ ଯୋଜନା କରୁଥିବା ନେଇ ଜଣାପଡ଼ିବା ପରେ ଏନ୍‌ଆଇଏର ☞ପୃଷ୍ଠା-୪

# ୧୦୧ ଲକ୍ଷ କୋଟି ଟପିଲା କେନ୍ଦ୍ର ଋଣ ବୋଝ

ନୂଆଦିଲ୍ଲୀ,୧୯।୯

ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା କେନ୍ଦ୍ର ସରକାରଙ୍କ ଋଣ ବୋଝ ୧୦୧.୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ଏହା ୨୦୨୦ ମାର୍ଚ୍ଚ ସୁଦ୍ଧା ୯୪.୬ ଲକ୍ଷ କୋଟି ଟଙ୍କା ରହିଥିବା ବେଳେ ଜୁନ୍ ଶେଷ ସୁଦ୍ଧା ସରକାରଙ୍କ ଋଣ ମୋଟ ବକେୟା ଋଣ ବୋଝର ୯୧.୧% ରହିଥିବା ରାଷ୍ଟ୍ରାୟତ୍ତ ଋଣ ପରିଚାଳନା ସେଲ୍ ପକ୍ଷରୁ ଶୁକ୍ରବାର ପ୍ରକାଶିତ ତ୍ରୈମାସିକ ରିପୋର୍ଟରୁ ଏହା ଜଣାପଡିଛି। ଏଥିସହିତ ପ୍ରାୟ ୨୮.୬% ବକେୟା ଦୀର୍ଘ ମିଆଦୀ ପ୍ରତିଭୂତି ଆକାରରେ ରହିଛି। ସେଥିରୁ ୩୯.୦% ବ୍ୟାଙ୍କ ଏବଂ ୨୬.୨% ବୀମା କମ୍ପାନୀଗୁଡିକ ନିକଟରେ ରହିଥିବା ରିପୋର୍ଟରେ କୁହାଯାଇଛି।

ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ କେନ୍ଦ୍ର ସରକାର ୩.୪୬ ଲକ୍ଷ କୋଟି ଟଙ୍କାର ପ୍ରତିଭୂତି ଜାରି କରିଛନ୍ତି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟରେ ୨.୨୧ ଲକ୍ଷ କୋଟି ଟଙ୍କା ରହିଥିଲା। ନୂଆକରି ଜାରି କରାଯାଇଥିବା ପ୍ରତିଭୂତିର ହାରାହାରି ଅବଧି ୧୪ ବର୍ଷ ରହିଛି। ଏହା ଗତ ଆର୍ଥିକ ବର୍ଷ ଶେଷ ତ୍ରୈମାସରେ ୧୬ ବର୍ଷ ରହିଥିଲା ବୋଲି ରାଷ୍ଟ୍ରାୟତ୍ତ ଋଣ ପରିଚାଳନା ସେଲ୍(ପିଡିଏମ୍‌ସି) ତଥ୍ୟରୁ ଜଣାପଡିଛି। ଚଳିତ ବର୍ଷ ଏପ୍ରିଲରୁ ଜୁନ୍ ମଧ୍ୟରେ କେନ୍ଦ୍ର ସରକାର କ୍ୟାଶ ମ୍ୟାନେଜମେଣ୍ଟ ବିଲ୍ ଜାରିଥିଲେ। ଏହା ଦ୍ୱାରା ୮୦ ହଜାର କୋଟି ଟଙ୍କା ଉଠାଣ କରାଯାଇଛି। ସେହିଭଳି ରିଜର୍ଭ ବ୍ୟାଙ୍କ ଜୁନ ତ୍ରୈମାସରେ ସ୍ୱତନ୍ତ୍ର ଓପନ ମାର୍କେଟ ଅପରେଶନ(ଓଏମ୍‌ଓ) ଦ୍ୱାରା ସରକାରୀ ପ୍ରତିଭୂତି କ୍ରୟ ଏବଂ ବିକ୍ରୟ କରିଛି। ଏଥିଲାଗି ପ୍ରତି ଥର ୧୦ ହଜାର କୋଟି ଟଙ୍କା ସୀମା ଧାର୍ଯ୍ୟ କରାଯାଇଥିଲା। ପ୍ରଥମ ତ୍ରୈମାସରେ ସରକାରୀ ପ୍ରତିଭୂତିରେ ସୁଧହାର ୫.୮୫% ରହିଛି। ଏହାର ପୂର୍ବ ତ୍ରୈମାସରେ ଏହା ୬.୭୦% ରହିଥିଲା।

୨୦୨୦-୨୧ରେ କେନ୍ଦ୍ର ସରକାରଙ୍କ ମୋଟ ବିତ୍ତୀୟ ନିଅଣ୍ଟ ଜିଡିପିର ୩.୫% ( ୭.୯୬ ଲକ୍ଷ କୋଟି) ରହିବା ନେଇ ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପରିବର୍ତ୍ତିତ ବିତ୍ତୀୟ ନିଅଣ୍ଟ ବଜେଟର ୩.୮%( ୭.୬୬ ଲକ୍ଷ କୋଟି) ଧାର୍ଯ୍ୟ ହୋଇଥିଲା। ୨୦୨୦ର ଏପ୍ରିଲ-ଜୁନ୍ ଅବଧିରେ ଏହା ୬.୬୨ ଲକ୍ଷ କୋଟି ଟଙ୍କା ରହିଛି, ଯାହା ବଜେଟ ଆକଳନର ୮୩.୨%। ୨୦୧୯-୨୦ରେ ଏହି ଅବଧିରେ ବିତ୍ତୀୟ ନିଅଣ୍ଟ ୬୧.୪% ରେ ରହିଥିଲା।

# ୨୨ ପଇସା କମିଲା ଡିଜେଲ



ଭୁବନେଶ୍ୱର,୧୯।୯

ଭୁବନେଶ୍ୱରରେ ଶନିବାର ଡିଜେଲ ୨୨ ପଇସା କମିଛି। ଫଳରେ ଏହା ଲିଟର ପିଛା ୭୮.୧୩ ଟଙ୍କାକୁ ଖସିଛି। ସେହିଭଳି ଏଠାରେ ପେଟ୍ରୋଲ ଦର ୮୧.୬୯ ଟଙ୍କା ଅପରିବର୍ତ୍ତିତ ରହିଛି। ଭୁବନେଶ୍ୱର ଇନ୍ଧନ ଦର ନୂଆଦିଲ୍ଲୀଠାରୁ ଉଚ୍ଚରେ ରହିଛି। ଶୁକ୍ରବାର ଏଠାରେ ପେଟ୍ରୋଲ ୨୬ ଏବଂ ଡିଜେଲ ୩୮ ପଇସା ହ୍ରାସ ପାଇଥିଲା। ଶନିବାର ଦେଶର ମେଟ୍ରୋ ସହରଗୁଡିକରେ ଡିଜେଲ ୧୯ରୁ ୨୧ ପଇସା ହ୍ରାସ ହୋଇଥିବା ବେଳେ ପେଟ୍ରୋଲ ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ। ନୂଆଦିଲ୍ଲୀରେ ଡିଜେଲ ଦର ୨୦ ପଇସା ହ୍ରାସ ଘଟି ୭୧.୮୨ ଟଙ୍କା ରହିଛି। ସେହିଭଳି ଚେନ୍ନାଇରେ ଏହାର ଦର ୧୯ ପଇସା ନିମ୍ନରେ ରହି ୭୭.୨୧ ଟଙ୍କା, କୋଲକାତାରେ ୨୦ ପଇସା ଖସି ୭୫.୩୨ ଟଙ୍କା ଏବଂ ମୁମ୍ବାଇରେ ୨୧ କମି ୭୮.୨୭ ଟଙ୍କା ରହିଛି। ଏହି ସହରଗୁଡିକରେ ପେଟ୍ରୋଲ ଦର ୮୧.୧୪ ଟଙ୍କା, ୮୪.୨୧ ଟଙ୍କା, ୮୨.୬୭ ଟଙ୍କା ଏବଂ ୮୭.୮୨ ଟଙ୍କା ରହିଥିବା ଇଣ୍ଡିଆନ୍ ଅଏଲ ପକ୍ଷରୁ ସୂଚନା ରହିଛି।




# ମୁମ୍ବାଇକୁ ମାତ୍ ଦେଲା ଚେନ୍ନାଇ

ଆବୁଧାବି, ୧୯।୯

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୩ତମ ସଂସ୍କରଣ ଶନିବାର ସ୍ଥାନୀୟ ଶେଖ ଜାୟେଦ ଷ୍ଟାଡିୟମରେ ଆରମ୍ଭ ହୋଇଛି। କରୋନା ଭାଇରସ ସଂକ୍ରମଣ ଯୋଗୁ ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ)ରେ ହେଉଥିବା ଏହି ହାଇ ପ୍ରୋଫାଇଲ୍ ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚରେ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ମାତ୍ ଦେଇଛି ଚେନ୍ନାଇ ସୁପରକିଙ୍ଗ୍ସ। ୨୦୧୯ ଆଇପିଏଲ ଫାଇନାଲରେ ମୁମ୍ବାଇ ମାତ୍ର ୧ ରନରେ ଚେନ୍ନାଇକୁ ପରାସ୍ତ କରି ଟାଇଟଲ ଜିତିଥିଲା। ପ୍ରଥମ ମ୍ୟାଚରେ ବିଜୟୀ ହୋଇ ଏହାର ମଧୁର ପ୍ରତିଶୋଧ ନେଇଛି ମହେନ୍ଦ୍ର ସିଂ ଧୋନୀଙ୍କ ସୁପରକିଙ୍ଗ୍ସ। ମୁମ୍ବାଇ ପକ୍ଷରୁ ଧାର୍ଯ୍ୟ ୧୬୩ ରନର ବିଜୟ ଲକ୍ଷ୍ୟର ପିଛା କରି ଚେନ୍ନାଇ ୧୯.୨ ଓଭରରେ ୫ ଉଇକେଟ ୧୬୬ ରନ ସଂଗ୍ରହ କରି ନେଇଥିଲା।

ଚେନ୍ନାଇ ୨ ଓଭରରେ ମାତ୍ର ୬ ରନରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶେନ ୱାଟସନ ୪ ଓ ମୁରଲୀ ବିଜୟ ମାତ୍ର ୧ ରନ କରିବାକୁ ସକ୍ଷମ ହୋଇଥିଲେ। ମାତ୍ର ଫାଫ୍ ଡୁପ୍ଲେସି ଓ ଅମ୍ବାତି ରାୟୁଡୁ ଚମତ୍କାର ବ୍ୟାଟିଂ କରି ଦଳକୁ ଲକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ଧୂଆଁଧାର ବ୍ୟାଟିଂ କରି ଆକ୍ରମଣର ମଙ୍ଗ ଧରିଥିଲେ ରାୟୁଡୁ। ସେ ୪୮ ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ☞ପୃଷ୍ଠା-୧୨

**ଆଇପିଏଲ୍ ୨୦୨୦ ଉଦ୍‌ଘାଟନୀ**



ଅର୍ଦ୍ଧଶତକ ହାସଲ ଅବସରରେ ଶଟ୍ ଖେଳୁଛନ୍ତି ଅମ୍ବାତି ରାୟୁଡୁ ।

# ଆରୋଗ୍ୟ ପରେ ବି ସଂକ୍ରମଣ ଆଶଙ୍କା

- ଅନ୍ୟ କିଛି ଭାଇରାଲ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ରହିଛି
- ଗର୍ଭବତୀ, ଶିଶୁ, ବୟସ୍କ ରୋଗୀ ହସ୍ପିଟାଲ ଯିବା ଜରୁରୀ

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

କରୋନାରୁ ଆରୋଗ୍ୟ ହେବାପରେ ପୁଣି ଥରେ ହୋଇପାରନ୍ତି ସଂକ୍ରମିତ। ତେଣୁ ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଡା. ପ୍ରଜ୍ଞାନ ରାଉତରାୟ କହିଛନ୍ତି, ଯେଉଁ ବ୍ୟକ୍ତିଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବେଶି ନ ଥିବ ସେ ଆଉଥରେ ସଂକ୍ରମଣର ଶିକାର ହେବା ଆଶଙ୍କା ରହିଛି। କରୋନାରୁ ସୁସ୍ଥ ହେବା ପରେ ସଂକ୍ରମିତ ବ୍ୟକ୍ତି ଅତ୍ୟନ୍ତ ଦୁର୍ବଳ ହୋଇଯାଉଥିବା ଦେଖିବାକୁ ମିଳୁଛି। ସେମାନେ ପୁଣିଥରେ କିଛି ନା କିଛି ଭାଇରାଲ ରୋଗର ଆକ୍ରାନ୍ତ ହେବାର ବେଶି ସମ୍ଭାବନା ରହିଛି। ତେଣୁ ସୁସ୍ଥ ହେବାର ୧୫ଦିନ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପରିମାଣର ଭିଟାମିନଯୁକ୍ତ ଖାଦ୍ୟ ଖାଇ ନିଜ ଶରୀରକୁ ଫିଟ୍ ରଖିବା ଉଚିତ। ସୁସ୍ଥ ହେବାପରେ ମଧ୍ୟ ବ୍ୟକ୍ତିଙ୍କଠାରେ ଶରୀର ବ୍ୟଥା, ଭୋକ ନ ହେବା, ଗଳାରେ ସମସ୍ୟା ଆଦି ଲାଗିରହୁଛି। ତେଣୁ ବିଭିନ୍ନ ପ୍ରକାର ପୁଷ୍ଟିକର ଖାଦ୍ୟ ସହ ଭିଟାମିନଯୁକ୍ତ ଔଷଧ ମଧ୍ୟ ଖାଇବା ଜରୁରୀ। ସେହିପରି ସୁସ୍ଥ ହେଉଥିବା ବ୍ୟକ୍ତିଙ୍କ ଶରୀରରେ ଆଣ୍ଟିବଡି ତିଆରି ହେଉଛି। ଫଳରେ ସମ୍ପୃକ୍ତ ବ୍ୟକ୍ତି ଚାହିଁଲେ ୩-୪ରୁ ସପ୍ତାହ ପରେ ନିଜର ପ୍ଲାଜ୍‌ମା ଦେଇପାରିବେ। ଏହା ଦୁର୍ବଳ ପ୍ରତିରୋଧକ କ୍ଷମତା ଥିବା କରୋନା ସଂକ୍ରମିତଙ୍କୁ ଚିକିତ୍ସା କରିବାରେ ସହାୟକ ହେବ ବୋଲି ଡା. ରାଉତରାୟ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ କୋଭିଡ୍ ବିଶେଷଜ୍ଞ ଡା. ଜୟନ୍ତ ପଣ୍ଡା କହିଛନ୍ତି, ସମସ୍ତେ ହୋମ୍ ଆଇସୋଲେଶନରେ ରହିପାରିବେ ନାହିଁ। ଅନେକ ଆକ୍ରାନ୍ତ ବହୁ ରୋଗରେ ପୀଡିତ ରହୁଛନ୍ତି। ଏହିଭଳି ରୋଗୀ ସାଧାରଣତଃ ଗୁରୁତର ହେବା ଆଶଙ୍କା ଅଧିକ। କୋଭିଡ୍ ଚିକିତ୍ସା ସହିତ ସେମାନଙ୍କର ☞ପୃଷ୍ଠା-୪



# ଆନ୍ଧ୍ରକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ: ଅନ୍ୟ ରାଜ୍ୟ ଅଭିଯୋଗ ଶୁଣ

**ପୋଲାଭରମ୍ ପ୍ରକଳ୍ପ ବିବାଦ**

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ପୋଲାଭରମ୍ ପ୍ରକଳ୍ପ ନେଇ ଗୋଦାବରୀ ଉପରମୁଣ୍ଡରେ ଥିବା ରାଜ୍ୟଗୁଡିକ ସମସ୍ୟା କଥା ବୁଝ । ଏକ ମିଳିତ ବୈଠକ ଡାକି ସେମାନଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଅ। ଶନିବାର ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପୋଲାଭରମ ପ୍ରକଳ୍ପ ଅଥରିଟି(ପିପିଏ) ଏବଂ ଆନ୍ଧ୍ର ସରକାରଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଦୁଇମାସ ମଧ୍ୟରେ କେନ୍ଦ୍ରୀୟ ଜଳ ଆୟୋଗ(ସିଡବ୍ଲୁସି), ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲ (ଡବ୍ଲୁଆରଡିଟି), ପିପିଏ ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କ ଜଳ ସମ୍ପଦ ବିଭାଗ, ଓଡ଼ିଶା ସମେତ ତେଲଙ୍ଗାନା ଏବଂ ଛତିଶଗଡ଼ ସରକାରଙ୍କ ଅଧିକାରୀଙ୍କ ସହ ଏକ ମିଳିତ ବୈଠକ କରି ପ୍ରକଳ୍ପକୁ ନେଇ ଦେଖାଦେଇଥିବା ବିବାଦର ସମାଧାନ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆନ୍ଧ୍ରପ୍ରଦେଶ ଜଳ ସମ୍ପଦ ବିଭାଗ ଏବଂ ପୋଲାଭରମ ପ୍ରକଳ୍ପ ଅଥରିଟି ପ୍ରଭାବ ନେଇ ପରୀକ୍ଷା କରିବେ। ପ୍ରକଳ୍ପ ଉପରମୁଣ୍ଡରେ ଥିବା ଲୋକଙ୍କ ସ୍ୱାର୍ଥ ରକ୍ଷା ଲାଗି କି ପ୍ରତିକାର ବ୍ୟବସ୍ଥା କରାଯାଇଛି, ଡ୍ୟାମ୍ ସୁରକ୍ଷା ବୈଠକରେ ସୂଚନା ଦେବାକୁ ପରାମର୍ଶ ଦିଆଯାଇଛି। ନିର୍ଦ୍ଦେଶନାମା ବିଷୟରେ କେନ୍ଦ୍ର ଜଳ ଶକ୍ତି ମିଶନ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ତେଲଙ୍ଗାନା, ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ କେନ୍ଦ୍ରୀୟ ଜଳ ଆୟୋଗ ଏବଂ ପିପିଏକୁ ଅବଗତ କରାଇବାକୁ ଏନ୍‌ଜିଟିନିର୍ଦ୍ଦେଶ ଦେଇଛନ୍ତି। ପୋଲାଭରମ ପ୍ରକଳ୍ପକୁ ଓଡ଼ିଶା ବିରୋଧ କରିଆସୁଛି। ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲାର ବହୁ ଗ୍ରାମ ଓ ଚାଷଜମି ମଧ୍ୟ ବୁଡିଯିବ। ଓଡ଼ିଶା ସରକାର ଏହାକୁ ଦୀର୍ଘଦିନ ଧରି ବିରୋଧ କରି ଆସୁଛନ୍ତି।

**ଆଜିର ସମ୍ପାଦକୀୟ**

**ଅତ୍ୟଧିକ କ୍ଷମତା ହିଁ ବିପଦ**

**ଆଜିର ମନ୍ତବ୍ୟ**

" ଉତ୍ତରପ୍ରଦେଶରେ ନିର୍ମାଣ ହେବ ଦେଶର ସବୁଠୁ ସୁନ୍ଦର ଫିଲ୍ମ ସିଟି
-ଯୋଗୀ ଆଦିତ୍ୟନାଥ
ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ

# ରୁଥ୍ ବଦେର୍ ଗିନ୍ସବର୍ଗଙ୍କ ପରଲୋକ

ନ୍ୟୁୟର୍କ, ୧୯।୯



ଆମେରିକା ସୁପ୍ରିମକୋର୍ଟର ଆସୋସିଏଟ ଜଷ୍ଟିସ୍ ରୁଥ୍ ବଦେର୍ ଗିନ୍ସବର୍ଗଙ୍କ ଶନିବାର ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ସେ କର୍କଟ ରୋଗରେ ପୀଡିତ ଥିଲେ।

କୋର୍ଟ ମଧ୍ୟରେ ଅତି କଠୋର ପ୍ରଶ୍ନ ପଚାରି, ବିଭିନ୍ନ ପ୍ରସଙ୍ଗରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରି ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବା ସହ 'ଆର୍‌ବିଜି' ନାମରେ ସେ ପରିଚିତ ଥିଲେ। ଏହି ମହିଳା ଆମେରିକା ସୁପ୍ରିମକୋର୍ଟରେ ୧୯୮୩ରୁ ୨୦୨୦, ତାଙ୍କ ମୃତ୍ୟୁ ଯାଏ ଆସୋସିଏଟ ଜଷ୍ଟିସ୍ ରହି ଆସିଥିଲେ। ସେ ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ଦ୍ୱାରା ମନୋନୀତ ହୋଇଥିଲେ ଏବଂ କୋର୍ଟର ଲିବେରାଲ ୱିଙ୍ଗ୍‌ସ ସହ ଜଡିତ ଥିଲେ। ନ୍ୟୁୟର୍କର ବ୍ରୁକଲିନ୍‌ଠାରେ ୧୫ ମାର୍ଚ୍ଚ ୧୯୩୩ରେ ଜନ୍ମ ଗ୍ରହଣ କରିଥିବା ଆର୍‌ବିଜି ସାନ୍ଦ୍ରା ଡେ ଓ' କୋନରଙ୍କ ପରେ ଦ୍ୱିତୀୟ ମହିଳା ଭାବେ ଆମେରିକା ସୁପ୍ରିମକୋର୍ଟରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବାର ଗୌରବ ଅର୍ଜନ କରିଥିଲେ। ପ୍ରାୟ ୩ ଦଶନ୍ଧି ଧରି ଆମେରିକା ସୁପ୍ରିମକୋର୍ଟରେ ବିଭିନ୍ନ ପ୍ରସଙ୍ଗରେ ସେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରି ଆସୁଥିଲେ। ଲିଙ୍ଗଗତ ସମାନତା ଓ ମହିଳାଙ୍କ ଅଧିକାର ଉପରେ ଲଢ଼େଇ କରି ସେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିଲେ।

# ଚାକିରି ହରାଇ ୪୫୦ ଭାରତୀୟଙ୍କ ଭିକ୍ଷାବୃତ୍ତି



ନୂଆଦିଲ୍ଲୀ, ୧୯।୯: କରୋନା ମହାମାରୀ ସଂକ୍ରମଣ ଯୋଗୁ ସୌଦିରେ କାମ କରୁଥିବା ବହୁ ଭାରତୀୟ ଚାକିରି ହରାଇଛନ୍ତି। ମାସ ମାସଧରି ହଇରାଣ ହେବାପରେ ସେମାନଙ୍କ ମଧ୍ୟରୁ ୪୫୦ ଭାରତୀୟ ବାଧ୍ୟ ହୋଇ ରାସ୍ତାରେ ଭିକ ମାଗିଥିଲେ। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଥିଲା। ପରେ ସୌଦି ପ୍ରଶାସନ ସେମାନଙ୍କୁ ଡିଟେନଶନ୍ ସେଣ୍ଟରରେ ନେଇ ରଖିଥିବା କୁହାଯାଉଛି। ସେମାନେ ଏବେ ଶୁମାଇସି ଡିଟେନଶନ୍ ସେଣ୍ଟରରେ ରହିଛନ୍ତି। ସେମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ୩୯ ଜଣ ବାସିନ୍ଦା ଥିବାବେଳେ ବିହାରର ୧୦, ତେଲଙ୍ଗାନାର ୫, ମହାରାଷ୍ଟ୍ରର ୪, ଜମ୍ମୁ-କଶ୍ମୀରର ୪, କର୍ଣ୍ଣାଟକର ୪ ଏବଂ ଆନ୍ଧ୍ରପ୍ରଦେଶର ଜଣେ ରହିଛନ୍ତି। ଚାକିରି ହରାଇ ଏଠାରେ ଭାରତୀୟଙ୍କ ସମେତ ଶ୍ରୀଲଙ୍କା, ପାକିସ୍ତାନ, ବାଂଲାଦେଶ, ଇଣ୍ଡୋନେସିଆ ଆଦି ଦେଶର ଲୋକଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇ ପଡ଼ିଥିବା କୁହାଯାଉଛି।

# ଆରୋଗ୍ୟରେ ଆମେରିକାଠୁ ଭାରତ ଆଗରେ

ନୂଆଦିଲ୍ଲୀ,୧୯।୯(ପି.ଟି.)

କୋଭିଡ୍-୧୯ ଆରୋଗ୍ୟ ହାର ଦୃଷ୍ଟିରୁ ଭାରତ ଆମେରିକାକୁ ପଛରେ ପକାଇ ଏକ ନମ୍ବର ସ୍ଥାନରେ ପହଞ୍ଚିଛି। ଗତ ୨୪ଘଣ୍ଟାରେ ଦେଶରେ ରେକର୍ଡ ସଂଖ୍ୟକ ୯୫ହଜାର ୮୮୦ଜଣ କରୋନା ସଂକ୍ରମିତ ଆରୋଗ୍ୟ ଲାଭ କରିଛନ୍ତି। ଏହା ସହ କୋଭିଡ୍ ଆରୋଗ୍ୟ ହାର ୭୯.୨୮%କୁ ବୃଦ୍ଧି ପାଇଛି। ଦେଶରେ ଏମେ ମୋଟ୍ ଆରୋଗ୍ୟଙ୍କ ସଂଖ୍ୟା ୪୨ଲକ୍ଷ ୮ହଜାର ୪୩୧ ଅତିକ୍ରମ କରିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଆରୋଗ୍ୟଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଉଛି। ଏବେ ବିଶ୍ୱର ଆରୋଗ୍ୟ ହାର ଅନୁସାରେ ଭାରତର ୧୯.୧% ରହିଛି। ସେହିପରି ଦେଶରେ ମୃତ୍ୟୁହାର ମଧ୍ୟ ହ୍ରାସପାଉଛି। ୨୪ ଘଣ୍ଟାରେ ୧,୨୪୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ମୋଟ ମୃତ୍ୟୁ ସଂଖ୍ୟା ୮୫ ହଜାର ୬୧୯ରେ ପହଞ୍ଚିଛି। ଦେଶରେ କୋଭିଡ୍ ମୃତ୍ୟୁହାର ୧.୬୧% ରହିଛି, ଯାହାକି ବିଶ୍ୱ ତୁଳନାରେ ଯଥେଷ୍ଟ କମ୍। ଦେଶରେ ଗତ ୨୪ ଘଣ୍ଟାରେ ୯୩ ହଜାର ୩୩୭ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୩ ଲକ୍ଷ ୯୩ ହଜାର ୩୩୭ରେ ପହଞ୍ଚିଛି। ଦେଶର ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୯୦% ନୂଆ ଆରୋଗ୍ୟ ହାର ରହିଥିବା ଜଣାପଡ଼ିଛି। ସେଗୁଡ଼ିକ ମଧ୍ୟରେ ଓଡ଼ିଶା, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ତାମିଲ୍‌ନାଡୁ ଏବଂ ଦିଲ୍ଲୀ ରହିଛି। ସର୍ବାଧିକ ସଂକ୍ରମିତ ୫ଟି ରାଜ୍ୟ ମଧ୍ୟରେ ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଏବଂ ଉତ୍ତରପ୍ରଦେଶ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

**୨୪ଘଣ୍ଟାରେ ସର୍ବାଧିକ ୯୫,୮୮୦ ଆରୋଗ୍ୟ**

## ପୁଣେରେ ଅକ୍ସଫୋର୍ଡ ଟିକାର ତୃତୀୟ ପର୍ଯ୍ୟାୟ ଟ୍ରାଏଲ

ପୁଣେ,୧୯।୯




ମହାମାରୀ କରୋନା ଭାଇରସ୍ ରୋକିବାକୁ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଓ ଭାରତର ପୁଣେସ୍ଥିତ ସିରମ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରସ୍ତୁତ ହେଉଥିବା ଟିକା କୋଭିସିଲ୍ଡର ତୃତୀୟ ପର୍ଯ୍ୟାୟ ଟ୍ରାଏଲ ଆସନ୍ତା ସପ୍ତାହରେ ପୁଣେରୁ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ପୁଣେର ସସୁନ ଜେନେରାଲ ହସ୍ପିଟାଲରେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଡିନ୍ ଡାକ୍ତର ମୁରଲୀଧର ଟାମ୍ବେ ପିଟିଆଇକୁ ସୂଚନା ଦେଇଛନ୍ତି। ଡାକ୍ତର ଟାମ୍ବେ କହିଛନ୍ତି, କୋଭିସିଲ୍ଡ ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ପାଇଁ ବହୁ ପୂର୍ବରୁ କେତେଜଣ ସ୍ୱେଚ୍ଛାସେବୀ ଆଗେଇ ଆସିଛନ୍ତି। ପାଖାପାଖି ୧୫୦ରୁ ୨୦୦ ସ୍ୱେଚ୍ଛାସେବୀଙ୍କୁ ଏହି ଟିକାର ଡୋଜ୍ ଦିଆଯିବ। ଏହା ପୂର୍ବରୁ ହସ୍ପିଟାଲରେ ସେମାନଙ୍କ ନାମ ପଞ୍ଜୀକରଣ ଆରମ୍ଭ ହେବ। ଯେଉଁମାନେ ଏହି ଟ୍ରାଏଲରେ ସାମିଲ ହେବାକୁ ଚାହାନ୍ତି ସେମାନେ ହସ୍ପିଟାଲ ସହ ଯୋଗାଯୋଗ କରିପାରିବେ। ସବୁକିଛି ଠିକ୍‌ଠାକ୍ ଚାଲିଲେ ଆସନ୍ତା ସୋମବାରଠାରୁ ଏହି ଟ୍ରାଏଲ ଆରମ୍ଭ ହୋଇପାରେ ବୋଲି ଡାକ୍ତର ଟାମ୍ବେ ପ୍ରକାଶ କରିଛନ୍ତି।

## ବୁଧବାର ଶେଷ ହୋଇପାରେ ଲୋକ ସଭା ଅଧିବେଶନ

**ନୂଆଦିଲ୍ଲୀ, ୧୯।୯:** ଲୋକ ସଭାର ଚଳିତ ମୌସୁମୀ ଅଧିବେଶନରେ ଯୋଗ ଦେଇଥିବା ୩ ଜଣ ଏମ୍‌ପି କୋଭିଡ୍-୧୯ ପଜିଟିଭ ହେବା ପରେ ଅଧିବେଶନକୁ ବୁଧବାର ବନ୍ଦ କରିଦିଆଯାଇପାରେ ବୋଲି ଜଣାପଡ଼ିଛି। ଶନିବାର ସନ୍ଧ୍ୟାରେ ବିଜନେସ୍ ଆଡଭାଇଜରି କମିଟି ସହ ସରକାର ଆଲୋଚନା କରିବା ପରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଅଧିବେଶନକୁ ବନ୍ଦ କରିବା ଲାଗି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଏ ନେଇ ସରକାର ବିରୋଧୀ ଦଳ ସହ ଆଲୋଚନା କରିଛନ୍ତି। ଅଧିବେଶନ ବନ୍ଦ କରିଦେବା ଲାଗି ବିରୋଧୀ ଦଳଗୁଡିକ ସହମତ ହୋଇଥିବା ଜଣାପଡିଛି। ରାଜ୍ୟ ସଭା ମଧ୍ୟ ଲୋକ ସଭା ଭଳି ନିଷ୍ପତ୍ତି ନେବ ବୋଲି ଆଶା କରାଯାଉଛି। ଅଧିବେଶନ ଆରମ୍ଭ ପୂର୍ବରୁ ଲୋକ ସଭାର ୧୭ ଏମ୍‌ପି ଓ ରାଜ୍ୟ ସଭାର ୮ ସଦସ୍ୟ କରୋନା ପଜିଟିଭ ବାହାରିଥିଲେ। ସପ୍ତାହେ ପୂର୍ବରୁ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ଓ ପ୍ରହ୍ଲାଦ ପଟେଲଙ୍କ କୋଭିଡ୍ ରିପୋର୍ଟ ନେଗେଟିଭ ଥିବାବେଳେ ଏବେ ସେ ପଜିଟିଭ ଚିହ୍ନଟ ହୋଇଛନ୍ତି। ଶୁକ୍ରବାର ଭାଜପାର ରାଜ୍ୟ ସଭା ସଦସ୍ୟ ବିନୟ ସହସ୍ରବୁଦ୍ଧି କରୋନା ପଜିଟିଭ୍ ବାହାରିଛନ୍ତି। ଅଧିବେଶନ ଶେଷ କରିବା ପୂର୍ବରୁ ସରକାର ପାର୍ଲାମେଣ୍ଟରେ ୧୧ଟି ଅଧ୍ୟାଦେଶକୁ ଗୃହୀତ କରାଇ ନେବାକୁ ଚାହୁଁଥିଲେ। ବର୍ତ୍ତମାନ ସୁଦ୍ଧା ଲୋକ ସଭାରେ କୃଷି କ୍ଷେତ୍ର ସମ୍ପର୍କିତ ୩ଟି ବିଲ୍‌କୁ ଗୃହୀତ କରାଯାଇପାରିଛି। କରୋନା ମହାମାରୀକୁ ପ୍ରତିହତ କରିବା ପାଇଁ ଆବଶ୍ୟକ ପାଣ୍ଠି ସକାଶେ ପାର୍ଲାମେଣ୍ଟର ସଦସ୍ୟମାନଙ୍କ ଦରମା ୩୦ ପ୍ରତିଶତ ହ୍ରାସ କରିବା ସଂକ୍ରାନ୍ତ ଅଧ୍ୟାଦେଶକୁ ଉଭୟ ଗୃହରେ ଗୃହୀତ କରାଯାଇଛି।

## ୩ ଲସ୍କର ଆତଙ୍କବାଦୀ ଗିରଫ

**ଶ୍ରୀନଗର, ୧୯।୯:** ଜମ୍ମୁ-କଶ୍ମୀରରେ ୩ ଲସ୍କର-ଇ-ତୋଏବା ଆତଙ୍କବାଦୀ ଗିରଫ ହୋଇଛନ୍ତି। ସ୍ଥାନୀୟ ରାଜୌରୀ ଜିଲାରେ ଶନିବାର ଏହି ଆତଙ୍କବାଦୀ ଲୁଚିଥିବା ଖବର ପାଇ ମିଳିତ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଘେରାଉ କରାଯାଇଥିଲା। ଆତଙ୍କବାଦୀଙ୍କଠାରୁ ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି ବୋଲି ଜମ୍ମୁ ଆଇଜି ମୁକେଶ ସିଂ ସୂଚନା ଦେଇଛନ୍ତି।

## ଆଫ୍ରିକାରେ ନୂଆ ବିପଦ

ଖାର୍ଟୁମ୍, ୧୯।୯

କରୋନା ମହାମାରୀ ସଂକ୍ରମଣ ପରେ ଆଫ୍ରିକାର ବହୁ ଦେଶରେ ଏବେ ନୂଆ ବିପଦ ଦେଖାଦେଇଛି। ପ୍ରବଳ ବର୍ଷା ଯୋଗୁ ପୂର୍ବ ଆଫ୍ରିକାର ନଦୀଗୁଡ଼ିକରେ ବନ୍ୟା ଆସିଛି। ଏହାଯୋଗୁ ଲୋକଙ୍କ ବାସ ଉଜୁଡ଼ି ଯାଇଛି। ବନ୍ୟା ସାଙ୍ଗକୁ ଖାଦ୍ୟର ଅଭାବ ସ୍ଥିତିକୁ ଅଧିକ ସଙ୍କଟଜନକ କରିବାରେ ଲାଗିଛି। ନୀଳ ନଦୀ ବନ୍ୟାଯୋଗୁ ଇଥୋପିଆ, ସୁଦାନ, ଦକ୍ଷିଣ ସୁଦାନରେ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ୬୦ ଲକ୍ଷରୁ ଅଧିକ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। କେବଳ ଦକ୍ଷିଣ ସୁଦାନରେ ୫ ଲକ୍ଷରୁ ଅଧିକ ବନ୍ୟା ପ୍ରଭାବିତ ରହିଥିବା ଜାତିସଂଘ କହିଛି।

# ରାସ୍ତାକୁ ଓହ୍ଲାଇଲେ କୃଷକ

ଅମୃତସର,୧୯।୯



ପଞ୍ଜାବର ଅମୃତସରରେ ଶନିବାର କୃଷି ବିଲ୍‌କୁ ବିରୋଧ କରି କେନ୍ଦ୍ର ସରକାରଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇଛନ୍ତି କୃଷକ। ଭାରତୀୟ କୃଷକ ୟୁନିୟନ ଡାକୋଡାର ମହାସଚିବ ଜଗମୋହନ ସିଂ କହିଛନ୍ତି ଦେଶର ଦୁର୍ଭାଗ୍ୟ ଯେ ଏଠାରେ ଅନ୍ନଦାତାଙ୍କର କୌଣସି ମୂଲ୍ୟ ନାହିଁ। କୃଷକଙ୍କୁ ମଜୁରିଆ କରିବାକୁ ଚାହୁଁଛନ୍ତି ସରକାର। ଏବେ କୃଷକଙ୍କୁ କର୍ପୋରେଟ ସେକ୍ଟର ହାତକୁ ଟେକି ଦିଆଯାଉଛି। ଭାରତୀୟ କୃଷକ ୟୁନିୟନ ରାଜେୱାଲର ବଲବୀର ସିଂ କହିଛନ୍ତି ସରକାର କୃଷକଙ୍କୁ ଧୋକା ଦେଇଛନ୍ତି। ଏବେ ପଞ୍ଜାବର କୃଷକ ୟୁନିୟନ ଗୋଟିଏ ମଞ୍ଚରେ ଏକାଠି ହେବାକୁ ଯାଉଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ସରକାର ଏବେ କୋ-ଅପରେଟିଭ ବ୍ୟାଙ୍କକୁ ବନ୍ଦ କରି ସବୁ ପ୍ରକ୍ରିୟାକୁ ଆର୍‌ବିଆଇ ଅଧୀନକୁ ଆଣିବାକୁ ଯାଉଛନ୍ତି। କୋ-ଅପରେଟିଭ ବ୍ୟାଙ୍କରେ କୃଷକଙ୍କ ଟଙ୍କା ଲାଗିଛି ହେଲେ ସରକାର କିଭଳି ଏହାକୁ ନିଜ ଅଧୀନକୁ ନେବାକୁ ଯାଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେଥିପାଇଁ କୃଷକ ଆନ୍ଦୋଳନକୁ ସାରା ଦେଶରେ ବ୍ୟାପକ କରାଯିବ ବୋଲି ସେ କହିଛନ୍ତି।

## ଫୁରସତ୍

# ଖୁସି ଅଛନ୍ତି ମାନୁଷୀ



ମାନୁଷୀ ଚିଲ୍ଲର

**ନୂଆଦିଲ୍ଲୀ:** ମିସ୍ ୱାର୍ଲ୍ଡର ତାଜ୍ ଜିତି ଭାରତକୁ ଗୌରବ ଆଣି ଦେଇଥିବା ମାନୁଷୀ ଚିଲ୍ଲର ଏବେ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ପୁରା ରେଡି। ସେଥିଲାଗି ସେ ନିଜକୁ ପୁରା ପ୍ରସ୍ତୁତ କରିସାରିଛନ୍ତି। ମାନୁଷୀ ଏବେ ସୋସିଆଲ ମିଡିଆରେ ମଧ୍ୟ ବେଶ୍ ଆକ୍ଟିଭ୍। ଡେବ୍ୟୁ କରିବା ପୂର୍ବରୁ ହିଁ ବଲିଉଡ୍‌ରେ ସୁନ୍ଦରୀମାନଙ୍କ ଲିଷ୍ଟରେ ତାଙ୍କ ନାମ ଗଣା ହୋଇଗଲାଣି। ଦେଖିବାକୁ ଫିଗର୍ ଯେମିତି ସୁନ୍ଦର ମଧ୍ୟ ସେମିତି। ମାନୁଷୀ ଇନ୍‌ଷ୍ଟାରେ ସବୁବେଳେ ଆକ୍ଟିଭ୍ ରହିବା ସହ ଫ୍ୟାନ୍‌ମାନଙ୍କ ସହିତ ଲାଇଭ୍ ଚାଟିଂ ମଧ୍ୟ କରିଥାନ୍ତି। ସେ ଇନ୍‌ଷ୍ଟାରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି ଯେ, ଫିଟ୍ ରହିବାପାଇଁ ସବୁବେଳେ ନିଜକୁ ଧ୍ୟାନ ଦେବାକୁ ପଡ଼େ। ଏହା ହେଉଛି ମୋର ବ୍ୟକ୍ତିଗତ ଅନୁଭୂତି। ଏହାପାଇଁ ମୋତେ ବହୁତ କଷ୍ଟ କରିବାକୁ ପଡ଼େ। କାରଣ ମୁଁ ହେଉଛି ଫୁଡି। ଖାଇବା ଜିନିଷ ପ୍ରତି ମୋର ୱିକ୍‌ନେସ୍ ଅଛି। ସେଥିଲାଗି ଭଲ ଜିନିଷ ଖାଇବାକୁ ହେଲେ ମୋତେ ଏକ୍ସରସାଇଜ୍ ମଧ୍ୟ ସେତିକି କରିବାକୁ ପଡ଼େ। ପ୍ରଫେଶନ୍‌ରେ ଡକ୍ଟର ହୋଇଥିଲେ ବି ଆକ୍ଟିଂ ଏବଂ ମଡେଲିଂ ପ୍ରତି ମୋର ଛୋଟବେଳୁ ଦୁର୍ବଳତା ଥିଲା। ମଣିଷ କଷ୍ଟ କଲେ ନିଶ୍ଚିତ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ। ସେଥିପାଇଁ ମୁଁ ମୋ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଯାଉଛି ବୋଲି ସେ କହିଛନ୍ତି। ସେଥିପାଇଁ ମୁଁ ବହୁତ ଖୁସି। ସୂଚନା ଥାଉ କି, 'ପୃଥ୍ୱୀରାଜ' ଫିଲ୍ମରୁ ମାନୁଷୀ ଡେବ୍ୟୁ କରିବାକୁ ଯାଉଛନ୍ତି। ଏଥିରେ ସେ ଅଭିନେତା ଅକ୍ଷୟ କୁମାରଙ୍କ ଅପୋଜିଟ୍‌ରେ ନଜର ଆସିବେ। ତେବେ ଦେଖିବାକୁ ବାକି ରହିଲା ଦର୍ଶକ ମାନୁଷୀଙ୍କ ଅଭିନୟକୁ କେତେଦୂର ଗ୍ରହଣ କରୁଛନ୍ତି।

# 'ମାଖୁନିକ୍'ର ୨ ଫୁଟିଆ ଘର

**ବାମନଙ୍କ ଗାଁ 'ମାଖୁନିକ୍'। ଲିଲିପୁଟ୍ ଅଫ୍ ଇରାନ୍ ନାମରେ ଜଣାଶୁଣା ଏହି ଗ୍ରାମରେ ଆଜି ବି ଏମିତି ଅନେକ ଘର ରହିଛି, ଯାହା ଭିତରକୁ କେବଳ ୨ରୁ ସାଢ଼େ ୨ଫୁଟିଆ ମଣିଷ ହିଁ ପ୍ରବେଶ କରିପାରିବେ। ଏହି ଗ୍ରାମର ଇତିହାସ ଯେତିକି ରୋଚକ ସେତିକି ଚର୍ଚ୍ଚିତ ଏଠାକାର ଜୀବନଯାପନ ଶୈଳୀ।**



**ତେହେରାନ:** ଆଫଗାନିସ୍ତାନ-ଇରାନ ସୀମାନ୍ତରେ ଅବସ୍ଥିତ 'ମାଖୁନିକ୍'। ୨୦୦ବର୍ଷ ତଳେ ଏଠାକାର ଅଧିକାଂଶ ଜନସାଧାରଣ ଥିଲେ ବାମନ। ତଦନୁଯାୟୀ ସେମାନଙ୍କ ଘରର ଆକାର, ଆବଶ୍ୟକ ଆସବାବପତ୍ର ମଧ୍ୟ ଛୋଟ ଥିଲା। ଆଜି ବି ଏଠାରେ ଏପରି ଅନେକ ଛୋଟ ଛୋଟ ଘର ଦେଖାଯାଏ। ଯଦିଓ ଏବେ ଏଠାକାର ଲୋକଙ୍କ ଉଚ୍ଚତାରେ ପରିବର୍ତ୍ତନ ଆସିଲାଣି ତଥାପି ବୟସ ଅନୁଯାୟୀ ଉଚ୍ଚତା ସ୍ୱାଭାବିକ ନୁହେଁ।

୨୦୦୫ରେ ଅନ୍ତର୍ଜାତୀୟସ୍ତରରେ ଚର୍ଚ୍ଚାକୁ ଆସିଥିଲା 'ମାଖୁନିକ୍'। ଏଠାରେ ଉତ୍‌ଖନନ ବେଳେ ଏକ ମମି ଠାବ କରାଯାଇଥିଲା, ଯାହାର ଲମ୍ବା ଥିଲା ମାତ୍ର ୨୫ ସେ.ମି.। ଏହି ମମି ଏକ ଅପରିପକ୍ୱ ଶିଶୁର ହୋଇଥାଇପାରେ ବୋଲି କେତେଜଣ ବିଶେଷଜ୍ଞ ଦାବିକରିଥିଲେ। ତେବେ ପୂର୍ବରୁ ଗ୍ରାମରେ ସଂଖ୍ୟାଧିକ ବାମନ ରହୁଥିବା ଚର୍ଚ୍ଚା ହେଉଥିବାବେଳେ ଉତ୍‌ଖନନରୁ ମିଳିଥିବା ତଥ୍ୟ ଏହାକୁ କେତେକାଂଶରେ ସତ ବୋଲି ପ୍ରମାଣିତ କରିଥିଲା।

କୁପୋଷଣର ଶିକାର ହେବା ପରେ 'ମାଖୁନିକ୍' ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଉଚ୍ଚତାରେ ଏପରି ଅସ୍ୱାଭାବିକ ପରିବର୍ତ୍ତନ ଆସିଥିବା ବିଶେଷଜ୍ଞମାନେ କହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ସ୍ୱଳ୍ପ ବୃଷ୍ଟିପାତ ଇରାନର ଅନେକ ଅଞ୍ଚଳକୁ ଶୁଷ୍କ କରିଦେଇଛି। ଏହି ସବୁ ଅଞ୍ଚଳରେ ଫସଲ ଉତ୍ପାଦନ କରିବା କାଠିକର ପାଠ। ମାଟି ତଳେ ହେଉଥିବା କନ୍ଦାଜାତୀୟ ଫସଲ ହିଁ ଲୋକଙ୍କ ପ୍ରମୁଖ ଖାଦ୍ୟ ଥିଲା। ମାଖୁନିକ୍ ଅଞ୍ଚଳବାସୀ ମଧ୍ୟ ଏହାକୁ ଖାଉଥିଲେ। ପୁଷ୍ଟିକର ଖାଦ୍ୟାଭାବରୁ ଅଞ୍ଚଳବାସୀ ଉଚ୍ଚତା ଧୀରେ ଧୀରେ ହ୍ରାସ ପାଇଲା ଏବଂ ସମଗ୍ର ଗାଁ କମ୍ ଉଚ୍ଚତା ବିଶିଷ୍ଟ ଲୋକରେ ଭର୍ତ୍ତି ହୋଇଗଲା। ଅନ୍ୟ ଏକ ତଥ୍ୟ ଅନୁଯାୟୀ, 'ମାଖୁନିକ୍' ଆଖପାଖ ଅଞ୍ଚଳର ଜଳସ୍ରୋତରେ ପାରଦ ମାତ୍ରା ଅଧିକ, ଯଦ୍ୱାରା ଲୋକଙ୍କ ଉଚ୍ଚତାକୁ ପ୍ରଭାବିତ କରିଥିଲା ବୋଲି ବୈଜ୍ଞାନିକମାନେ ଦାବି କରନ୍ତି। ଯାତାୟାତର ସୁବିଧା ନ ଥିବାରୁ ଦୀର୍ଘଦିନ ଯାଏ 'ମାଖୁନିକ' ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ହୋଇରହିଥିଲା। ବିଂଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଗ୍ରାମକୁ ସଡ଼କ ନିର୍ମାଣ ହେବା ପରେ ଅଧିବାସୀଙ୍କ ଜୀବନଧାରଣ ଶୈଳୀରେ ପରିବର୍ତ୍ତନ ଆସିଲା। ସେମାନେ ସହରାଭିମୁଖୀ ହୋଇ ରୋଜଗାର କରିବା ଆରମ୍ଭ କଲେ। ଖାଦ୍ୟପେୟରେ ସୁଧାର ଆସିବା ପରେ ସେମାନଙ୍କ ଉଚ୍ଚତା ବଢ଼ିବା ଆରମ୍ଭ କଲା। ମାଖୁନିକ୍‌ରେ ପାଖାପାଖି ୨୦୦ ଘର ରହିଛି। ତନ୍ମଧ୍ୟରୁ ୮୦ଟି ବାସଗୃହ ୨ରୁ ୩ ଫୁଟିଆ ଲୋକ ରହିପାରିବା ଭଳି। ଏପରି ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ଘର 'ମାଖୁନିକ୍'କୁ ନୂଆ ପରିଚୟ ଦେଇଛି। ଏହାକୁ ଦେଖିବାକୁ ଦେଶବିଦେଶରୁ ବହୁ ପର୍ଯ୍ୟଟକ ଆସୁଛନ୍ତି। ଏହି ଶୁଷ୍କ ଅଞ୍ଚଳରେ ଚାଷବାସ ହେଉ ନ ଥିବାବେଳେ ପର୍ଯ୍ୟଟନର ବିକାଶ ହେଲେ ଲୋକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିବ ବୋଲି ଅନେକେ ମତ ଦେଇଛନ୍ତି।

କେବଳ ମାଖୁନିକ୍ ନୁହେଁ, ଚାଇନାର ସିଚୁଆନ ପ୍ରଦେଶର 'ୟାଙ୍ଗସୀ' ମଧ୍ୟ ବାମନଙ୍କ ଗାଁ ଭାବରେ ପରିଚିତ। ଏଠାକାର ଅଧାରୁ ଅଧିକ ଲୋକଙ୍କ ହାରାହାରି ଉଚ୍ଚତା ୨ ଫୁଟ। ଲୋକଙ୍କ ଏପରି କମ୍ ଉଚ୍ଚତାର କାରଣ ଆଜିବି ରହସ୍ୟାବୃତ ହୋଇରହିଛି। ଏହାର କାରଣ ଜାଣିବାକୁ ବୈଜ୍ଞାନିକମାନେ ମାଟି, ପାଣି ଏବଂ ବାୟୁମଣ୍ଡଳ ଉପରେ ଅଧ୍ୟୟନ କରିଥିଲେ ମଧ୍ୟ ସେମାନଙ୍କୁ ସଫଳତା ମିଳିପାରିନାହିଁ।

# ବିମାନରେ ତୀବ୍ର ବେଗରେ ହୋଇଥାଏ ସଂକ୍ରମଣ



ବିମାନରେ କରୋନା ସଂକ୍ରମଣକୁ ନେଇ ଦୁଇଟି ଅଧ୍ୟୟନ କରାଯାଇଛି, ଯେଉଁଥିରୁ ଆଶ୍ଚର୍ଯ୍ୟ କରିଦେଲା ଭଳି କଥା ଜାଣିବାକୁ ମିଳିଛି। ନିକଟରେ ପ୍ରକାଶିତ ଏହି ଅଧ୍ୟୟନରୁ ଲଣ୍ଡନରୁ ଭିଏତ୍‌ନାମ ଯିବାକୁ ଥିବା ବିମାନରେ ଜଣେ ସଂକ୍ରମିତ ମହିଳାଙ୍କ ଯୋଗୁ ୧୫ ଜଣ ଲୋକ ସଂକ୍ରମିତ ହୋଇଥିଲେ ବୋଲି ଜଣାପଡ଼ିଛି।

ରିପୋର୍ଟରୁ ପ୍ରକାଶ, ଗଳାରେ କଷ୍ଟ ଅନୁଭବ କରିବା ଏବଂ କଫରେ ପୀଡ଼ିତ ଜଣେ ମହିଳା ବିମାନରେ ନିଜ ଘର ଭିଏତ୍‌ନାମକୁ ଯାଉଥିଲେ। ୧୦ ଘଣ୍ଟା ପରେ ଯେତେବେଳେ ଏହି ବିମାନ ଅବତରଣ କଲା ସେତେବେଳେ ଅନ୍ୟ ୧୫ ଜଣ ସଂକ୍ରମିତ ହୋଇସାରିଥିଲେ। ଭିଏତ୍‌ନାମର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇଜିନ୍‌ର ଗବେଷକମାନେ ଏହି ଅଧ୍ୟୟନ କରି କହିଛନ୍ତି।

ଗବେଷକମାନେ କୁହନ୍ତି, ବହୁଦୂର ବିମାନ ଯାତ୍ରାରେ କରୋନା ଭୂତାଣୁ ସଂକ୍ରମଣ ଆଶଙ୍କା ଅଧିକ ରହିଥାଏ। ଜଣଙ୍କଠାରୁ ଅନ୍ୟମାନଙ୍କୁ ଖୁବ୍ ତୀବ୍ର ବେଗରେ ଏହା ସଂକ୍ରମିତ କରିଥାଏ। ଦୂରରେ ବସିଲେ ମଧ୍ୟ ବିମାନରେ କରୋନା ସଂକ୍ରମଣ ଆଶଙ୍କା କମିବ ନାହିଁ। ଅଧ୍ୟୟନରେ କୁହାଯାଇଛି, କରୋନା ରୋକିବା ପାଇଁ ବିମାନଯାତ୍ରୀମାନଙ୍କ ସ୍କ୍ରିନିଂ ଏବଂ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯିବା ଜରୁରୀ।

ଆଉ ଏକ ଘଟଣା ହେଉଛି ହଂକଂର। ଏଠାରେ ଏକ ଦମ୍ପତି ବିମାନରେ ଯାତ୍ରା କରିଥିଲେ। ସେହି ବିମାନରେ ଦୁଇ କର୍ମଚାରୀ କରୋନା ସଂକ୍ରମିତ ହୋଇଥିଲେ। ସେତେବେଳେ ମାସ୍କ ବ୍ୟବହାର ବାଧ୍ୟତାମୂଳକ ନ ଥିଲା। ତେଣୁ ଏହି ୪ ଜଣ କରୋନା ସଂକ୍ରମିତ ହୋଇଥିଲେ। ପରୀକ୍ଷାରୁ ଜଣାପଡ଼ିଥିଲା ସମସ୍ତଙ୍କର ସମାନ ରିପୋର୍ଟ ଆସିଛି। ତେଣୁ ବିମାନ ଯାତ୍ରା ସମୟରେ କରୋନା ସଂକ୍ରମଣ ଅଧିକ ବୋଲି ଗବେଷକମାନେ ପରୀକ୍ଷା କରି କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୦,୮୧୫,୨୭୮ | ୯,୫୮,୨୩୨ | ୨୨,୪୩୬,୯୬୨ |
| ଭାରତ | ୫୩,୫୧,୭୨୩ | ୮୬,୦୪୩ | ୪୨,୪୯,୬୪୮ |
| ଓଡ଼ିଶା | ୧,୭୫,୫୫୦ | ୬୯୧(+୫୩) | ୧,୪୧,୬୫୭ |

ଶନିବାର ରାତି ୯ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବଜ୍ରପାତରେ ୩ ମୃତ

ରାୟଗଡ଼ା ଅଫିସ/ମୁନିଗୁଡ଼ା,୧୯।୯ (ଡି.ଏନ୍.ଏ.): ରାୟଗଡା ଜିଲାରେ ଶନିବାର ବଜ୍ରପାତ ଘଟି ୩ ଜଣଙ୍କ ମୃତ୍ୟୁ ହୋଇଯାଇଛି। ଦୁଇଜଣ ମୁନିଗୁଡା ଓ ଜଣେ କଲ୍ୟାଣସିଂହପୁର ବ୍ଲକର ବୋଲି ସୂଚନା ମିଳିଛି। ମୃତକମାନେ ହେଲେ ମୁନିଗୁଡ଼ା ବ୍ଲକ ଅମ୍ବାଦଳା ଗାଁର ନରେଶ ସୁନା (୨୬) ଓ ଅର୍ଜିଲଲ ପଲକିଆ (୩୪) ଓ କଲ୍ୟାଣସିଂହପୁର ବ୍ଲକ ପୂଜାରୀଗୁଡା ପଞ୍ଚାୟତ ବିନିଶିପୁର ଗ୍ରାମର ସାଙ୍ଗାନା କାଡ୍ରାକା (୪୮)। ବଜ୍ରପାତରେ ଅମ୍ବାଦଳା ଗାଁର ତ୍ରିପତି ହିଆଲ ନାମକ ଜଣେ ଯୁବକ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ଅମ୍ବାଦଳା ଗାଁର ନରେଶ ଓ ଅର୍ଜିଲଲ ନଦୀକୁ ଶୌଚ ପାଇଁ ଯାଇଥିଲେ। ସେହିଭଳି ତ୍ରିପତି ସେଠାରେ ଗାଈ ଚରାଉଥିଲେ। ଏହି ସମୟରେ ବର୍ଷା ହେବାରୁ ସେମାନେ ନିକଟସ୍ଥ ଏକ ଆମ୍ବଗଛ ମୂଳେ ଠିଆ ହୋଇଥିଲେ। ହଠାତ୍ ବଜ୍ରପାତ ହେବାରୁ ନରେଶ ଓ ଅର୍ଜିଲଲ ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ତ୍ରିପତି ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଅମ୍ବାଦଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିଭଳି କଲ୍ୟାଣସିଂହପୁର ବ୍ଲକ ପୂଜାରୀଗୁଡା ପଞ୍ଚାୟତ ବିନିଶିପୁର ଗ୍ରାମର ସାଙ୍ଗାନା କାଡ୍ରାକା ଝିଅ ସୁଭଦ୍ରାଙ୍କ ସହ ଜମିରେ କାମ କରୁଥିବାବେଳେ ପ୍ରବଳ ବର୍ଷା ହୋଇଥିଲା। ସେମାନେ ସେଠାରୁ ଆସି ଗାଁ ନିକଟ ତେନ୍ତୁଳି ଗଛ ତଳେ ଛିଡା ହୋଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଉଭୟ ଚେତାଶୂନ୍ୟ ହୋଇଯାଇଥିଲେ। ସୁଭଦ୍ରାଙ୍କ ଚେତା ଫେରିବା ପରେ ସେ ସାଙ୍ଗାନାଙ୍କୁ ଉଠାଇବାରେ ବିଫଳ ହୋଇଥିଲେ। ସାଙ୍ଗାନାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଡିଜିଟାଲ ପେମେଣ୍ଟରେ ବାହାରୁଛି ପେଟ୍ରୋଲ

**ମେଶିନ ତିଆରି କରି ଚର୍ଚ୍ଚାରେ ଯୁବକ**

ଦୀପକ ମିଶ୍ର
କେନ୍ଦୁଝର, ୧୯।୯



ପେଟ୍ରୋଲ ମେଶିନ ସହ ଜିତେନ୍ଦ୍ର।

ଟଙ୍କା ଭର୍ତ୍ତି କଲେ ପେଟ୍ରୋଲ ବାହାରୁଥିବା ମେଶିନ ତିଆରି କରି ଲୋକଙ୍କୁ ଚକିତ କରିଦେଇଥିବା ଆଦିବାସୀ ଯୁବକ ଏବେ ଆଉ ପାଦେ ଆଗକୁ ବଢିଛନ୍ତି। ସେ ଦୃଢ ଇଚ୍ଛାଶକ୍ତି ବଳରେ ନିଜର ଉଦ୍ଭାବନକୁ ଅତ୍ୟାଧୁନିକ ରୂପ ଦେବାରେ ସଫଳ ହୋଇଛନ୍ତି। ଏବେ ଡିଜିଟାଲ ପେମେଣ୍ଟ ମାଧ୍ୟମରେ ପେଟ୍ରୋଲ ବାହାରିବା ମେଶିନ ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ବ୍ରାହ୍ମଣୀପାଳର ଜିତେନ୍ଦ୍ର ହେମ୍ବ୍ରମ୍।

କାହ୍ନୁଚରଣ ହେମ୍ବ୍ରମଙ୍କ ପୁଅ ଜିତେନ୍ଦ୍ରଙ୍କର ପାଠ ପଢିବାକୁ ଅନେକ ଇଚ୍ଛା ଥିଲେ ବି ଆର୍ଥିକ ସମସ୍ୟା ତାଙ୍କ ବାଟ ଓଗାଳିଥିଲା। କଷ୍ଟେମଷ୍ଟେ ସେ ଦଶମ ଶ୍ରେଣୀ ଯାଏ ପାଠ ପଢିଛନ୍ତି। ବ୍ରାହ୍ମଣୀପାଳ ଓ ଆଖପାଖ ଅଞ୍ଚଳରେ ପେଟ୍ରୋଲ ପମ୍ପ ନ ଥିବା କାରଣରୁ ଏଠାକାର ଅଞ୍ଚଳବାସୀ ଦୀର୍ଘ ୨୦ କି.ମି. ଦୂର ଯାଜପୁର ଜିଲା ଜୁବୁରୀ ପେଟ୍ରୋଲ ପମ୍ପ ଉପରେ ନିର୍ଭର କରୁଥିଲେ। ବ୍ରାହ୍ମଣୀପାଳ ଅଞ୍ଚଳରେ ଖୁଚୁରା ପେଟ୍ରୋଲ ବିକ୍ରି ହେଉଥିଲେ ମଧ୍ୟରାତ୍ରରେ ଆବଶ୍ୟକ ବେଳେ ପେଟ୍ରୋଲ ପାଇଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ଏହାର ସମାଧାନ ପାଇଁ ନିଜସ୍ୱ ଜ୍ଞାନ କୌଶଳରେ ସେ ପ୍ରଥମେ ଏକ ମିନି ପେଟ୍ରୋଲ ପମ୍ପ ତିଆରି କରି ଚର୍ଚ୍ଚାକୁ ଆସିଥିଲେ। ନିଜର ଏହି ଉଦ୍ଭାବନକୁ ଅତ୍ୟାଧୁନିକ ରୂପ ଦେଇ ଏବେ ଡିଜିଟାଲ ପେମେଣ୍ଟରେ ପେଟ୍ରୋଲ ବାହାରିବା ବ୍ୟବସ୍ଥା କରିବାରେ ସଫଳ ହୋଇଛନ୍ତି। ଏହି ମେଶିନ ନିର୍ମାଣ ପାଇଁ ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡିଛି। ପାଖରେ ଆବଶ୍ୟକ ଟଙ୍କା ନ ଥିଲେ ମଧ୍ୟ ବିଭିନ୍ନ ସ୍ଥାନରୁ ପୁରୁଣା ଯନ୍ତ୍ରାଂଶ ସଂଗ୍ରହ କରି ଦୀର୍ଘ ୬/୭ ମାସ ଅକ୍ଳାନ୍ତ ପରିଶ୍ରମ କରି ଲୋକଙ୍କୁ ୨୪ଘଣ୍ଟା ସେବା ଯୋଗାଉଥିବା ମିନି ପେଟ୍ରୋଲ ପମ୍ପ ତିଆରି କରିବାରେ ସକ୍ଷମ ହୋଇଛନ୍ତି। ଏହି ମିନି ପେଟ୍ରୋଲ ପମ୍ପରେ ୧୦୦ଟଙ୍କିଆ ଓ ୫୦ଟଙ୍କିଆ ନୋଟ ଭର୍ତ୍ତି କଲେ ସେହି ଅନୁଯାୟୀ ଠିକ୍ ପରିମାଣର ପେଟ୍ରୋଲ ପାଇପାରୁଥିବା ଗ୍ରାହକ ଏବେ ଡିଜିଟାଲ ପେମେଣ୍ଟର ସୁବିଧା ନେଉଛନ୍ତି। ତେବେ ଦିନ ରାତି ସେବା ପାଇପାରୁଥିବାରୁ ଗ୍ରାହକମାନେ ଖୁସି ପ୍ରକାଶ କରିଛନ୍ତି। କେବଳ ଏତିକି ନୁହେଁ ସେ ଆଗକୁ ଅନ୍ୟ ମେଶିନ ତିଆରି କରି ସମାଜର ମଙ୍ଗଳ ପାଇଁ ପ୍ରୟାସ ଜାରି ରଖିଥିବା କହିଛନ୍ତି। ତେବେ ନିରନ୍ତର ପ୍ରୟାସ ଜାରି କରି ଆସୁଥିବା ଏହି ଯୁବକଙ୍କୁ ସରକାରୀ ପ୍ରୋତ୍ସାହନ ମିଳିଲେ ନିଜର ପେଟ୍ରୋଲ ପମ୍ପକୁ ଅଧିକ ଉନ୍ନତମାନର କରିବା ଲକ୍ଷ୍ୟ ରଖିଛନ୍ତି ବୋଲି କୁହନ୍ତି ଜିତେନ୍ଦ୍ର।

# ଶାରଦା ପ୍ରସନ୍ନ ନାୟକଙ୍କ ନାମରେ 'ଗୀତିକବିତା ପୁରସ୍କାର'



ସଂସ୍କୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧିକାରୀମାନେ।

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

- ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ପ୍ରତିବର୍ଷ ଦିଆଯିବ ପୁରସ୍କାର
- ପୁରସ୍କାର ରାଶି ଅଢେଇ ଲକ୍ଷକୁ ବୃଦ୍ଧି

ବିଶିଷ୍ଟ ଗୀତିକାର, ପ୍ରଯୋଜକ ତଥା ସଙ୍ଗୀତ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ନାୟକଙ୍କ ସ୍ମୃତିକୁ ଉଜ୍ଜୀବିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ 'ଶାରଦା ପ୍ରସନ୍ନ ନାୟକ ଗୀତି କବିତା ପୁରସ୍କାର' ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଗୀତିକବିତା ପାଇଁ ପ୍ରଦାନ କରାଯାଉଥିବା ପୁରସ୍କାରକୁ ଶାରଦା ପ୍ରସନ୍ନ ନାୟକଙ୍କ ନାମରେ ନାମିତ କରାଯିବ। ଏ ସମ୍ପର୍କିତ ପୁରସ୍କାର ରାଶି ୨.୫ ଲକ୍ଷକୁ ବୃଦ୍ଧି କରାଯାଇଛି। ଏତଦ୍‌ବ୍ୟତୀତ ଏହି ମହାନ୍ ପ୍ରତିଭାଙ୍କ ସ୍ମୃତିରେ ନିର୍ମିତ ଅଧଘଣ୍ଟିଆ ବୃତ୍ତଚିତ୍ରକୁ ଦୂରଦର୍ଶନରେ ପ୍ରସାରଣ କରାଯିବାକୁ ସ୍ଥିର କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ସହଯୋଗରେ ଏହାକୁ ପ୍ରସ୍ତୁତ କରାଯାଇଛି।

ଓଡ଼ିଶା ସାରସ୍ୱତ ଜଗତର ଅମଳିନ ପ୍ରତିଭା ହେଉଛନ୍ତି ଶାରଦା ପ୍ରସନ୍ନ। ଜଣେ ଗୀତିକାର, ପ୍ରଯୋଜକ, ସଙ୍ଗୀତ ନିର୍ଦ୍ଦେଶକ ଭାବେ ଓଡ଼ିଆ ସାଂସ୍କୃତିକ ଜଗତରେ ସେ ଅଲିଭା ସ୍ମୃତି ଛାଡ଼ିଯାଇଛନ୍ତି। ଏହି ମହାନ୍ ସ୍ରଷ୍ଟାଙ୍କ ଅବଦାନକୁ ସମ୍ମାନ ଜଣାଇ ରାଜ୍ୟ ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ସହଯୋଗରେ ଶନିବାର ପୂର୍ବାହ୍ନରେ ଏକାଦଶାହ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ନିର୍ଦ୍ଦେଶକ ଓ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ, ସଂଗୀତ ନାଟକ ଏକାଡେମୀର ସଭାପତି ତଥା ଅତିରିକ୍ତ ଶାସନ ସଚିବ ଡ. ରାମକୃଷ୍ଣ ସାହୁ, ଏକାଡେମୀ ସଚିବ ପ୍ରବୋଧ ରଥ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସଂଗୀତା ଗୋସାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ସଭାରେ ଅଧ୍ୟକ୍ଷତା କଲେ ଓଡ଼ିଆ ଏମ୍‌ପି

**୨୦ ବର୍ଷ ପରେ ଓଡ଼ିଶା ପାଇଁ ଗୌରବ**

ଭୁବନେଶ୍ୱର,୧୯।୯(ବ୍ୟୁରୋ)


ସସ୍ମିତ ପାତ୍ର

ଦୀର୍ଘ ୨୦ବର୍ଷ ପରେ ଓଡ଼ିଶା ଏମ୍‌ପି ରାଜ୍ୟ ସଭା ଗୃହ ପରିଚାଳନାରେ ଅଧ୍ୟକ୍ଷତା କରିଛନ୍ତି। ରାଜ୍ୟ ପାଇଁ ଏକ ଗୌରବର ମୁହୂର୍ତ୍ତ। ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଶନିବାର ଉପାଧ୍ୟକ୍ଷଙ୍କ ଅନୁପସ୍ଥିତିରେ ରାଜ୍ୟ ସଭାରେ ଅଧ୍ୟକ୍ଷତା କରିଛନ୍ତି। ମହାମାରୀ ରୋଗ (ସଂଶୋଧନ) ଅଧ୍ୟାଦେଶ-୨୦୨୦ ବିଲ୍ ରାଜ୍ୟ ସଭାରେ ଆଲୋଚନା ହେଉଥିବା ବେଳେ ସେ ଗୃହରେ ଅଧ୍ୟକ୍ଷତା କରିଥିଲେ। ସଭା କାର୍ଯ୍ୟ ଚଳାଇବା ପାଇଁ ଗୃହକୁ ପ୍ରବେଶ କରିବା ମାତ୍ରେ ଉପସ୍ଥିତ ସଦସ୍ୟମାନେ ସସ୍ମିତଙ୍କୁ ସ୍ୱାଗତ କରିଥିଲେ। ସଭାକାର୍ଯ୍ୟ ଶେଷ ହେବା ପରେ ତାଙ୍କୁ ବିଭିନ୍ନ ଦଳର ଏମ୍‌ପିମାନେ ଶୁଭେଚ୍ଛା ଜଣାଇବା ସହ ସର୍ବକନିଷ୍ଠ ସଦସ୍ୟ ଭାବେ ଗୃହକୁ ଧୈର୍ଯ୍ୟ ଏବଂ ନମ୍ରତାର ଚଳାଇବା ଦକ୍ଷତାକୁ ପ୍ରଶଂସା କରିଥିଲେ। ଏହି ଗୌରବପୂର୍ଣ୍ଣ ମୁହୂର୍ତ୍ତକୁ ସସ୍ମିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟର ୪.୫ କୋଟି ଲୋକଙ୍କୁ ଉତ୍ସର୍ଗ କରିଛନ୍ତି। ଯେଉଁମାନଙ୍କ ବିନା ରାଜ୍ୟ ସଭାକୁ ଯିବା ସମ୍ଭବ ହୋଇ ପାରି ନ ଥା'ନ୍ତା। ପାର୍ଲାମେଣ୍ଟର ଉଚ୍ଚ ସଦନକୁ ପରିଚାଳନା କରିବା ରାଜ୍ୟ ପାଇଁ ଏକ ସମ୍ମାନର ବିଷୟ ବୋଲି ସେ କହିଛନ୍ତି।

# ସୁପ୍ରିମକୋର୍ଟରେ ପହଞ୍ଚିଲା ବର୍ଷା-ଅନୁଭବ ବିବାଦ

କଟକ ଅଫିସ, ୧୯।୯

ଏମ୍‌ପି ତଥା ଓଲିଉଡ୍ ଅଭିନେତା ଅନୁଭବ ମହାନ୍ତି ଏବଂ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ବିବାଦ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଦିଲ୍ଲୀ ପଟିଆଲା କୋର୍ଟରେ ଅନୁଭବ ସ୍ତ୍ରୀ ବର୍ଷାଙ୍କୁ ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଶନିବାର ବର୍ଷା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦିଲ୍ଲୀ ପଟିଆଲା କୋର୍ଟର ମାମଲାକୁ କଟକ ପରିବାର ଅଦାଲତକୁ ସ୍ଥାନାନ୍ତର କରିବାକୁ ବର୍ଷା ନିଜ ଆବେଦନରେ ପ୍ରାର୍ଥନା କରିଛନ୍ତି।

ଦିଲ୍ଲୀ ପଟିଆଲା କୋର୍ଟରେ ଅନୁଭବ ଯେଉଁ ମାମଲା କରିଛନ୍ତି, ତାହାକୁ ବିଭିନ୍ନ କାରଣରୁ ସେଠାକୁ ଯାଇ ସମ୍ମୁଖୀନ ହେବା ସହଜ ନୁହେଁ। ଏହା ମୋ' ପାଇଁ ବ୍ୟୟବହୁଳ ହେବ ବୋଲି ବର୍ଷା ନିଜ ଆବେଦନରେ ଉଲ୍ଲେଖ କରିଛନ୍ତି। ପ୍ରତି ଶୁଣାଣିରେ ତାଙ୍କୁ ଦିଲ୍ଲୀ ଯିବାକୁ ପଡ଼ିବ। ଏଥିରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅନୁଭବ ସୁପ୍ରିମ୍‌କୋର୍ଟରେ ଏକ କ୍ୟାଭେଟ୍ ପିଟିଶନ ଦାଖଲ କରିଥିବା ଜଣାପଡ଼ିଛି। ସେ ନିଜ ପକ୍ଷ ରଖିବା ପୂର୍ବରୁ ଏହି ମାମଲା ସ୍ଥାନାନ୍ତର ନ କରିବାକୁ ସେ ପ୍ରାର୍ଥନା କରିଛନ୍ତି।

# ୭ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୯(ବ୍ୟୁରୋ)

- ୩ ଦିନ ପ୍ରବଳ ବର୍ଷିବ
- ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର, ଉତ୍ତର ଆନ୍ଧ୍ର ଉପକୂଳ ଏବଂ ଦକ୍ଷିଣ ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡା ଜିଲାର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉକ୍ତ ଜିଲାଗୁଡିକର ତଳିଆ ଅଞ୍ଚଳରେ ପାଣି ଜମିବା ସହ କଚ୍ଚାଘର, ମାଟି ରାସ୍ତା ଧୋଇ ହେବାର ସମ୍ଭାବନା ରହିଛି। ଏହି ଜିଲାଗୁଡିକ ପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, କେନ୍ଦୁଝର, ସୁନ୍ଦରଗଡ, ସମ୍ବଲପୁର, ଅନୁଗୋଳ, ଦେବଗଡ଼ ଏବଂ କଳାହାଣ୍ଡି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଏସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୧ ତାରିଖରେ ୧୦ ଜିଲାରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି।

# ଆକ୍ରାନ୍ତ ସଂଖ୍ୟା ୧,୭୫,୫୫୦କୁ ବୃଦ୍ଧି

**ଆଉ ୪,୨୦୯ ପଜିଟିଭ୍, ୯ ମୃତ**

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

ରାଜ୍ୟରେ କରୋନା ଭୂତାଣୁ ବେଶ୍ ସକ୍ରିୟ ରହିଛି। ସଂକ୍ରମଣ ବଢ଼ି ଚାଲିଥିବାବେଳେ ଶେଷ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୪,୨୦୯ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୨,୪୪୧ଜଣ ପଜିଟିଭ୍ ବାହାରିଥିବାବେଳେ ୧,୭୬୮ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ସଂକ୍ରମିତ ସଂଖ୍ୟା ୧,୭୫,୫୫୦କୁ ବୃଦ୍ଧି ପାଇଛି।

ତେବେ ସଂକ୍ରମଣରେ ଶୀର୍ଷରେ ଥିବା ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୬୬୩ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ତଳକୁ କଟକରେ ୪୯୧, ପୁରୀ ୩୨୬, ବାଲେଶ୍ୱର ୧୮୩, ଯାଜପୁର ୧୭୬, ସମ୍ବଲପୁର ୧୫୪, ଜଗତ୍‌ସିଂହପୁର ୧୪୬, କେନ୍ଦ୍ରାପଡ଼ା ୧୨୩, ସୁନ୍ଦରଗଡ଼ ୧୨୧, ବରଗଡ଼ ୧୧୬, କୋରାପୁଟ ୧୧୪, ଅନୁଗୋଳ ୧୦୯, ମୟୂରଭଞ୍ଜ ୧୦୭, ନବରଙ୍ଗପୁର ଓ କନ୍ଧମାଳରୁ ୧୦୨ଜଣ ଲେଖାଏ ରହିଛନ୍ତି। ଅନ୍ୟସବୁ ଜିଲାରେ ନୂଆ ଆକ୍ରାନ୍ତ ସଂଖ୍ୟା ଶହେ ତଳକୁ ରହିଛି। ଦେବଗଡ଼ ଜିଲାରେ ସବୁଠାରୁ କମ୍ ଆଉ ୨୩ଜଣ ସଂକ୍ରମିତ ହୋଇଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡିଛି।

ଅନ୍ୟପଟେ ରାଜ୍ୟରେ ଆଉ ୯ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି। ଭଦ୍ରକରୁ ୨ଜଣ ମରିଥିବାବେଳେ ଭଦ୍ରକ, ବଲାଙ୍ଗୀର, ଗଜପତି, କଟକ, ପୁରୀ, ରାୟଗଡ଼ା ଓ ସମ୍ବଲପୁରରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୬୯୧ ଛୁଇଁଛି। ସେପଟେ ରାଜ୍ୟରେ ପୁଣି କରୋନାରୁ ଆରୋଗ୍ୟ ହୋଇଛନ୍ତି ଆଉ ୪,୦୯୦ ଆକ୍ରାନ୍ତ। ଏବେ ମୋଟ ଆରୋଗ୍ୟ ସଂଖ୍ୟା ୧,୪୧,୬୫୭ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଚିଲିକା, ଅଂଶୁପା ପାଇଁ କେନ୍ଦ୍ର ଦେଇଛି ୪.୭ କୋଟି

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

ନ୍ୟାଶନାଲ୍ ପ୍ଲାନ୍ ଫର୍ କଞ୍ଜରଭେଶନ୍ ଅଫ୍ ଆକ୍ୱାଟିକ ଇକୋସିଷ୍ଟମ (ଏନପିସିଏ) ଅଧୀନରେ ଗତ ୨ବର୍ଷରେ କେନ୍ଦ୍ର ସରକାର ଓଡ଼ିଶାକୁ ୪.୭ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଦେଶର ସର୍ବବୃହତ୍ ଲବଣ ଜଳ ହ୍ରଦ ଚିଲିକା ଏବଂ ଓଡ଼ିଶାର ବୃହତ୍ତମ ମଧୁର ଜଳ ହ୍ରଦ ଅଂଶୁପାର ପୁନରୁଦ୍ଧାର ଏବଂ ରକ୍ଷଣାବେକ୍ଷଣ ଲାଗି ଏହି ଅନୁଦାନ ରାଶି ପ୍ରଦାନ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧର୍ମେନ୍ଦ୍ର ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ମୋଦିଙ୍କ ନେତୃତ୍ୱ ଏବଂ ଜାଭଡେକରଙ୍କ ଦକ୍ଷ କାର୍ଯ୍ୟଶୈଳୀ ଯୋଗୁ ଜୈବ ବିବିଧତାର ସଂରକ୍ଷଣ, ସୁରକ୍ଷା ଏବଂ ପରିଚାଳନା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇପାରିଛି। ୩ବର୍ଷ ପୂର୍ବେ ଦଳ ଓ ଆବର୍ଜନାରେ ପୋତି ହୋଇଯାଇଥିବା ଅଂଶୁପା ହ୍ରଦର ପୁନରୁଦ୍ଧାର କରାଯାଇଛି। ସନ୍ତସନ୍ତିଆ ଅଞ୍ଚଳର ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ପରିବେଶ ପର୍ଯ୍ୟଟନର ସମ୍ଭାବନା ରଖିଥିବା ଅଂଶୁପା ଏବଂ ଚିଲିକା ହ୍ରଦ ପ୍ରବାସୀ ପକ୍ଷୀଙ୍କ ଘର ପାଲଟିଛି। ପ୍ରକୃତିପ୍ରେମୀଙ୍କ ମନମୋହିଲା ଭଳି ଏଠାରେ ପରିବେଶ ରହିଛି। ଏହି ଦୁଇ ହ୍ରଦର ଭବିଷ୍ୟତ, ସୁରକ୍ଷା ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡ଼ିଶା ଭଳି ରାଜ୍ୟରେ ସନ୍ତସନ୍ତିଆ ଅଞ୍ଚଳ ଆର୍ଥିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରାକୃତିକ ବିପର୍ଯ୍ୟୟରୁ ମଧ୍ୟ ସୁରକ୍ଷା ଦେବାରେ ସହାୟକ ହୋଇଥାଏ ବୋଲି ଧର୍ମେନ୍ଦ୍ର ନିଜ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

# ୪ବର୍ଷ ପରେ କମିଲେ ପର୍ଯ୍ୟଟକ

ଭୁବନେଶ୍ୱର,୧୯।୯(ବ୍ୟୁରୋ)

- ୨୦୧୯-୨୦ ବର୍ଷରେ ଓଡ଼ିଶାକୁ ୩.୧୨% କମ୍ ଆସିଛନ୍ତି
- ୨୦୨୦-୨୧ରେ ଆହୁରି କ୍ଷତିସହିବ ପର୍ଯ୍ୟଟନ ଶିଳ୍ପ




ଗତ କିଛିବର୍ଷ ଧରି ରାଜ୍ୟକୁ କ୍ରମାଗତ ଭାବେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଥିଲା। କେବଳ ଘରୋଇ ପର୍ଯ୍ୟଟକ ନୁହେଁ, ବିଦେଶୀ ପର୍ଯ୍ୟଟକଙ୍କ କ୍ଷେତ୍ରରେ ମଧ୍ୟ ଏହି ଅଭିବୃଦ୍ଧି ଦେଖିବାକୁ ମିଳିଥିଲା। ଲଗାତାର ୩ବର୍ଷ ଧରି ଓଡ଼ିଶାରେ ପର୍ଯ୍ୟଟକଙ୍କ ଆଗମନ ଗ୍ରାଫ୍ ଉପରମୁହାଁ ରହିଥିଲା। ଫଳରେ ରାଜ୍ୟକୁ ଏହି କ୍ଷେତ୍ରରୁ ଭଲ ରାଜସ୍ୱ ଆସୁଥିଲା। ଏପରି କି ଆସନ୍ତା କିଛିବର୍ଷ ମଧ୍ୟରେ ଓଡ଼ିଶା ଗ୍ଲୋବାଲ୍ ଟୁରିଜମ୍ ମ୍ୟାପ୍‌ରେ ଏକ ପ୍ରମୁଖ ସ୍ଥାନ ହାସଲ କରିବ ବୋଲି ଆଶା ରହିଥିଲା। ମାତ୍ର ଚଳତବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ହେଲେ ବିପର୍ଯ୍ୟୟ ପର୍ଯ୍ୟଟକଙ୍କ ଆଗମନରେ ବଡ଼ ବାଧା ସୃଷ୍ଟି କଲା। ପ୍ରଥମେ ମହାବାତ୍ୟା ଫନୀ, ଆଉ ଏବେ କରୋନା ମହାମାରୀ ବାଟ ଓଗାଳିଲା। ଏମିତି କେତେକ ଘଟଣା ଯୋଗୁ ୪ବର୍ଷ ପରେ ରାଜ୍ୟକୁ ପର୍ଯ୍ୟଟକଙ୍କ ଆଗମନ କମିଛି। ପର୍ଯ୍ୟଟନ ବିଭାଗର ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୧୯-୨୦ ବର୍ଷରେ ଓଡ଼ିଶାକୁ ପୂର୍ବବର୍ଷଠାରୁ ୩.୧୨% କମ୍ ପର୍ଯ୍ୟଟକ ଆସିଛନ୍ତି। ତେବେ ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଯେତିକି ପର୍ଯ୍ୟଟକ ଆସିଛନ୍ତି, କରୋନା ବ୍ୟାପିବା ପରଠାରୁ ଢେର୍ କମିଯାଇଛି। ୨୦୨୦-୨୧ ବର୍ଷ ରାଜ୍ୟ ପର୍ଯ୍ୟଟନ ପାଇଁ ଆହୁରି କ୍ଷତିକାରକ ହେବ ବୋଲି ବିଶେଷଜ୍ଞ ଆଶଙ୍କା କରିଛନ୍ତି।

୨୦୧୪-୧୫ ତୁଳନାରେ ୨୦୧୫-୧୬ରେ ୯.୦୯% ଅଧିକ ଘରୋଇ ଓ ବିଦେଶୀ ପର୍ଯ୍ୟଟକ ଆସିଥିଲେ। ସେହିଭଳି ୨୦୧୬-୧୭ରେ ୮.୬୯%, ୨୦୧୭-୧୮ରେ ୮.୯୦% ଏବଂ ୨୦୧୮-୧୯ରେ ୮.୬୭% ଅଧିକ ପର୍ଯ୍ୟଟକ ଓଡ଼ିଶା ଆସିଥିଲେ। ୨୦୧୫-୧୬ରେ ମୋଟ ୧,୨୧,୩୫,୦୫୮ଜଣ ପର୍ଯ୍ୟଟକ ଓଡ଼ିଶା ଆସିଥିବାବେଳେ ୨୦୧୬-୧୭ରେ ୧,୩୧,୯୦,୨୨୪ଜଣ, ୨୦୧୭-୧୮ରେ ୧,୪୩,୬୪,୫୪୧ଜଣ, ୨୦୧୮-୧୯ରେ ୧,୫୬,୨୩,୨୫୦ ପର୍ଯ୍ୟଟକ ଆସିଥିଲେ।

୨୦୧୭ରେ ବିଶ୍ୱ ହକି ଲିଗ୍ ଏବଂ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଭଳି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ପର୍ଯ୍ୟଟକଙ୍କୁ ଓଡ଼ିଶା ପ୍ରତି ଆକର୍ଷିତ କରିଥିଲା। ସେହିଭଳି ୨୦୧୮ରେ ଏକାଧିକ ରୋଡ୍ ଶୋ' ଏବଂ ୧୬୩ଟି ଦେଶକୁ ଇ-ଭିଜା ସୁବିଧା ଉପଲବ୍ଧ ହେବାଦ୍ୱାରା ଉଭୟ ଘରୋଇ ଓ ବିଦେଶୀ ପର୍ଯ୍ୟଟକ ବୃଦ୍ଧି ପାଇଥିଲେ। ତେବେ ୨୦୧୮-୧୯ରେ ମୋଟ ୧,୫୫,୦୯,୫୨୯ ଘରୋଇ ପର୍ଯ୍ୟଟକ ଆସିଥିବାବେଳେ ସର୍ବାଧିକ ୧,୧୩, ୭୨୧ଜଣ ବିଦେଶୀ ପର୍ଯ୍ୟଟକ ଆସିଥିଲେ। ୨୦୧୯-୨୦ ଆର୍ଥିକ ବର୍ଷରେ (ମାର୍ଚ୍ଚ ସୁଦ୍ଧା) ମାତ୍ର ୧,୫୧,୩୬,୧୬୦ ପର୍ଯ୍ୟଟକ ଓଡ଼ିଶା ଆସିଛନ୍ତି। ୧,୫୦,୩୫,୫୯୩ ଘରୋଇ ପର୍ଯ୍ୟଟକ ରହିଥିବାବେଳେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ମାତ୍ର ୧,୦୦,୫୬୭ରେ ସୀମିତ ରହିଛି। ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟାରେ ୩.୦୬% ହ୍ରାସ ଘଟିଥିବାବେଳେ ବିଦେଶୀ ପର୍ଯ୍ୟଟକଙ୍କ କ୍ଷେତ୍ରରେ ୧୧.୫୭% କମିଛି। ବାତ୍ୟା ଫନୀ ରାଜ୍ୟ ପର୍ଯ୍ୟଟନର ସ୍ୱର୍ଣ୍ଣ ତ୍ରିଭୂଜ ପୁରୀ-ଭୁବନେଶ୍ୱର-କୋଣାର୍କକୁ ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ କରିଦେବା ପରେ ହୋଟେଲ ଶିଳ୍ପ ସହ ପର୍ଯ୍ୟଟନ ଶିଳ୍ପ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ଗତ ଡିସେମ୍ବରରେ ରାମଚଣ୍ଡୀ ବିଚ୍‌ରେ ହୋଇଥିବା ମେରାଇନ୍ ଡ୍ରାଇଭ୍ ଇକୋ-ରିଟ୍ରିଟ୍ ପାଇଁ ସାମାନ୍ୟ ଆଶ୍ୱସ୍ତି ମିଳିଥିଲା। ପର୍ଯ୍ୟଟନ ବିଭାଗ ତଥ୍ୟ ଅନୁଯାୟୀ ପଶ୍ଚିମବଙ୍ଗରୁ ସବୁଠାରୁ ଅଧିକ ପର୍ଯ୍ୟଟକ ଆସିଥିବା ବେଳେ ଏହାତଳକୁ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଛତିଶଗଡ, ଉତ୍ତରପ୍ରଦେଶ, ତାମିଲନାଡୁ, ବିହାର, କର୍ଣାଟକ, ଗୁଜରାଟ ଓ ତେଲଙ୍ଗାନା ଆଦି ରାଜ୍ୟର ପର୍ଯ୍ୟଟକ ରହିଛନ୍ତି।

ଭାଇରାଲ ସଂକ୍ରମଣ, ଋତୁକାଳୀନ ରୋଗକୁ ପ୍ରତିରୋଧ କରିବାରେ ଲାଭଦାୟକ

ପରମ ପୂଜନୀୟ ବୈଦ୍ୟ ସତ୍‌ପାଲ ମଧୋକଜୀଙ୍କ ଅତ୍ୟନ୍ତ ସ୍ୱତନ୍ତ୍ର ବିଧିରେ ପ୍ରସ୍ତୁତ, ବର୍ଷ ବର୍ଷର ପୁରୁଣା, ବିଶ୍ୱସନୀୟ ଏବଂ ଲାବ୍ ପ୍ରମାଣିତ ଜୋଲି ତୁଳସୀ 51 ଡ୍ରପ୍‌ସ ହିଁ ଆପଣାନ୍ତୁ, ଅନ୍ୟ କୌଣସି କେମିକାଲଯୁକ୍ତ ତୁଳସୀ ଡ୍ରପ୍‌ସ ନୁହେଁ

Anti Viral
Anti Bacterial
Anti Oxidant
Anti Septic
Anti Aging
ଗୁଣରେ ଭରପୂର




ଇମ୍ୟୁନିଟି ବୁଷ୍ଟର୍
BODY DETOX କରେ
ଅନେକ ରୋଗରେ ଲାଭଦାୟକ
ବର୍ଷ ବର୍ଷର ପୁରୁଣା
ଭରସାଯୋଗ୍ୟ ବ୍ରାଣ୍ଡ

ଦୈନିକ ପାଞ୍ଚ ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗ ଜିଅନ୍ତୁ

JOLLY
ତୁଳସୀ 51 ଡ୍ରପ୍‌ସ
ଲାବ୍ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ

ଏକା ସଦୃଶ ନାମର ତୁଳସୀ ଡ୍ରପ୍‌ସ ପ୍ରତି ସାବଧାନ... ବହୁତ ସାବଧାନ ରୁହନ୍ତୁ

Odisha : S.S» Jeevan Dhara Enterprises, Bbsr ☎ 0161-520-1588
Like & follow us on: /JOLLYPHARMAINDIA /JOLLYPHARMAINDIA • Shop online at: www.jollypharmaindia.com

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆରାଧ୍ୟା
ପରିବାରବର୍ଗ


ପ୍ରାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ୯ ଅଲ୍‌କାଏଦା ...

ଏକାଧିକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଗିରଫ ସମୟରେ ଆତଙ୍କବାଦୀଙ୍କଠାରୁ ବିପୁଳ ପରିମାଣର ଆପରାଧିକ ସମାଗ୍ରୀ, ଡିଜିଟାଲ ଡିଭାଇସ୍, ଜିହାଦି ଲେଖା, ମାରଣାସ୍ତ୍ର, ଦେଶୀ ବନ୍ଧୁକ, ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସରଞ୍ଜାମ ଜବତ କରାଯାଇଛି। ଗିରଫ ହୋଇଥିବା ଆତଙ୍କବାଦୀମାନେ ପାକିସ୍ତାନରେ ଚାଲିଥିବା ଆତଙ୍କବାଦୀ କାର୍ଯ୍ୟକଳାପ ସମ୍ପର୍କରେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଦ୍ୱାରା ପ୍ରଭାବିତ ହୋଇ ଭାରତର ନୂଆଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ଆକ୍ରମଣ ଯୋଜନା କରୁଥିବା ଏନ୍‌ଆଇଏର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ସେମାନେ ବିଭିନ୍ନ ଉପାୟରେ ପାଣ୍ଠି ଯୋଗାଡ଼ କରିବା ସହ ସେମାନଙ୍କ ମଧ୍ୟରୁ କେତେକ ଦିଲ୍ଲୀ ଗସ୍ତ କରି ଅସ୍ତ୍ରଶସ୍ତ୍ର ଏକାଠି କରିବାକୁ ଯୋଜନା କରୁଥିବା ମଧ୍ୟ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାରୁ...

### ଆରୋଗ୍ୟ ପରେ ବି ...

ମୂଳ ରୋଗର ମଧ୍ୟ ଚିକିତ୍ସା ହେବା ଆବଶ୍ୟକ। ତେଣୁ ବହୁରୋଗରେ ପୀଡ଼ିତ ଥିଲେ କରୋନା ପଜିଟିଭ ବ୍ୟକ୍ତି ହୋମ୍ ଆଇସୋଲେଶନରେ ରୁହନ୍ତୁ ନାହିଁ। ସେହିଭଳି ଗର୍ଭବତୀ, ଶିଶୁ, ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ଓ ୬୦ବର୍ଷରୁ ଅଧିକ ବୟସର ବ୍ୟକ୍ତିମାନେ କୋଭିଡ୍ ସଂକ୍ରମଣର ଶିକାର ହେଲେ ତୁରନ୍ତ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେବା ଉଚିତ ବୋଲି ଡା. ପଣ୍ଡା କହିଛନ୍ତି। ସେ କହିଛନ୍ତି, ଗର୍ଭବତୀ ମହିଳା, ଶିଶୁ, ବୟସ୍କ ବ୍ୟକ୍ତି ଓ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ବ୍ୟକ୍ତିମାନେ କୋଭିଡ୍-୧୯ ସଂକ୍ରମିତ ହେଲେ ସେମାନେ ନିଜକୁ ହୋମ୍ ଆଇସୋଲେଶନରେ ରଖିବାରେ ରିସ୍କ ଅଛି। କୋଭିଡ୍ ହସ୍ପିଟାଲରେ ରହିଲେ ସେମାନଙ୍କୁ ଆବଶ୍ୟକ ପରିମାଣର ଅକ୍ସିଜେନ୍ ଓ ଅନ୍ୟାନ୍ୟ ଔଷଧ ମିଳିପାରିବ। ସେହିପରି ଯେଉଁ ସଂକ୍ରମିତ ବ୍ୟକ୍ତି ନିଜ ଘରେ ଏକାନ୍ତବାସରେ ରହୁଛନ୍ତି ସେମାନେ ସବୁବେଳେ ମାସ୍କ ଓ ଗ୍ଲୋଭ୍‌ସ ପିନ୍ଧିବା ଉଚିତ। ଯେଉଁମାନେ ସେମାନଙ୍କର ଯତ୍ନ ନେଉଛନ୍ତି, ସେମାନେ ମଧ୍ୟ ସଂକ୍ରମଣ ହେବାର ଆଶଙ୍କା ରହିଛି। ତେଣୁ ସେମାନଙ୍କ ପାଖକୁ ଯିବାବେଳେ ମାସ୍କ ଓ ଗ୍ଲୋଭ୍‌ସ ପିନ୍ଧିବା ଦରକାର। ରୋଗୀଙ୍କ ପାଖରେ ଯେତିକି କମ୍ ସମୟ ରହିବେ, ସେତିକି ଭଲ। ଆକ୍ରାନ୍ତ ବ୍ୟକ୍ତିଙ୍କ ପାଖକୁ ଶିଶୁ, ବରିଷ୍ଠ ନାଗରିକ ଓ ଗର୍ଭବତୀ ଯାଆନ୍ତୁ ନାହିଁ। ପରିବାରର ଜଣେ ଲୋକ ହିଁ ରୋଗୀଙ୍କ କୋଠରିକୁ ଯିବାଆସିବା କରନ୍ତୁ। ଖାଇବାକୁ ଅବା କପଡ଼ା ଦେଉଥିବା ଅନ୍ୟ ସଦସ୍ୟମାନେ ଯଥା ସମ୍ଭବ ତାଙ୍କ ସଂସ୍ପର୍ଶରେ ନ ଆସିବା ଉଚିତ। ସଂକ୍ରମିତ ବ୍ୟକ୍ତି ଯଦି ପୂର୍ବରୁ କୌଣସି ରୋଗ ପାଇଁ ଔଷଧ ଖାଉଥିବେ, ହୋମ୍ ଆଇସୋଲୋଶନରେ ରହିବାବେଳେ ତାହାକୁ ଜାରି ରଖିପାରିବେ। ନିୟମିତ ଔଷଧ ଖାଇବା ସହ ୧୭ଦିନ ଆଇସୋଲେଶନରେ ରହିଲେ ସୁସ୍ଥ ହୋଇପାରିବେ। ୧୦ଦିନରେ କୋଭିଡ୍‌ରୁ ସୁସ୍ଥ ହେବାର ସମ୍ଭାବନା ଅଧିକ। ତଥାପି ସେମାନେ ଏହା ପରବର୍ତ୍ତୀ ୭ଦିନ ନିଜକୁ ଆଇସୋଲେଶନରେରଖିବାଉଚିତ।ଫଳରେସଂକ୍ରମଣର ଆଶଙ୍କା ଆଉ ରହିବ ନାହିଁ ବୋଲି ଡା. ପଣ୍ଡା କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଦୀର୍ଘଦିନରୁ ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି । ପରିଜନଙ୍କ ସହିତ ବିଳାସ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। କର୍ମକ୍ଷେତ୍ରର ବିବାଦୀୟ ଘଟଣାରେ ପାଟି ଖୋଲିବା ଠିକ୍ ହେବନାହିଁ । ବନ୍ଧୁଙ୍କ ସହାୟତାରେ ଆର୍ଥିକ ସମସ୍ୟାକୁ ସୁଧାରି ନେବେ।

**ବୃଷ** ବର୍ତ୍ତମାନର ପରିସ୍ଥିତିବଶତଃ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ସ୍ଥିତି ଲାଗି ରହିପାରେ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ବ୍ୟସ୍ତତା ମଧ୍ୟ ବଢିଯିବ । ରାଜନୀତି ଓ କ୍ରୀଡ଼ା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ମିଥୁନ** କର୍ମକ୍ଷେତ୍ରରେ କୌଣସି ହୃଦୟବାନ ବ୍ୟକ୍ତିଙ୍କ ସହାୟତାରୁ କାର୍ଯ୍ୟସିଦ୍ଧି ହେତୁ ମନ ପ୍ରଫୁଲ୍ଲିତ ରହିବ। ଗୁରୁଜନଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ସଙ୍ଗକୁ ଦୂରଯାତ୍ରାର ସୁଯୋଗ ପାଇବେ। କାମ କରିଚାଲିଲେ ସବୁ କିଛି ସମସ୍ୟାର ସମାଧାନ ଆପଣାଛାଏଁ ହୋଇଯିବ ।

**କର୍କଟ** ପରୋକ୍ଷଶତ୍ରୁତା ହେତୁ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ସମାଲୋଚିତ ହେବାକୁ ପଡିବ। ସମସ୍ୟା ଲାଗିରହିବା କାରଣରୁ ଅନ୍ୟମନସ୍କ ରହି ବିଭିନ୍ନ ପ୍ରକାରର ସମସ୍ୟାକୁ ଡାକି ଆଣି ପାରନ୍ତି । ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ ।

**ସିଂହ** କୌଣସି ନୂତନ କାମର ଯୋଜନା କରି ସଫଳତା ହାସଲ କରିବେ । ବନ୍ଧୁଙ୍କ ସହ ଆଲୋଚନା, ଖେଳ, ମଉଜ ମଜଲିସ୍‌ରେ ସମୟ କଟାଇପାରନ୍ତି । ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖା ଦେଇପାରେ। ଘରୋଇ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ, ଯାହା କି ସମସ୍ୟାର କାରଣ ହୋଇପାରେ।

**କନ୍ୟା** ଆଜି ଏକ ଭିନ୍ନ ପରିସ୍ଥିତିରେ ବାନ୍ଧବୀଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଜଣେ ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। ଅର୍ଥ ସମ୍ପର୍କୀୟ ସମସ୍ୟା ସୁଧାରିନେବା ସହ ବିବାଦୀୟ ଘଟଣାରେ ଚିନ୍ତିତ ରହିବେ। ଧାତୁ ଅଳଙ୍କାର କ୍ରୟଯୋଗ ରହିଛି ।

**ତୁଳା** କୌଣସି ବନ୍ଧୁଙ୍କ କାମରେ ବ୍ୟସ୍ତତା ବଢିଯାଇପାରେ କିନ୍ତୁ କୌଣସି ଅସୁବିଧା ହେବ ନାହିଁ। ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିବେ। ନିଜର ଆତ୍ମୀୟମାନଙ୍କ ପକ୍ଷପାତିତା କାରଣରୁ କ୍ଷୋଭ ପ୍ରକାଶ କରିବେ।

**ବିଛା** ଖୁବ୍ କମ୍ ସମୟ ମଧ୍ୟରେ କର୍ମକ୍ଷେତ୍ରରେ ଲାଗି ରହିଥିବା ବ୍ୟସ୍ତତା ଦୂର ହୋଇଯିବ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ନ ହୋଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା କ୍ରୀଡା କ୍ଷେତ୍ରରେ ସଫଳତା ମିଳିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ** ଆଜି ହଠାତ୍ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଆଗାମୀ କାଲି ସକାଶେ କୌଣସି ଯୋଜନା ପ୍ରସ୍ତୁତ କରିବା ଦିଗରେ ବିଚାରବିମର୍ଶ କରିବେ ।

**ମକର** ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବାରୁ ମନ ହାଲୁକା ହୋଇଯିବ। ସାଧାରଣ କଥାରୁ ନିକଟ ସମ୍ପର୍କୀୟମାନଙ୍କ ସହ କଳହରେ ଲିପ୍ତ ରହିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଲାଗି ରହିବ। ଆଜିର ଫେରିବା ବାଟରେ ବନ୍ଧୁଙ୍କ ସହ ସାଧାରଣ ବଚସା ହୋଇପାରେ।

**କୁମ୍ଭ** ପରିବାରରେ ଘଟିଯାଇଥିବା କେତେକ ଅତୀତ ଘଟଣାକୁ ସ୍ମରଣ କରି ମନ ଭଲ ରହି ନ ପାରେ। ଶିଳ୍ପ, ବାଣିଜ୍ୟ ଏବଂ କଳା, ସାହିତ୍ୟରେ ଉନ୍ନତି କରି ଖୁସୀ ମନାଇ ପାରନ୍ତି। ଆଜିର ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ। ଗତକାଲିର ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ।

**ମୀନ** ବାରମ୍ବାର ଚେଷ୍ଟାକରି ମଧ୍ୟ କାର୍ଯ୍ୟହାନି କାରଣରୁ ମାନସିକ ଅସ୍ଥିରତା ଲାଗି ରହିବ। ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ ଏହା ସଙ୍ଗକୁ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ।

ଆଜି ଆଶ୍ୱିନ ମଳକୃଷ୍ଣପକ୍ଷର ଚତୁର୍ଥୀ ରବିବାର, ସେପ୍ଟେମ୍ବର୨୦ତାରିଖ, ଗାୟତ୍ରୀ ପରିବାରର ସଂସ୍ଥାପକ ଯୁଗରଷି ଶ୍ରୀରାମଶର୍ମା ଆଚାର୍ଯ୍ୟ ଏବଂ ମାତାଜୀ ଭଗବତୀ ଦେବୀ ଶର୍ମାଙ୍କ ଆର୍ବିଭାବ ଦିବସ,ରାଶିନକ୍ଷତ୍ର -ସ୍ୱାତୀ/ତୁଳା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୨୬ମି. ଗତେ ଘ.୦୮.୫୧ମି. ମଧ୍ୟେ, ଘ.୧୨.୦୩ମି. ଗତେ ଘ.୦୩.୧୬ମି.ମଧ୍ୟେ, ରାତ୍ରି ଘ.୦୮.୦୪ମି. ଗତେ ଘ.୦୯.୪୦ମି. ମଧ୍ୟେ, ଘ.୧୨.୦୩ମି.ଗତେ ଘ.୦୧.୩୯ମି. ମଧ୍ୟେ, ଘ.୦୨.୨୭ମି.ଗତେ ଘ.୦୫.୩୮ମି. ମଧ୍ୟେ ଅମୃତବେଳେ। ଅପରାହ୍ନ ଘ.୦୪.୦୪ମି.ଗତେ ଘ.୪.୫୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୪.୧୦ମି.ଗତେ ଘ.୫.୪୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Handsome Brahmin boy B.Tech, Railway Engineer/ 32+. Suhag: 7978399083, 9090486408. D-69437

**GROOM WANTED**

Age 34 Government ଚାକିରି କରିଥିବା ସୁନ୍ଦର କରଣ ଝିଅଙ୍କ ପାଇଁ ଯେ କୌଣସି ଜାତିର ଘରଜ୍ୱାଇଁ ଦରକାର। Contact: 7077999816. D-18264

For 28yr Gudia beautiful ASO bride, ASO groom preferred. Officials from govt/ bank/psu belongs to Gudia, Brahmin, Karan & Khandayat may apply.Contact- 9937299609. D-18250

Govt. Schoolରେ Senior Teacher ଭାବରେ କାର୍ଯ୍ୟରତ ଥିବା ବିଧବା ମହିଳା ପାଇଁ ବରପାତ୍ର ଯୋଗାଯୋଗ କରନ୍ତୁ। ବୟସ-48ବର୍ଷ, (ପାରିବାରିକ ବା ଛାଡ଼ପତ୍ର ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 8895411143. D-68836

Beautiful Khandayat girl 1990/ 5'1", BDS, PG prepairing, Cuttack VAISNABI. 9238578590. D-69346




**SALE**

Indivisual royal ideal building sale Kesura bypass (Broker Excuse). 8456888081. D-48741

**Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321.** D-69166

1500 sqft gharabari sensitive zone commercial plot for sale at Cuttack-Puri new bypass road, Bhubaneswar. Price- 54 lakhs. (Brokers excuse) Mobile: 8260595320. D-69754

ଫୁଲନଖରା- ନିଆଳି **bypass road**ରେ ଥିବା **Synergy Engg. College**ର ସମ୍ମୁଖରୁ **walkable distance**ରେ ପିଚୁରାସ୍ତାକୁ ଲାଗି ଘରବାରି **boundary plot** ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। **6371200121.** D-69170

**Gharabari plots at Atala, Balianta, Bhingarpur & Bagalpur immediate possession & registration. Contact: 9437147826, 9658894066.** D-18299

କଟକ- ଭୁବନେଶ୍ୱର **Twincity** ର **middle point**ରେ **walkable distance**ରେ ବାସୋପଯୋଗୀ ଘରବାରି **plot** ସୁଲଭମୂଲ୍ୟରେ କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। **9438362273.** D-69169

**Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321.** D-69166

**BDA yellowzone commercial/ residential plot Pahal Jaganath Temple NH-16 30'road, (Ready for construction) sqft.1850/-, 2250/-, 9040033905, 9556492580, 6370719477.** D-69167

**1500sqft. single plot near NH-5 Hanspal 30ft road under BDA and BMC- 9040059669** D-69624

4BHK Duplex 45,00,000/- finishing Hanspal, Plot Atala (Finance available)- 9337888492 D-69625

**Earthquake proof 2BHK flat in Apartment Avantika near Gokul Residency on Rasulgarh GGP Pandra road for immediate sale. Contact: 9437396718, 8763935874 during Office hour.** D-69918

**Gharabari developed plot with boundary near Phulnakhara (Synergy College). 9439487505.** D-69344

**Bhubaneswar Simplex, Duplex at Nakhara & Raghunathpur. Ready to move Flat 2/3 BHK at Patia, 9438166120.** D-69164

Bhubaneswar ସୁନ୍ଦରପଦାରେ ଫ୍ଲାଟ୍ କିଣି ଆଜି ଘର କରନ୍ତୁ। sqft. 950/-, 9938016295. D-69163

**Ready to move 2/3BHK flat for sale near Airport. It provided best amenities basic price @3000/- per sft. Puja Offer 100/- per sft. 9938569014, 9861433014.** D-18276

**Land sale farm house/ industry roadside at Dhenkanal area 60km from Cuttack. 7809525452, 8249851363.** D-69533

**2BHK flat near Tamando Square (close to market). 9937166932.** D-69343

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

ରବିଟକିଜ୍ ପାଖ ପିପିଲି **NH**କୁ ଲାଗି **yellowzone gharabari boundary 30'** ରୋଡ୍ ଥାଇ **plot** ବିକ୍ରିହେବ। **8917441342, 7855853154.** D-69547

**Plot for immediate sale at Saheed Nagar 6000sft. (GA Plot), 2400sft at Sum Hospital (BDA Plot), 33000sft. Mancheswar (IDCO plot) & 4000sft plot at Palasuni (200 meters from NH) Bhubaneswar, buyers Contact- DEEPAK- 9937329999.** D-69914

**Plot sale near AIIMS Hospital, Bhubaneswar with 30' road, 9439206202.** D-69161

**Booking open for 3BHK Luxurious & premium flat at Surya Nagar, Bhubaneswar, genuine buyer contact- DEEPAK- 9937329999.** D-69916

**GENERAL**

**SALE**

**1. Fully furnished flat No. B-506, 5th floor Gymkhana Palm Height near Sum Hospital, Bhubaneswar front south facing flat.**
**2. Verna Vehicle (vehicle No. OD02AX7761) Registered on 31.08.2018.**
**3. Bolero Pickup (vehicle No. OR02BZ9485) registered on 28.08.2012.**
**4. Micra Vehicle (vehicle No. OR02BV1467) registered on 21.01.2012. Contact No: 9873669329, 9437028801.**
D-18256




Vastu 3 BHK 2Toilets, Puja with Servant quarter Parkings Independent Groundfloor Rs. 20000/- and two rooms 1toilet balcony first floor Rs. 12000/- Mahavir Nagar, Cuttack Road, Guesthouse/ Office. 8847882402, 8763862809. D-18302

2 Room house with attached kitchen near Khandagiri, Bhubaneswar. Contact-9437051142. D-18286

ସାମନ୍ତରାୟପୁର ପାଖ ରାସ୍ତାକଡ଼େ ଅଫିସ୍, ବ୍ୟାଙ୍କ, ଗୋଦାମ, ଦୋକାନ ଭଡ଼ାଦିଆଯିବ। 7609836849, 9337065883, 9861416754. D-67760

2BHK simplex 28,00,000/- finishing Hanspal, Low cost plot- Atala. 8093465134 D-69622

**Well furnished room ready to move Guest House/ Hostel (boys) purpose with wi-fi facilities near lewies road Ravi Talkies. Contact: 9348491124, 6372919855.** D-69544

1Room, 1st floor for Guest house, Siba Nagar, Tankapani road, Bhubaneswar. Contact: 9437562371. D-69440

Single furnished room attached toilet for Working Executive and 2BHK for Family Omfed Chhak, Chandrasekharpur. 9337199407. D-68373




Refresh your mind and soul with best therapy at Orchid Salon/ Spa, 9937287222. D-69546

Newly open full body massage SPA in Bhubaneswar. Contact: 7205058838. D-69749

Herbal full body massage by smart / expert therapist. Contact: 8338067247. D-69745

Newly open spa centre smart therapist body massage, Bamikhal, 7205187702. D-59960

Get good massage for your health the best therapy SPA station. 7655024727, 8118079281. D-69542

Newly open spa centre smart therapist body massage, Rasulgarh: 7846814019. D-59959

Get refreshment body massage by expert therapist contact for. 9556978408. D-69746

Swarna SPA newly open positively health benefits with expert therapist. 7873794731. D-69747

Rejuvenate and Ayurvedic full body massage by smart therapist. 9348123330. D-69750

Thailand Massage Refreshments Bhubaneswar, Cuttack, Puri. 9853999966, 9853999966, Homeser vices 9853999966@gmail.com. D-18258




ଘରେବସି medical registration କରନ୍ତୁ। D.Pharma/ GNM (50K), BUMS/ BHMS(1lakh), BAMS/ BDS(2lakhs), call only practioners, SMS/ Whatsapp- 9893869473 (Agent excuse). D-69751

**LOST**

ମୁଁ ରାଧା ମେନନ, ଶହୀଦନଗର, ପୋ: ଶହୀଦନଗର ଘୋଷଣା କରେ କି ମୋର ଓରିଜିନାଲ ଦଲିଲ 15155 କ୍ୟାପିଟାଲ ମେଡିକାଲ ଯିବା ସମୟରେ କେଉଁଠି ହଜିଯାଇଛି। ଯେ କୌଣସି ସହୃଦୟ ବ୍ୟକ୍ତି ପାଆନ୍ତି ଏହି No. ରେ ଜଣାଇବାକୁ ଅନୁରୋଧ। ୯୪୩୯୧୯୮୭୬୯. ଧ-୧୮୨୮୭

**AFFIDAVIT**

ନୋଟାରି ପବ୍ଲିକ୍, ଖୋର୍ଦ୍ଧା ସମ୍ମୁଖରେ ସମ୍ପାଦିତ ତା. ୨୯।୦୬।୨୦ରିଖର ସତ୍ୟପାଠ ଜରିଆରେ ମୁଁ, ସ୍ୱପ୍ନାରାଣୀ ବଳିୟାରସିଂହ, ସ୍ୱାମୀ: ବିକ୍ରମ କୁମାର ବଳିୟାରସିଂହ, ଗ୍ରାମ: ଦୋଛିଆଁ, ପୋ: ଅଡାଲ, ଜି: ପୁରୀ। ଏତଦ୍ୱାରା ଦର୍ଶାଉଛି ଯେ ମୋର ସ୍ୱାମୀଙ୍କ ଚାକିରି କ୍ଷେତ୍ରରେ ଭୁଲ୍‌ବଶତଃ ଦର୍ଶାଯାଇଛି ଯେ ସ୍ୱପ୍ନାରାଣୀ ଚହଟରାୟ। କିନ୍ତୁ ମୋର ସଠିକ୍ ନାମ ସ୍ୱପ୍ନାରାଣୀ ବଳିୟାରସିଂହ। ତେଣୁ ମୁଁ ଘୋଷିତ କରୁଛି କି ସ୍ୱପ୍ନାରାଣୀ ଚହଟରାୟ ଏବଂ ସ୍ୱପ୍ନାରାଣୀ ବଳିୟାରସିଂହ ଜଣେ ବ୍ୟକ୍ତି। ଧ-୧୮୨୯୮


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ସିଲିଣ୍ଡର ଫାଟି ଜଳିଗଲା ୧୦ ବଖରା

**ପିପିଲି,(ସ୍ୱ.ପ୍ର.):** ପିପିଲି ବ୍ଲକ ଅଧୀନ ସୁହାଗପୁର ଗ୍ରାମରେ ଏକ ଛତୁ କମ୍ପାନୀରେ ଶନିବାର ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗି ଫାଟି ଯିବାରୁ ୧୦ ବଖରା ଜଳିଯାଇଛି। ଏହି ଗ୍ରାମର ଲକ୍ଷ୍ମଣ ବସ୍ତିଆଙ୍କ ଛତୁ କମ୍ପାନୀରେ ହଠାତ୍ ନିଆଁ ଲାଗି ବିସ୍ଫୋରଣ ହୋଇଥିଲା। କର୍ମଚାରୀମାନେ ଭୟରେ ବାହାରକୁ ଚାଲିଆସିଥିଲେ। ଖବରପାଇ ପିପିଲି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୌଣସି ଏକ ଗ୍ୟାସ ସିଲିଣ୍ଡର ଫାଟିବାରୁ ଏହି ଘଟଣା ଘଟିଥିବା କମ୍ପାନୀ ମାଲିକ ବସ୍ତିଆ କହିଛନ୍ତି।



### ସଂକ୍ଷେପରେ

## ଡା. ନୃସିଂହ ପ୍ରସାଦ ଦାସଙ୍କ ପରଲୋକ

**ଭୁବନେଶ୍ୱର,୧୯।୯(ବ୍ୟୁରୋ):** ବରିଷ୍ଠ ଆୟୁର୍ବେଦ ଚିକିତ୍ସକ ଡାକ୍ତର ନୃସିଂହ ପ୍ରସାଦ ଦାସ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୩୭ରେ ଅବିଭକ୍ତ କଟକ ଜିଲାରେ ଜନ୍ମ ଗ୍ରହଣ କରିଥିବା ଡା. ଦାସଙ୍କର ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବାରେ ପ୍ରମୁଖ ଅବଦାନ ରହିଥିଲା। ସେହିଭଳି ଓଡ଼ିଶାରେ କ୍ଷାରସୂତ୍ର ଚିକିତ୍ସାର ଆବୃତି ନିମନ୍ତେ ତାଙ୍କର ପ୍ରଚେଷ୍ଟା ଅବିସ୍ମରଣୀୟ। ପୁରୀ ଆୟୁର୍ବେଦ ମହାବିଦ୍ୟାଳୟରୁ ସେ ଆୟୁର୍ବେଦରେ ସ୍ନାତକ ଡିଗ୍ରୀ ହାସଲ କରିଥିବାବେଳେ ଏସ୍‌ସିବି ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରିଥିଲେ। ୧୯୭୮ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ପୁରୀ ଆୟୁର୍ବେଦ ମହାବିଦ୍ୟାଳୟରେ ଦୀର୍ଘ ୧୫ ବର୍ଷ କାଳ ପ୍ରଫେସର ଏବଂ ଶଲ୍ୟ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ବଲାଙ୍ଗୀରସ୍ଥିତ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟରୁ ଅଧ୍ୟକ୍ଷ ଭାବେ ଅବସର ଗ୍ରହଣ କରିବା ପରେ କର୍ଣାଟକର ଏକ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ରହିଥିଲେ। ଆୟୁର୍ବେଦ କ୍ଷେତ୍ରକୁ ଅବଦାନ ଲାଗି ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।

## ନାବାଳିକା ଝିଅଙ୍କୁ ବଳାତ୍କାର କଲେ ବାପା

**ଭୁବନେଶ୍ୱର,୧୯।୯ (ବ୍ୟୁରୋ):** ଜଣେ ନାବାଳିକା ଝିଅଙ୍କୁ ତାଙ୍କ ବାପା ବଳାତ୍କାର କରିଛନ୍ତି। ଖଣ୍ଡଗିରି ଥାନା ଅଞ୍ଚଳରେ ଏଭଳି ଏକ ସ୍ପର୍ଶକାତର ଘଟଣା ଘଟିଛି। ଏନେଇ ପୀଡିତା ତାଙ୍କ ମା'ଙ୍କ ସହିତ ଆସି ମହିଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପୋସ୍‌କୋ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ନାବାଳିକାଙ୍କ ଡାକ୍ତରୀ ମାଇନା ସହ ସିଆର୍‌ପିସି ୧୬୧ରେ ବୟାନ ରେକର୍ଡ କରାଯାଇଛି। ଅଭିଯୁକ୍ତ ବାପା ଫେରାର ଥିବାରୁ ତାଙ୍କୁ ଗିରଫ ପାଇଁ ମହିଳା ଥାନା ପୋଲିସ ଚଢ଼ାଉ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ୧୨ ବର୍ଷର ନାବାଳିକା ଜଣକ ପରିବାର ସହ ରୁହନ୍ତି। ତାଙ୍କ ବାପା ସବୁବେଳେ ମଦ ପିଇବା ସହ ମା'ଙ୍କୁ ଅକଥନୀୟ ନିର୍ଯାତନା ଦେଉଥିଲେ। ଏପରି କି ଶାଶୁଙ୍କ ସହ ମଧ ମା'ର ଭଲ ସମ୍ପର୍କ ନ ଥିଲା। ଶେଷରେ ନିର୍ଯାତନା ସହି ନ ପାରି ନାବାଳିକାଙ୍କ ମା' ବାହାରେ ଘର ଭଡ଼ା ନେଇ ରହୁଥିଲେ। ପାଖରେ ୧୨ବର୍ଷର ଝିଅ ରୁହନ୍ତି। ନାବାଳିକା ଜଣକ ମଝିରେ ମଝିରେ ବାପାଙ୍କ ପାଖକୁ ଆସନ୍ତି। ଗତ ସପ୍ତାହରେ ସେ ତାଙ୍କ ବାପାଙ୍କ ନିକଟରେ ଥିଲେ। ହେଲେ ରାତିରେ ବାପା ତାଙ୍କୁ ବଳାତ୍କାର କରିଥିଲେ। ମା'ଙ୍କୁ ଜଣାଇଲେ ଜୀବନରୁ ମାରିଦେବାକୁ ମଧ ଧମକ ଦେଇଥିଲେ। ପରଦିନ ନାବାଳିକା ତାଙ୍କ ମା' ନିକଟକୁ ଯାଇ ସବୁକଥା କହିବା ସହ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ମହିଳାଙ୍କୁ ହତ୍ୟା ଅଭିଯୋଗ

**ଭୁବନେଶ୍ୱର,୧୯।୯ (ବ୍ୟୁରୋ):** ତମାଣ୍ଡୋ ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଜାମିନ ଜେନାଙ୍କ ସ୍ତ୍ରୀ ବନ୍ଦନା ଜେନା। ପୋଲିସ ତାଙ୍କ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରିଛି। ତେବେ ବନ୍ଦନାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ମା' ଓ ବାପା ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୨୦/୨୦) ହୋଇଥିବାବେଳେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନାନୁସାରେ, ତମାଣ୍ଡୋ ଥାନାରେ କାର୍ଯ୍ୟରତ ହାବିଲଦାର ବିଜୟ ଗୋଛାୟତଙ୍କ ପୁଅ ଜାମିନ ଗତ ଫେବୃୟାରୀ ୧୬ରେ ଏୟାରଫିଲ୍ଡ ଥାନା ଅଧୀନ ଭିମଟାଙ୍ଗୀର ପ୍ରାଣକୃଷ୍ଣ ଜେନାଙ୍କ ଝିଅ ବନ୍ଦନା(୨୫)ଙ୍କୁ ବିବାହ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ କାରଣକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ଲାଗି ରହୁଥିଲା। ଶୁକ୍ରବାର ମଧ ଉଭୟଙ୍କ ମଧ୍ୟରେ ବଚସା ହୋଇଥିବା ନେଇ ବନ୍ଦନା ତାଙ୍କ ମା'ଙ୍କୁ ଫୋନ୍ କରି ଜଣାଇଥିଲେ। ହେଲେ ଶନିବାର ଦିନ ବନ୍ଦନା ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିବା ନେଇ ଖବର ପାଇ ପୋଲିସ ଓ ବନ୍ଦନାଙ୍କ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ତେବେ ବନ୍ଦନାଙ୍କ ମା' ତମାଣ୍ଡୋ ଥାନାରେ କରିଥିବା ଅଭିଯୋଗରେ, ତାଙ୍କ ଝିଅକୁ ହ୍ୱାଇଁ ହତ୍ୟା କରି ଫ୍ୟାନ୍‌ରେ ଟାଙ୍ଗି ଦେଇଥିବା ଉଲ୍ଲେଖ କରିଛନ୍ତି।

# ଭୁବନେଶ୍ୱରରେ ୧୮,୨୬୭ ଆକ୍ରାନ୍ତ

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

- ସୁସ୍ଥ ସଂଖ୍ୟା ୧୪ ହଜାର
- ୩୪୨ ନୂଆ ପଜିଟିଭ୍, ୪୨୧ ସୁସ୍ଥ

ଭୁବନେଶ୍ୱରରୁ ଶନିବାର ୩୪୨ଜଣ କରୋନା ପଜିଟିଭ ଚିହ୍ନଟ ଓ ୪୨୧ଜଣ ସୁସ୍ଥ ହୋଇଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କୁ ଯୋଡ଼ି ଭୁବନେଶ୍ୱରରେ ମୋଟ ୧୮,୨୬୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ନୂଆ ସୁସ୍ଥ ସଂଖ୍ୟାକୁ ମିଶାଇ ୧୪,୦୫୨ଜଣକୁ ବୃଦ୍ଧିପାଇଛି। ଭୁବନେଶ୍ୱରରେ ଏଥିରେ ସଙ୍ଗରୋଧରୁ ୧୦୪ଜଣ ଓ ସ୍ଥାନୀୟ ଅଞ୍ଚଳରୁ ୨୩୮ଜଣ ଅଛନ୍ତି। ସଙ୍ଗରୋଧରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନେ ପୂର୍ବରୁ ସଂକ୍ରମିତ ହୋଇଥିବା ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସିଥିଲେ ବୋଲି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ସୂଚନା ଦିଆଯାଇଛି। ସୂଚନା ଅନୁସାରେ, ଶୈଳଶ୍ରୀ ବିହାରସ୍ଥିତ ଏକ ସରକାରୀ ସଙ୍ଗରୋଧରୁ ୮ଜଣ, ୟୁନିଟ-୬ରୁ ୬, ଜୟଦେବ ବିହାର ଓ ମଞ୍ଚେଶ୍ୱରରୁ ୫ଜଣ ଲେଖାଏ, ଲକ୍ଷ୍ମୀସାଗରରୁ ୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ କେନ୍ଦ୍ର ସରକାରଙ୍କ ଏକ ହସ୍ପିଟାଲରୁ ୧୩ ଜଣ ଅଛନ୍ତି। ସେହିଭଳି ଖଣ୍ଡଗିରିରୁ ୧୧ଜଣ, ଏକ ଘରୋଇ ହସ୍ପିଟାଲରୁ ୯, ପଳାଶୁଣୀ ଓ ବିଜେବି ନଗରରୁ ୭ଜଣ ଲେଖାଏ, ନୀଳାଦ୍ରି ବିହାରରୁ ୬ଜଣ, ଗ୍ୟାରେଜ ଛକ, ବମିଖାଲରୁ ୫ଜଣ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାବ୍ୟତୀତ ଭୁବନେଶ୍ୱରରୁ ମୋଟ ୪୨୧ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଯାଇଛନ୍ତି। ଏଥିରେ ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପ ଅଞ୍ଚଳରୁ ୧୮ଜଣ, ରସୁଲଗଡ଼ ଗାଁରୁ ୧୪, ଶହୀଦନଗରରୁ ୧୨, ଆଇଆରସି ଭିଲେଜ, ବଡ଼ଗଡ଼ ବ୍ରିଟ କଲୋନୀ, ଚକେଇସିଆଣୀରୁ ୧୦, ଭୀମଟାଙ୍ଗୀ ଏଚବି କଲୋନୀ, ନୟାପଲ୍ଲୀରୁ ୮ ଜଣ ଲେଖାଏ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ୪,୧୩୩ ଜଣ ସକ୍ରିୟ ଆକ୍ରାନ୍ତ ଅଛନ୍ତି ଓ ୬୮ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି।

## ଅକ୍ସିଜେନ ଅଭାବ ଦୂରକୁ ଗୁରୁତ୍ୱ

**କଟକ ଅଫିସ, ୧୯।୯**

କଟକ ଜିଲାରେ କରୋନା ପରିଚଳନା ସଂକ୍ରାନ୍ତ ସମୀକ୍ଷା ବୈଠକ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରିଥିଲେ। ଜିଲା ଦାୟିତ୍ୱରେ ଥିବା କୋଭିଡ୍ ପର୍ଯ୍ୟବେକ୍ଷକ ସୌରଭ ଗର୍ଗ ଏବଂ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ସୁଶାନ୍ତ ମହାପାତ୍ର କରୋନା ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲାରେ ସୁସ୍ଥ ହାର ୮୨ % ଓ ମୃତ୍ୟୁ ହାର ୦.୦୧ % ରହିଛି। ପ୍ରତି ସପ୍ତାହରେ ଚିକିତ୍ସା ଓ ଟେଷ୍ଟିଂ ସମ୍ପର୍କରେ ଜିଲାପାଳ ସୂଚନା ଦେଇଥିଲେ। ଗୃହ ସଙ୍ଗରୋଧ, ମୃତ୍ୟୁହାର ଓ ସଂକ୍ରମଣ ବୃଦ୍ଧି ରୋକିବା, ଟେଷ୍ଟିଂ ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ଏସ୍‌ସିବି ମେଡିକାଲରେ ହେବାକୁ ଥିବା କୋଭିଡ୍ ହସ୍ପିଟାଲ ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏସ୍‌ସିବି ମେଡିକାଲରେ ରୋଗୀଙ୍କ ପାଇଁ କିପରି ଅକ୍ସିଜେନ ଅଭାବ ନ ହେବ ଏବଂ ଗୃହ ସଙ୍ଗରୋଧରେ ରହୁଥିବା ବ୍ୟକ୍ତିଙ୍କୁ କିପରି ଚିକିତ୍ସା ଯୋଗାଇ ଦିଆଯିବ ସେ ନେଇ ଅଧ୍ୟକ୍ଷ ପ୍ରଫେସର ଡା. ଦଣ୍ଡେଶ୍ୱର ହୋତାଙ୍କ ସହ ଆଲୋଚନା କରାଯାଇଥିଲା। ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ ରଖିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଥିଲା। ବୈଠକରେ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, କଟକ ଡିସିପି ପ୍ରତୀକ ସିଂ, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ପିଡି ଡିଆର୍‌ଡିଏ ଅବଦଲ ଅଖତର, ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।





ପୋଲିସ ପଦକ୍ଷେପ ପରେ ସବୁବେଳେ ଗହଳି ରହୁଥିବା ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂ ଓ ରାଜମହଲରୁ ଏଜି ଛକ ରାସ୍ତା ପାର୍ଶ୍ୱ ଉଠା ଫଳ ବଜାର ଫାଙ୍କା ପଡ଼ିଛି।

# ଜରିମାନା ଭୟରେ ଭିଡ଼ ଉଭାନ

**ଭୁବନେଶ୍ୱର,୧୯।୯ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କ ନିର୍ଦ୍ଦେଶ ପରେ କରୋନା ସଂକ୍ରମଣ ନିୟନ୍ତ୍ରଣ ପାଇଁ ବେଶ୍ ତତ୍ପରତା ଦେଖାଇଛି କମିଶନରେଟ ପୋଲିସ। କଟକ, ଭୁବନେଶ୍ୱର ଦ୍ୱୈତନଗରୀରେ ଯାଞ୍ଚ ଓ ଚଢ଼ାଉକୁ ଜୋରଦାର କରାଯାଉଥିବାବେଳେ ଉଲ୍ଲଂଘନକାରୀଙ୍କ ଉପରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଉଛି। ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଉଠିବା ସହ କଟକଣା କୋହଳ ହେବା ପରେ ଭୁବନେଶ୍ୱରବାସୀ ଆଉ କାହାକୁ ମାନି ନ ଥିଲେ। ସରକାରଙ୍କ ଗାଇଡ୍‌ଲାଇନ୍‌କୁ ଭୁଲି ହାଟ, ବଜାରଠୁ ଆରମ୍ଭ କରି ଛକରେ ଭିଡ଼ ଜମାଇଥିଲେ। ଫଳରେ ସହରରେ ସଂକ୍ରମଣ ହୁହୁ ହୋଇ ବଢ଼ିଥିଲା। ଏବେ ପୋଲିସର କଠୋର ଆଭିମୁଖ୍ୟ ଦେଖି ଏବେ ସେସବୁ ସ୍ଥାନରେ ସତେଯେମିତି ଭିଡ଼ ହଠାତ୍ ଉଭାନ ହୋଇଯାଇଛି। ଗୁରୁବାର ଓ ଶୁକ୍ରବାର ପୋଲିସ ଚଢ଼ାଉ ହେବା ପରେ ଶନିବାର ହାଟ ଓ ବଜାରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ମିଳିଥିବା ସୂଚନାନୁସାରେ, କଟକ ଭଳି ଭୁବନେଶ୍ୱରରେ ମଧ ଗୁରୁବାର ପୋଲିସ ଟିମ୍ ବିଭିନ୍ନ ଭାଗରେ ବିଭକ୍ତ ହୋଇ ବହୁ ସ୍ଥାନରେ ଚଢ଼ାଉ କରିଥିଲେ। ବିଶେଷକରି ହାଟ ଓ ମଲ୍ ନିକଟ ଓ ଛକରେ ଯାଞ୍ଚକୁ ତ୍ୱରାନ୍ୱିତ କରାଯାଇଥିଲା। କୋଭିଡ୍ ଗାଇଡ୍‌ଲାଇନ୍ ଉଲ୍ଲଂଘନ କରିଥିବା ମୋଟ ୨୭୨୯



ରସୁଲଗଡ଼ ହାଟରେ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି।

- ଅମାନିଆଙ୍କୁ ସାବାଡ଼ କରୁଛି ପୋଲିସ
- ଭୁବନେଶ୍ୱରରେ ପୁଣି ୨୭୨୯ ଗଣିଲେ ଦଣ୍ଡ
- ସାମାଜିକ ଦୂରତ୍ୱ ମାନୁ ନ ଥିବା ୨୨ ଦୋକାନ ସିଲ୍

ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଥିବାବେଳେ ୨୨ ଦୋକାନକୁ ସିଲ୍ କରାଯାଇଥିଲା। ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡାସ୍ଥିତ ଏକ ଇଲେକ୍ଟ୍ରୋନିକ୍ସ ଶୋ'ରୁମ୍ ପରିସରରେ ସାମାଜିକ ଦୂରତା ସହ କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ ହୋଇଥିବା ଦେଖିବା ପରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସିଲ୍ କରିଦେଇଛି। ସେହିଭଳି ରସୁଲଗଡ଼ ହାଟ ଓ ଅନ୍ୟ କେତେକ ସ୍ଥାନରେ ମଧ ଚଢ଼ାଉ ହୋଇଛି।

ସନ୍ଧ୍ୟାରେ ଖାରବେଳନଗର ଥାନା ଅନ୍ତର୍ଗତ ବିଗବଜାର ଛକ ଅଞ୍ଚଳରେ ତଦାରଖ କରୁଥିବା ଡିସିପି (ସିକ୍ୟୁରିଟି) ନିର୍ମଳ ଶତପଥୀ କହିଛନ୍ତି, ପଦକ୍ଷେପ ଯୋଗୁ ବିଗତ ୩ ଦିନ ଭିତରେ ଜନସାଧାରଣଙ୍କ ମଧ୍ୟରେ ଅନେକ ସଚେତନା ସୃଷ୍ଟି ହୋଇଛି। ପ୍ରଥମଦିନ ତୁଳନାରେ ଧୀରେ ଧୀରେ ଅମାନିଆଙ୍କ ସଂଖ୍ୟା କମିବା ସହ ଭିଡ଼ ମଧ ହେଉନି। ପରିବାର ତଥା ସମାଜର ହିତ ପାଇଁ ଲୋକେ ଆହୁରି ସଚେତନ ହେବାର ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି।

## ଖୋର୍ଦ୍ଧା, ଭୁବନେଶ୍ୱର ଉପଖଣ୍ଡରୁ ୨୨.୭ ଲକ୍ଷ ଜରିମାନା ଆଦାୟ

**ଖୋର୍ଦ୍ଧା ଅଫିସ, ୧୯।୯:** ସଂକ୍ରମଣକୁ ନେଇ ଜିଲା ପ୍ରଶାସନର ମୁଣ୍ଡବ୍ୟଥା ହୋଇଛି। ପ୍ରଶାସନ ପକ୍ଷରୁ ଏନଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯାଇଛି। ଏପର୍ଯ୍ୟନ୍ତ ଖୋର୍ଦ୍ଧା ଓ ଭୁବନେଶ୍ୱର ଉପଖଣ୍ଡରୁ କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୨୨ଲକ୍ଷ ୭ହଜାର୮୭୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଭୁବନେଶ୍ୱର ଉପଖଣ୍ଡରୁ ଶନିବାର ସୁଦ୍ଧା ମୋଟ୍ ୬ଲକ୍ଷ ୮୩ହଜାର ୬ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିରୁ ବିନା ମାସ୍କ ୩ଲକ୍ଷ ୯୨ହଜାର ୬୫୦ଟଙ୍କା, ସାମାଜିକ ଦୂରତ୍ୱ ଉଲ୍ଲଂଘନ ନେଇ ୨ଲକ୍ଷ ୯୦ହଜାର ୯୫୦ଟଙ୍କା ଜରିମାନା ଆଦାୟ କରାଯାଇଥିବା ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି। ସେହିପରି ଖୋର୍ଦ୍ଧା ଉପଖଣ୍ଡରେ ଶନିବାର ସୁଦ୍ଧା ୧୫ଲକ୍ଷ ୨୪ହଜାର ୨୭୦ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଖୋର୍ଦ୍ଧା ଉପଜିଲାପାଳ ଅଶୋକ କୁମାର ବେହୁରିଆ ସୂଚନା ଦେଇଛନ୍ତି।



ଭୁବନେଶ୍ୱରସ୍ଥିତ ଓୟୁଏଟି ଫାର୍ମ ପରିସର ଧାନ କ୍ଷେତରେ ଶନିବାର ମହିଳା କୃଷି ଶ୍ରମିକମାନେ ଘାସ ବାଛୁଛନ୍ତି।

## ଘରକୁ ବୋମାମାଡ଼

**ଖୁଣ୍ଟୁଣୀ,୧୯।୯(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ କେଉଟପଡ଼ା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରକୁ ଶୁକ୍ରବାର ରାତିରେ ବୋମା ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ନଂ.୧୨୪/୨୦ରେ ମାମଲା ରୁଜୁ କରି ଆଇଆଇସି ସୁଚିତ୍ରବିର୍ଯ୍ୟ ଦାସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏହି ଗ୍ରାମର ଅଶ୍ୱିନୀ ପଣ୍ଡାଙ୍କ ଅଭିଯୋଗକ୍ରମେ, ଶୁକ୍ରବାର ମଧ ରାତ୍ରରେ ସେ ଘରେ ଶୋଇଥିବା ବେଳେ ଏକ ବୋମାମାଡ଼ ଶବ୍ଦ ହୋଇଥିଲା। ବାହାରକୁ ଦେଖିବାବେଳେ କାନ୍ଥରେ କଣା ହୋଇଛି। ସେ ତୁରନ୍ତ ପୋଲିସକୁ ଜଣାଇଥିଲେ। କେହି ତାଙ୍କ ଘର ଉପରକୁ ବୋମା ପକାଇ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି।

## ବିନା ପ୍ଲାନରେ ଘର କରିଥିଲେ କାର୍ଯ୍ୟାନୁଷ୍ଠାନ

**ପୁରୀ ଅଫିସ,୧୯।୯**

ସରକାରୀ ଗାଇଡ୍‌ଲାଇନ୍ ଅନୁଯାୟୀ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ (ପିକେଡିଏ)ଙ୍କ ଠାରୁ ଅନୁମତି ନେଇ ଘର ନିର୍ମାଣ କରିବା କଥା। କିନ୍ତୁ ପିକେଡିଏ ଅଧୀନ କେତେକ ରାଜସ୍ୱ ମୌଜାରେ ଅନେକ ଲୋକ ବିନା ପ୍ଲାନିଂ ଆପ୍ରୁଭାଲରେ ଘର ନିର୍ମାଣ କରିଛନ୍ତି। ମନଇଚ୍ଛା ଘର ନିର୍ମାଣ କରୁଥିବାରୁ ବର୍ଷାଦିନେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଲୋକେ ପ୍ରଶାସନ ପାଖକୁ ସମାଧାନ ପାଇଁ ଦୌଡୁଛନ୍ତି। ତେଣୁ ଆଗକୁ କିପରି ଏହାର ପୁନରାବୃତ୍ତି ନ ହେବ ଏବଂ ଯେଉଁମାନେ ବିନା ଆପ୍ରୁଭାଲରେ ଘର କରିଛନ୍ତି ତାହାର ଅନୁଧ୍ୟାନ ପାଇଁ ଜିଲାପାଳ ବଲଓ୍ୱନ୍ତ ସିଂ ଏକ ୪ ଜଣିଆ କମିଟି ଗଠନ କରିଛନ୍ତି। ଉପଜିଲାପାଳ, ପିକେଡିଏ ସେକ୍ରେଟାରୀ, ପିକେଡିଏ ଆସିଷ୍ଟାଣ୍ଟ ଟାଉନ ପ୍ଲାନର ଏବଂ ପୁରୀ ଡ୍ରେନେଜ ଡିଭିଜନର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ନେଇ ଏହି କମିଟି ଗଠନ ହୋଇଛି। ଏମାନେ ବିନା ଆପ୍ରୁଭାଲରେ ଏବଂ ଜଳ ନିଷ୍କାସନ ପଥ ଅବରୋଧ କରି ଯେଉଁମାନେ ଘର କରିଛନ୍ତି ତାହାର ଅନୁଧ୍ୟାନ କରିବେ। ପିକେଡିଏ ପକ୍ଷରୁ ଏ ନେଇ ରିପୋର୍ଟ ଦିଆଯିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନିଆଯିବ। ଯଦି କେହି ଜଳ ନିଷ୍କାସନ ପଥକୁ ଅବରୋଧ କରି ଘର ତିଆରି କରିଥାନ୍ତି ତେବେ ତାହାକୁ ଉଚ୍ଛେଦ କରାଯାଇପାରେ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

# ପରମ୍ପରାକୁ ଭୁଲି ମୂର୍ତ୍ତି ଭାଙ୍ଗିବ କିଏ...

କଟକ ମାଟିରେ ଫେଣ୍ଟି ହୋଇଥାଏ କାରିଗରର ଭାବନା। ଭାଗମାପ ନୁହେଁ, ଭାବରେ ମା'ଙ୍କ ମୂର୍ତ୍ତି ତିଆରି କରାଯାଏ। ଯେତିକି ପୁରୁଣା ଏ ସହର, ସେତିକି ପୁରୁଣା ଏଠାକାର ପରମ୍ପରା ଆଉ ଦୁର୍ଗାପୂଜା। ପ୍ରତିବର୍ଷ କାରିଗର ହାତରେ ସମାନ ଆଉ ସୁନ୍ଦର ମୂର୍ତ୍ତି ତିଆରି ହୁଏ। ଯେସନ ଦେଖ ସମାନ ଦିଶିବା ଏବେ ମା'ଙ୍କ ମୂର୍ତ୍ତିକୁ ନେଇ ବିବାଦ ଆଗେଇଛି। ହେଲେ ଗୋଟିଏ ପ୍ରଶ୍ନ ଏବେ କାଠଗଡ଼ା ନୁହେଁ କଟକବାସୀଙ୍କ ପ୍ରାଣକୁ ଆନ୍ଦୋଳିତ କଲାଣି। ଯେଉଁମାନେ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନକୁ ପାଳନ ନ କରି ବଡ଼ମୂର୍ତ୍ତି ନିର୍ମାଣ କରିଛନ୍ତି, ସେମାନେ କ'ଣ ମୂର୍ତ୍ତିକୁ ଭାଙ୍ଗିବେ? ଏଥିରେ ଐତିହ୍ୟନଗରୀର ମୂଳ ପରମ୍ପରା ବଞ୍ଚିବ ନା ମୂର୍ତ୍ତି ଭଗ୍ନ ହେବ ?

**କୁମାରଶ୍ରୀ ସାହୁ**

**କଟକ ଅଫିସ୍, ୧୯।୯**

କଟକ ଦଶହରାକୁ ନେଇ ଏବେ ବିବାଦ କଟେରି, ପୋଲିସ ପ୍ରଶାସନଠାରୁ ଆରମ୍ଭ କରି ଜନସାଧାରଣଙ୍କ ଭିତରେ ମଧ ଦେଖାଦେଲାଣି। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି)ଙ୍କ ଗାଇଡ୍‌ଲାଇନକୁ ଚ୍ୟାଲେଞ୍ଜ କରି ବାଲୁବଜାର ପୂଜା କମିଟି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୪ ଫୁଟ ବଦଳରେ ପୂର୍ବଭଳି ଅଧିକ ଉଚ୍ଚର ମୂର୍ତ୍ତି ନିର୍ମାଣ କରିବାକୁ ଅନୁମତି ଦିଆଯାଉ ବୋଲି ଆବେଦନକାରୀ ନିବେଦନ କରିଥିଲେ। ହେଲେ ଧୀରେ ଧୀରେ ଏହି ଘଟଣା ଜଟିଳ ପରିସ୍ଥିତି ଭିତରକୁ ଠେଲି ହୋଇ ପଶିଲାଣି। କୋର୍ଟଙ୍କ ନିର୍ଦ୍ଦେଶ ପରେ ପୋଲିସ ପ୍ରଶାସନ ଘଟଣାକୁ ବିଚାରକୁ ନେଇ ସହରର ସମସ୍ତ ପୂଜା କମିଟିର ମୂର୍ତ୍ତି ଉଚ୍ଚତା ଯାଞ୍ଚ କରିଥିଲା।

### କାଠଗଡ଼ାରେ କଟକ ଦଶହରା

୯ଟି ପୂଜା କମିଟି ଏବେ ଗାଇଡ୍‌ଲାଇନକୁ ନ ମାନି ଅଧିକ ଉଚ୍ଚର ମୂର୍ତ୍ତି ନିର୍ମାଣ କରିଛନ୍ତି। ମୂର୍ତ୍ତି ଭାଙ୍ଗିବା ପାଇଁ ପୋଲିସ ପକ୍ଷରୁ ତାଗିଦ ହୋଇଥିବା ଜଣାପଡ଼ିଛି ।

### ଧର୍ମକୁ ନ ଜାଣି ନିର୍ଦ୍ଦେଶ ଠିକ୍ ନୁହେଁ



ପୋଲିସ କମିଶନର ମହୋଦୟ ଧର୍ମକୁ ନ ଜାଣି ନିର୍ଦ୍ଦେଶ ଦେଇଛନ୍ତି। କହିଦେଲେ ସିନା ମୂର୍ତ୍ତିକୁ ଭାଙ୍ଗିଦିଅ। ହେଲେ ଏଥିରେ କଟକବାସୀଙ୍କ ଭାବନାକୁ କେତେ ଆଞ୍ଚ ଆସିବ ତାହା ଜାଣିପାରିଲେ ନାହିଁ। ସୋମବାର ହାଇକୋର୍ଟରେ ରିଟ ପିଟିଶନ ଫାଇଲ କରିବୁ। କଟକ ମହାନଗର ଶାନ୍ତି କମିଟି ଯେଉଁ ରିପୋର୍ଟ ଦେଇଛନ୍ତି, ସେଥିରେ ମୁଁ ସହମତ ନ ଥିଲି । ସିପିଙ୍କ ନାଁରେ ଅଦାଲତ ଅବମାନନା ମାମଲା ମଧ କରାଯିବ।

**-ସୂର୍ଯ୍ୟକାନ୍ତ ସାଙ୍ଗନାରିଆ, ସଭାପତି, ବାଲୁବଜାର ପୂଜା କମିଟି**

### କଟକିଆଙ୍କ ସ୍ୱାଭିମାନକୁ ଜଳାଞ୍ଜଳି ଦେଇଦେଲେ



କଟକରେ ଆଉ ପରମ୍ପରା ରହିଲା କୋଉଠି। ଯେଉଁମାନଙ୍କୁ ମୁରବି ଭାବିଥିଲୁ ସେମାନେ ଚୁପ୍ ହୋଇ ବସିଛନ୍ତି। କଟକ ଓ କଟକବାସୀଙ୍କ ସ୍ୱାଭିମାନକୁ ଜଳାଞ୍ଜଳି ଦେଇଦେଲେ। ଆମ ପରମ୍ପରା ଜାଣି ନ ଥିବା ବ୍ୟକ୍ତିବିଶେଷ ମୂର୍ତ୍ତି ଭାଙ୍ଗିବାକୁ କହୁଛନ୍ତି। ମା'ଙ୍କ ଉପରେ ଏମାନଙ୍କର କ'ଣ ରାଗ ରହିଛି ତାହା ଆମେ ପ୍ରଶ୍ନ କରିବାକୁ ଚାହୁଁ। ମୂର୍ତ୍ତି ଭାଙ୍ଗିଲେ ସମଗ୍ର ବିଶ୍ୱକୁ ମହାସଙ୍କଟ ମାଡ଼ି ଆସିବ।

**- ନରେଶ ସାହୁ, ସମ୍ପାଦକ, ଫିରିଙ୍ଗିବଜାର ପୂଜା କମିଟି**

### ମୂର୍ତ୍ତି ଭଙ୍ଗାଯିବା ସହିପାରିବୁ ନାହିଁ



ଭୁଲ୍ ହୋଇଛି। ହେଲେ ତା' ମାନେ ନୁହେଁ ଯେ ମୂର୍ତ୍ତି ଭଙ୍ଗାଯିବ। ଭାଇଚାରାର ଏହି ସହରରେ ଆମେ ମୂର୍ତ୍ତି ଭାଙ୍ଗିବାକୁ ବିରୋଧ କରୁଛୁ। ଖୋଦ କଟକିଆ ଭାବେ ଦେବୀଙ୍କ ମୂର୍ତ୍ତି ଭଙ୍ଗାଯିବା ସହିପାରିବୁ ନାହିଁ। ଯେଉଁମାନେ ମୂର୍ତ୍ତି ନିର୍ମାଣ କରି ନାହାନ୍ତି, ସେମାନେ ସରକାରଙ୍କ ଗାଇଡ୍‌ଲାଇନକୁ ପାଳନ କରିବେ। ଦେବୀଙ୍କ ମୂର୍ତ୍ତି ଭଙ୍ଗାଯିବା ଅସମ୍ଭବ। ଏବେ ବିକଳ୍ପ ଖୋଜାଯାଉ।

**- ଜଗନ୍ନାଥ ସାହୁ, ସମ୍ପାଦକ, କଲେଜଛକ ପୂଜା ପ୍ରତିଷ୍ଠାନ**

### ଭାବାବେଗକୁ ଆଘାତ କରିବା ଅନୁଚିତ



ସହରବାସୀଙ୍କ ଭାବାବେଗକୁ ଆଘାତ କରିବା ସପକ୍ଷରେ ମୁଁ ନାହିଁ। ଏହା ଧର୍ମର କଥା, କଟକ ପରମ୍ପରାର କଥା। ସରକାରଙ୍କ ଗାଇଡ୍‌ଲାଇନ ପାଳନ କରି ନ ଥିବା ହେତୁ ସେମାନଙ୍କୁ କିଛି ଶାସ୍ତି ଦିଆଯାଉ। ହେଲେ ମୂର୍ତ୍ତି ଭାଙ୍ଗିବା ଆଦୌ ଉଚିତ ନୁହେଁ । ବଳକା ପୂଜା କମିଟି ରାଜ୍ୟ ସରକାରଙ୍କ ଗାଇଡଲାଇନକୁ ପାଳନ କରିବେ ବୋଲି ମୋର ଆଶା ଆଉ ବିଶ୍ୱାସ ।

**- ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ବିଧାୟକ**

## ଚଢ଼ାଉବେଳେ ତହସିଲଦାରଙ୍କୁ ଦୁର୍ବ୍ୟବହାର

**ନିଶ୍ଚିନ୍ତକୋଇଲି,୧୯।୯(ସ୍ୱ.ପ୍ର.):** ନିଶ୍ଚିନ୍ତାକୋଲି ବ୍ଲକ ଅଧୀନ ଦାଉଦପୁର ପଞ୍ଚାୟତର ବାଲିଗଡ଼ା ନିକଟ ଚିତ୍ରୋତ୍ପଳା ନଦୀରୁ ବେଆଇନ ବାଲି ଉଠାଯାଉଥିବା ଖବର ପାଇ କଟକ ଜିଲା ଏନଫୋର୍ସମେଣ୍ଟ ଟିମ କିଶୋରନଗର ତହସିଲଦାର ଓ ନେମାଳ ଥାନା ପୋଲିସ ସହାୟତାରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଜଣେ ସ୍ଥାନୀୟ ପୂର୍ବତନ ଲୋକପ୍ରତିନିଧି ତହସିଲଦାରଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ତହସିଲଦାର ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ (ନଂ.୧୧୮/୨୦)ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଚଢ଼ାଉରେ ୯ଟି ବାଲିବୋଝେଇ ଗାଡ଼ି ଜବତ କରାଯାଇଥିଲା। ସେଥିରୁ ୭ଗାଡିରୁ ଏକ ଲକ୍ଷ ୮୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ସୁଚେତ ମହାପାତ୍ର ପ୍ରକାଶ କରିଛନ୍ତି। ଦୁଇଟି ଗାଡ଼ି ଜରିମାନା ନ ଦେବାରୁ ଥାନାରେ ଅଟକ ରଖାଯାଇଛି। ତହସିଲଦାରଙ୍କୁ ଆକ୍ରମଣ ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ନିହାର ମହାନ୍ତି ପ୍ରକାଶ କରିଛନ୍ତି।

ନୀରବତା ଭିତରେ ହିଁ ରହିଛି ସର୍ବଶ୍ରେଷ୍ଠ ଶକ୍ତି। ... ତୁମେ ଯଦି ନୀରବ ରହି ଶୁଣ – ତେବେ ତୁମେ ଠିକ୍ ଶୁଣି ପାରିବ ଓ ଠିକ୍ ଭାବେ ବୁଝି ପାରିବ। .. ଲୋକେ ଯଦି ନୀରବ ରହିବା ପାଇଁ ଶିଖନ୍ତେ– ତେବେ ପୃଥିବୀର କେତେ ଗୋଳମାଳିଆ ପରିସ୍ଥିତି ସୁଧୁରି ଯାନ୍ତା ! –ଶ୍ରୀମା



# ଅତ୍ୟଧିକ କ୍ଷମତା ହିଁ ବିପଦ



ଆକାର ପଟେଲ

ଆପରାଧିକ ନ୍ୟାୟ ପ୍ରକ୍ରିୟା ବା ବ୍ୟବସ୍ଥା ଅଭିଯୁକ୍ତଙ୍କ ଅଧିକାରକୁ ସୁରକ୍ଷା ଦେବା ଲାଗି ପ୍ରସ୍ତୁତ କରାଯାଇଛି। କିନ୍ତୁ ଆମ ଦେଶରେ ଏହାକୁ ସେଭଳି ଦେଖାଯାଉ ନାହିଁ। ଅଭିଯୁକ୍ତଙ୍କ ଅଧିକାର ସୁରକ୍ଷାକୁ ଦେଖିବା ପାଇଁ ଆପରାଧିକ ନ୍ୟାୟ ବ୍ୟବସ୍ଥା ହିଁ ଠିକ୍ ବାଟ। କାରଣ ଏହି ମାମଲାରେ ଦୁଇ ପକ୍ଷ ରହିଥାନ୍ତି। ଗୋଟିଏ ପକ୍ଷରେ ଅଭିଯୁକ୍ତ ନିଜେ ଓ ଅନ୍ୟ ପକ୍ଷରେ ଦେଶ ବା ରାଜ୍ୟ। ଏମାନଙ୍କ ମଧ୍ୟରେ ମାମଲା ଲଢ଼େଇ ହୁଏ। ନ୍ୟାୟିକ ବ୍ୟବସ୍ଥାରେ ଦେଶ ଆଇନକୁ ନିୟନ୍ତ୍ରଣ ଓ ପରିଚାଳନା କରେ। ଅଭିଯୁକ୍ତଙ୍କୁ ଗିରଫ କରିବାଠାରୁ ତଦନ୍ତ କରୁଥିବା ପୋଲିସ ଫୋର୍ସକୁ ଦରମା ଦିଏ ଓ ପରିଚାଳନା କରେ। ଅଭିଯୁକ୍ତଙ୍କ ବିରୋଧରେ ମାମଲା ଲଢ଼ିବା ପାଇଁ ତା' ପକ୍ଷରୁ ଓକିଲଙ୍କୁ ନିଯୁକ୍ତି ଦେବା ସହ ସେମାନଙ୍କୁ ଅର୍ଥ ଦେଇଥାଏ । ମାମଲାରେ ଦୋଷୀ ବା ନିର୍ଦ୍ଦୋଷ କିଏ ତାହା ନିର୍ଣ୍ଣୟ କରିବା ପାଇଁ ବିଚାରପତି ନିଯୁକ୍ତ ହୋଇଛନ୍ତି ଓ ସେମାନଙ୍କୁ ଦରମା ଦିଆଯାଉଛି।

ସବୁ କ୍ଷମତା ବା ଅଧିକାର ଦେଶ ନିକଟରେ ରହିଛି, ବ୍ୟକ୍ତି ପାଖରେ ନୁହେଁ। ମାମଲା ଲଢ଼ି ନିଜକୁ ରକ୍ଷା କରିବା ଲାଗି ଭାରତରେ ଅଧିକାଂଶ ଅଭିଯୁକ୍ତଙ୍କ ପାଖରେ ଟଙ୍କା ନ ଥାଏ । ଏଥିପାଇଁ ଦୋଷ ପ୍ରମାଣ ନ ହେବା ଯାଏ ଆମ ପାଖରେ ନିର୍ଦ୍ଦୋଷର ଗୁରୁତ୍ୱ ରହିଥାଏ। ଏଥିରୁ ବୁଝାପଡୁଛି ଯେ, ଆପରାଧିକ ମାମଲାରେ ଦେଶର ଅତ୍ୟଧିକ ତଥା ଭୟଙ୍କର କ୍ଷମତା ରହିଥିଲେ ବି ଏଥିରେ ଅସନ୍ତୁଳନ ରହିଛି। ଯଦିଓ ଆଖିରେ ପଟି ବାନ୍ଧି ହାତରେ ସମାନତାର ତରାଜୁ ଧରିଥିବା ଜଣେ ମହିଳା ନ୍ୟାୟର ପ୍ରତିନିଧିତ୍ୱ କରେ, ଏହି ତରାଜୁ ଏବେ ସମାନତା ଅବସ୍ଥାରେ ନାହିଁ। କାରଣ ମାମଲାର ଗୋଟିଏ ପକ୍ଷ ଉପରେ ଯେତେ ପାର ସେତେ ଭାର ଲଦି ଦିଆଯାଉଛି। ଦିଲ୍ଲୀ ଦଙ୍ଗା ଘଟଣାରେ କିଭଳି ମାମଲା ଲଢାଗଲା ଓ ସେଥିରେ ଦେଶର କି କ୍ଷତି ହେଲା ତା'ର ପ୍ରମାଣ ଆମେ ପାଇଛୁ। ଆପରାଧିକ ନ୍ୟାୟ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ଲାଗି ଦେଶ ନିକଟରେ ଅତ୍ୟଧିକ କ୍ଷମତା ଥିବାରୁ ରାଜନୈତିକ ଦଳର ସଂଖ୍ୟାଗରିଷ୍ଠତା ମାନସିକତା ଏଥିରେ ପ୍ରକାଶ ପାଇବା ଦେଖାଯାଇଛି। ସ୍ୱାଧୀନତା ପରେ ଦେଶ ହାତରେ ଥିବା କ୍ଷମତାକୁ ନେଇ ଏହା ସନ୍ତୁଷ୍ଟ ହୋଇନାହିଁ। ଏହାଠାରୁ ଆହୁରି ଅଧିକ ଚାହୁଁଛି। ପ୍ରକୃତରେ ଏଥିରେ କିଛି ସମସ୍ୟା ନାହିଁ। କାରଣ ଭୋଟରଙ୍କୁ ଛାଡି ଦେଲେ ନିଜର କ୍ଷମତା ବଢ଼ାଇବା ଲାଗି ଦେଶକୁ କେହି ଅଟକାଇ ନାହାନ୍ତି। ଭାରତରେ ଭୋଟରମାନେ ଆପରାଧିକ ନ୍ୟାୟ ବ୍ୟବସ୍ଥାକୁ ସବୁଠୁ କମ୍ ଗୁରୁତ୍ୱ ଦିଅନ୍ତି। ଅଧିକାଂଶ ମଧ୍ୟବିତ୍ତ ଶ୍ରେଣୀର ଲୋକ ଏହା ଉପରେ ବି ଚିନ୍ତା କରନ୍ତିନି। ଏହି ବ୍ୟବସ୍ଥା ଯେତେ କ୍ଷମତା ଚାହୁଁଛି ଦେଶ ତାହା ଦେଇପାରିବ। ଦେଖିବାକୁ ଗଲେ ଭାରତରେ ଏହି ବ୍ୟବସ୍ଥାର ମୌଳିକ ସିଦ୍ଧାନ୍ତକୁ ବଦଳେଇଦେବା ଲାଗି ଦେଶ ନିଜର କ୍ଷମତା ବଢାଇ ଆସିଛି।

ଭାରତୀୟମାନେ ବିରୋଧ କରୁଥିବା ଇଂରେଜ ଅମଳର ଆଇନକୁ ପୁଣି ଲେଖା ଯାଇ କାର୍ଯ୍ୟକାରୀ କରାଯାଇପାରିବ। କାରଣ ଏହାଦ୍ୱାରା ସମାନ ଭାବେ ଲୋକମାନେ ଏବେ ମଧ୍ୟ ପ୍ରଭାବିତ ହେଉଛନ୍ତି। ପ୍ରିଭେନଟିଭ ଡିଟେନଶନକୁ ଅନୁମତି ଦେଉଥିବା ଦି ରୋଲାଟ ଆକ୍ଟ ବିରୋଧରେ ଜାଲିଆନାୱାଲାବାଗରେ ପ୍ରତିବାଦକାରୀ ଏକାଠି ହୋଇଥିଲେ। ଏହି କ୍ଷମତା ବଳରେ ଜଣେ ଅପରାଧ କରି ନ ଥିଲେ ମଧ୍ୟ ଆଗକୁ ଅପରାଧ କରିବା ସନ୍ଦେହରେ ତାଙ୍କୁ ଗିରଫ କରାଯାଇପାରିବ। ନିର୍ଦ୍ଦୋଷ ପ୍ରମାଣ ନ ହେବା ଯାଏ ଏଥିରେ ଦୋଷୀ ଭାବେ ଗ୍ରହଣ କରାଯିବ। ଏବେ ମଧ୍ୟ ସ୍ୱାଧୀନ ଭାରତରେ ଅନେକ ଆଇନ ଗଢାଯାଇଛି ଯାହା ପ୍ରିଭେନଟିଭ ଡିଟେନଶନକୁ ଅନୁମତି ବା ସ୍ୱୀକୃତି ପ୍ରଦାନ କରିଛି। କେନ୍ଦ୍ର ତଥା ପ୍ରତ୍ୟେକ ରାଜ୍ୟରେ ଏଭଳି ଏକାଧିକ ଆଇନ ରହିଛି। ଏଥିଯୋଗୁ ଦିଲ୍ଲୀ ଦଙ୍ଗା ଘଟଣାର ମହିଳାଙ୍କ ସମେତ ସବୁ ପ୍ରତିବାଦକାରୀ ଜାମିନ ପାଇପାରିବେ, କିନ୍ତୁ ଏଯାବତ ସେମାନେ ଜେଲରେ ରହିଛନ୍ତି। କାରଣ ବିନା ଦୋଷରେ ସେମାନଙ୍କୁ ଗିରଫକରି ରଖିବା ପାଇଁ ଅନେକ ବିକଳ୍ପ ରହିଛି। କିନ୍ତୁ ଆମମାନଙ୍କ ମଧ୍ୟରୁ ଅଧିକାଂଶ ଏହା ଉପରେ ଚିନ୍ତାପ୍ରକଟ କରୁଥିବା ଜଣାପଡୁନି। ସରକାର ନିଜ ଲାଗି ୟୁଏପିଏ ସମେତ ମନି ଲଣ୍ଡରିଂ ଓ ଗୋହତ୍ୟା ଉପରେ ଆଇନ ଗଢିଛନ୍ତି। ଏହାର ଅର୍ଥ ଦେଶ ଯାହା ଚାହୁଁଛି ସେହି ଅନୁସାରେ ଅଭିଯୁକ୍ତମାନେ ନିଜକୁ ନିର୍ଦ୍ଦୋଷ ପ୍ରମାଣ ନ କରିବା ଯାଏ ସେମାନଙ୍କୁ ଗିରଫ କରି ରଖି ସେମାନଙ୍କ ବିରୋଧରେ ମକଦ୍ଦମା ଚଲାଯାଇପାରିବ। ବିଶ୍ୱରେ ଅନ୍ୟ କୌଣସି ଦେଶରେ ଏଭଳି ଆଇନ ନାହିଁ।

ଜଣେ ବ୍ୟକ୍ତିଙ୍କ ବିରୋଧରେ ଅନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ର ଅପେକ୍ଷା ଭାରତରେ ଅଧିକ କ୍ଷମତା ଥିବା ସତ୍ତ୍ୱେ ଏହା ଆହୁରି ଅଧିକ ଚାହୁଁଛି। ବିନା ୱାରେଣ୍ଟ ଓ ମାଜିଷ୍ଟ୍ରେଟ୍ ଅର୍ଡରରେ ଉତ୍ତରପ୍ରଦେଶ ସରକାର ଜଣକୁ ଗିରଫ କରିବା ଲାଗି ଏକ ପୋଲିସ ଫୋର୍ସ ଗଠନ କରିଛନ୍ତି। ଏହି କ୍ଷମତା ଅନ୍ୟ ରାଜ୍ୟ ଓ କେନ୍ଦ୍ରର ମଧ୍ୟ ରହିଛି। ଦେଶରେ ଏହି ପ୍ରକାର ଆଇନକୁ ହଟାଇନେବା ଲାଗି ତା' ବିରୋଧରେ ଆମର କୌଣସି ଆଖିଦୃଶିଆ ଜନ ଆନ୍ଦୋଳନ କରାଯାଉନି। ଏହା ନ ହେଲେ ଦେଶ ଲଗାତର ଆମ ବିରୋଧରେ ଅଧିକ କ୍ଷମତା ଜୁଟାଇବାରେ ଲାଗିବ। ଏବେ ଭାରତରେ ଗଣତନ୍ତ୍ର ନାମରେ ଏକଛତ୍ରବାଦ ଶାସନ ଚାଲିଛି। ମୁଁ କୌଣସି ଦଳ ବିରୋଧରେ କହୁନାହିଁ କି କାହାକୁ ଦୋଷ ଦେଉନାହିଁ, କାରଣ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ରାଜନୈତିକ ଦଳ କ୍ଷମତାରେ ରହିଛନ୍ତି। କିନ୍ତୁ ଏହି ଘଟଣାରେ ଭାରତର ରାଜ୍ୟ ରାଜ୍ୟ ମଧ୍ୟରେ କୌଣସି ପ୍ରଭେଦ ପରିଲକ୍ଷିତ ହେଉନାହିଁ। ଏହା ସତ୍ୟ ଯେ, କେନ୍ଦ୍ରରେ ଗୋଟିଏ ସରକାର ଥାଇ ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ଅତ୍ୟଧିକ କ୍ଷମତା ବଢାଇବା ଲାଗି ଚାହିଁବା ହିଁ ବିପଦ। ଏବକାର ଏହି ବ୍ୟବସ୍ଥାରେ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ଆମେ ଭଲ ପାଇ ନ ପାରୁ। କାରଣ ଆମେ ସେମାନଙ୍କୁ ପ୍ରକୃତରେ ସାକ୍ଷାତ କରି ନ ଥିଲେ ବି ସେମାନେ ଖରାପ ଲୋକ ବୋଲି ଧରି ନେଇଛୁ। ଏଭଳି ଘୃଣା ଭାବ ପ୍ରକୃତ କାରଣ ନୁହେଁ, କିନ୍ତୁ ଆମେ କାହିଁକି ଅଭିଯୁକ୍ତଙ୍କ ବିରୋଧରେ ଦେଶର ଅତ୍ୟଧିକ କ୍ଷମତାକୁ ସ୍ୱୀକାର କରିବା। ଏହି ସିଦ୍ଧାନ୍ତ ସମ୍ପୂର୍ଣ୍ଣ ଭୁଲ୍ ଓ ଅନ୍ୟାୟ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 8 | | | | | | | | 4 | 2 | | | 3 | |
| | | | | 6 | 0 | | | | | | | 7 | | E |
| E | 3 | 0 | 1 | | 4 | | | | C | | | | | |
| | | | | C | | | 3 | | 0 | | | | | |
| C | 7 | | | | | 8 | | | | E | | | B | 2 |
| 4 | | 3 | 0 | | | | | | | 5 | | A | | B |
| | | | 7 | | | E | | 3 | | | | 6 | 4 | |
| | | 8 | E | A | | | | | | B | | 5 | | |
| A | | | | | | | | D | | 8 | 1 | | 2 | |
| 2 | 9 | 1 | | D | | | | | | C | 6 | 3 | | |
| | A | E | | | | | | | | | | | | |
| | | | A | 3 | | D | 1 | | 6 | | 7 | 2 | C | |
| | 5 | | | B | C | | | | | 1 | | | | 4 |
| 9 | D | | | 2 | 1 | | C | | | | | | E | 5 |
| 3 | 4 | | 8 | | | 2 | | 9 | | | A | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 6 | 7 | 1 | B | 5 | 9 | D | 2 | 0 | A | C | 4 | E | 8 |
| 4 | A | 8 | 9 | C | 0 | 6 | 3 | 7 | E | B | 5 | D | 2 | 1 |
| C | 0 | 1 | 7 | E | 3 | 4 | A | 5 | 2 | 8 | D | B | 9 | 6 |
| D | E | 9 | 8 | 4 | 2 | C | 0 | B | 1 | 6 | 3 | A | 5 | 7 |
| 2 | B | 5 | 6 | D | A | 1 | E | 8 | 7 | 9 | 4 | C | 0 | 3 |
| 0 | 9 | B | E | A | 4 | D | 8 | 1 | 3 | 5 | 6 | 7 | C | 2 |
| 6 | 8 | 4 | 2 | 3 | 1 | A | 5 | C | 9 | 0 | 7 | E | B | D |
| 7 | C | D | 5 | 6 | B | E | 4 | 3 | A | 2 | 1 | 9 | 8 | 0 |
| 1 | 5 | 2 | D | 7 | 9 | 0 | B | 6 | C | E | 8 | 3 | A | 4 |
| A | 3 | E | C | 0 | 8 | 2 | 7 | 9 | 4 | D | B | 1 | 6 | 5 |
| 5 | 4 | C | A | 1 | D | B | 2 | 0 | 6 | 7 | E | 8 | 3 | 9 |
| E | 7 | 3 | B | 9 | 6 | 8 | 1 | D | 5 | C | 0 | 2 | 4 | A |
| 8 | 1 | 0 | 4 | 2 | 7 | 5 | C | A | B | 3 | 9 | 6 | D | E |
| B | 2 | 6 | 0 | 8 | E | 3 | 9 | 4 | D | 1 | A | 5 | 7 | C |
| 9 | D | A | 3 | 5 | C | 7 | 6 | E | 8 | 4 | 2 | 0 | 1 | B |

ଗତକାଲିର ଉତ୍ତର

# ଘୁଣଖିଆ ଗଣତନ୍ତ୍ର



ଡ. ପ୍ରଫୁଲ୍ଲ କୁମାର ସାହୁ

ବିଶ୍ୱବ୍ୟାପୀ ରାଜନୀତି ବିଶାରଦମାନଙ୍କ ମତରେ ଗଣତନ୍ତ୍ର ହେଉଛି ସବୁଠାରୁ ଭଲ ଶାସନବ୍ୟବସ୍ଥା। ସେଥିପାଇଁ ସ୍ୱାଧୀନ ଭାରତବର୍ଷରେ ଗଣତନ୍ତ୍ରକୁ ମନ୍ତ୍ରକରି ଆରମ୍ଭ ହୋଇଥିଲା ରାଷ୍ଟ୍ରନିର୍ମାଣ ଅଭିଯାନ। ମାତ୍ର ଆମ ସମ୍ବିଧାନ ପ୍ରଣେତାମାନେ ଯେଉଁ ସ୍ୱଚ୍ଛ ଓ ଉତ୍ତରଦାୟୀ ଶାସନ ବ୍ୟବସ୍ଥା କଥା କହିଥିଲେ ସେ ବ୍ୟବସ୍ଥା ଆଜି କାହିଁ? ଗଣତନ୍ତ୍ରର ସଂଜ୍ଞା ପ୍ରଦାନ କରିବାକୁ ଯାଇ ଆମେରିକାର ପୂର୍ବତନ ରାଷ୍ଟ୍ରପତି କହିଥିଲେ– ଏହା ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ପାଇଁ ଓ ଲୋକମାନଙ୍କର। ଗଣତନ୍ତ୍ର ସମ୍ପର୍କରେ ଏ ଉକ୍ତି ବିଶ୍ୱରେ ଏବେ ସୁଦ୍ଧା ସବୁଠାରୁ ଅଧିକ ଲୋକପ୍ରିୟ ସଂଜ୍ଞା। ଏହି ସଂଜ୍ଞା ଅନୁସାରେ ଲୋକମାନେ ହିଁ ଗଣତନ୍ତ୍ରର ସର୍ବଶକ୍ତିମାନ। ମାତ୍ର ବାସ୍ତବସ୍ଥିତି କହୁଛି ଜନତା ନୁହେଁ ନେତା ହେଉଛନ୍ତି ସର୍ବଶକ୍ତିମାନ ଏବଂ ରାଜନୈତିକ ଦଳଗୁଡ଼ିକ ଗଣତନ୍ତ୍ରର ପ୍ରାଣ। ଏହିସବୁ ଦଳ ଭିତରେ ଦିନକୁ ଦିନ ବୃଦ୍ଧି ପାଉଥିବା ବ୍ୟକ୍ତି ପୂଜା ଓ ଅନ୍ଧ ଭକ୍ତିର ସଂକ୍ରମଣ ଯୋଗୁ ବାଟବଣା ହେଲାଣି ଏକ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠାର ସୁବର୍ଣ୍ଣ ସମ୍ଭାବନା। ରାଜତନ୍ତ୍ର ଗର୍ଭରୁ ଜନ୍ମ ନେଇଥିବା ଆମ ଗଣତନ୍ତ୍ରକୁ ଏବେ ସୁଦ୍ଧା ଆଚ୍ଛନ୍ନ କରି ରଖିଛି ସାମନ୍ତବାଦୀ ଆଚରଣ। ରାଜତନ୍ତ୍ର ପ୍ରତି ଲୋକଙ୍କର ଏତେ ଉତ୍ସୁକତା ଯେ ଲୋକ ପ୍ରତିନିଧିମାନଙ୍କୁ ଏଠି ସମ୍ବର୍ଦ୍ଧନା ଦିଆଯାଉଛି ରାଜକୀୟ ଢଙ୍ଗରେ। ସେମାନଙ୍କ ଗସ୍ତ ଅବସରରେ ରାସ୍ତାଘାଟ ସଜାଯାଉଛି, ତୋରଣ ତିଆରି ହେଉଛି ଏବଂ ତାଙ୍କ ଉପବେଶନ ପାଇଁ ପକାଯାଉଛି ସିଂହାସନ ସଦୃଶ ଚୌକି। କେଉଁଠି ଛୋଟିଆ ପୋଲଟିଏ ବା ସୁଲଭ ଶୌଚାଳୟଟିଏ ଉଦ୍‌ଘାଟନ ହେଲେ ଜନପ୍ରତିନିଧିଙ୍କ ନାଁରେ ପୋତାହେଉଛି ମାର୍ବଲ ଫଳକ। ଆଗରୁ ରାଜାଙ୍କର ସିନା ଜଣେ ଜଣେ ଭାଟ ଥିଲେ, ଏବେ ନେତାମାନଙ୍କ ଗୁଣଗାନ ପାଇଁ ଲୋକଙ୍କ ଭିତରେ ଲାଗି ଯାଉଛି ପ୍ରତିଯୋଗିତା। ଏମାନଙ୍କ ଅନ୍ଧ ସ୍ତାବକତା କଥା ଭାବିଲେ ମନେହୁଏ ଇତିହାସର ରାଜତନ୍ତ୍ର ଓ ସାମନ୍ତତନ୍ତ୍ରର ସେହି ବିଷାକ୍ତ ପରମ୍ପରା ଆଜି ଗଣତନ୍ତ୍ରରେ ପ୍ରସାରିତ ହୋଇଛି ନୂଆ ରୂପରେ, ଯାହାକୁ କୁହାଯାଇପାରେ ଭାଟତନ୍ତ୍ର। ରାଜାପୁଅ ରାଜାହେବା ନ୍ୟାୟରେ ଏଠି ପ୍ରତିଷ୍ଠା ଲାଭ କଲାଣି ପରିବାରବାଦ। ସଂସଦକୁ ଏବେ ବହୁସଂଖ୍ୟାରେ ଲୋକପ୍ରତିନିଧି ନିର୍ବାଚିତ ହେଉଛନ୍ତି ଉତ୍ତରାଧିକାରୀ ସୂତ୍ରରେ। ଏହି ଧାରା ଅବ୍ୟାହତ ରହିଲେ ବୋଧହୁଏ ଆଉ କିଛିବର୍ଷ ପରେ ଗଣତନ୍ତ୍ରକୁ ସମ୍ପୂର୍ଣ୍ଣ କବଳିତ କରିନେବ ପରିବାରତନ୍ତ୍ର।

ସଂସଦ ହେଉଛି ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର, ଯାହା ରାଷ୍ଟ୍ରପାଇଁ ପବିତ୍ରତାର ପ୍ରତୀକ। ଜନମତ ବଳରେ ସଂସଦକୁ ନିର୍ବାଚିତ ହେଉଥିବା ପ୍ରତିନିଧିମାନଙ୍କ ବିଚାରବୋଧ ଓ ବୌଦ୍ଧିକତା ଉପରେ ନିର୍ଭର କରେ ଗଣତନ୍ତ୍ରର ସ୍ୱଚ୍ଛତା ଓ କ୍ରିୟାଶୀଳତା। ଦେଶ ସ୍ୱାଧୀନ ହେବାର ପ୍ରାୟ ତିନିଦଶନ୍ଧି ପର୍ଯ୍ୟନ୍ତ ସଂସଦର ବାତାବରଣ ଥିଲା ସଂପୂର୍ଣ୍ଣ ସୌହାର୍ଦ୍ଦ୍ୟପୂର୍ଣ୍ଣ। ରାଷ୍ଟ୍ର ଗଢିବାର ସଂକଳ୍ପ ନେଇ ସଂସଦକୁ ଆସୁଥିବା ସଦସ୍ୟମାନେ ଏକ ମହତର ଆଦର୍ଶକୁ ଆଖିଆଗରେ ରଖି ଆଲୋଚନାରେ ଅଂଶ ଗ୍ରହଣ କରୁଥିଲେ ଏବଂ ଘଣ୍ଟା ଘଣ୍ଟା ଧରି ବିତର୍କ ଚାଲୁଥିଲା ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ। ମାତ୍ର ଏବେ ଉଚ୍ଚମାନର ବିତର୍କ ପରିବର୍ତ୍ତେ ଏକ ଧରାବନ୍ଧା କାର୍ଯ୍ୟକ୍ରମରେ ପରିଣତ ହେଲାଣି ହଟ୍ଟଗୋଳ ଓ ହଙ୍ଗାମା। ଏହାର ସବୁଠାରୁ ବଡ଼ କାରଣ ହେଉଛି ଗଣତନ୍ତ୍ରର ମନ୍ଦିରକୁ ବାହୁବଳୀ ଓ ଭ୍ରଷ୍ଟ ନେତାମାନଙ୍କର ପ୍ରବେଶ। କୁହାଯାଏ ଲୋକପ୍ରତିନିଧି ମନୋନୟନ ହେଉଛି ଗଣତନ୍ତ୍ରର ମେରୁଦଣ୍ଡ। ମାତ୍ର ଆମ ନିର୍ବାଚନୀ ବ୍ୟବସ୍ଥାକୁ ଜାଣିଶୁଣି ଏଭଳି ବ୍ୟୟବହୁଳ କରିଦିଆଯାଇଛି ଯେ ଜଣେ ସାଧାରଣ ସ୍ତରର ଶିକ୍ଷିତ, ସାଧୁ ଓ ନିଷ୍ଠାବାନ ବ୍ୟକ୍ତି ପକ୍ଷରେ ନିର୍ବାଚନରେ ଭାଗନେଇ ଜିତିବା ତ ଦୂରର କଥା ଅମାନତ ରଖିବା ବି ଦୁରୂହବ୍ୟାପାର। ସେଥିପାଇଁ ଆମ ସଂସଦ ଓ ବିଧାନସଭାରେ ବଢିଚାଲିଛି ବିତ୍ତଶାଳୀ ଓ ଦାଗୀ ନେତାମାନଙ୍କର ସଂଖ୍ୟା। ଏହି ମର୍ମରେ ମନେପଡ଼େ ଭାରତୀୟ ଲୋକଜୀବନର ବିଚକ୍ଷଣ ରୂପକାର କାର୍ଟୁନିଷ୍ଟ ଆର.କେ.ଲକ୍ଷ୍ମଣଙ୍କ ମନ୍ତବ୍ୟ। ସେ ଏକଦା ରାଜନୈତିକ କାର୍ଟୁନ୍ ବନ୍ଦ କରିଦେଲେ ଏବଂ ତା'ର କାରଣ ପ୍ରକାଶ କଲେ ଏକ ଅବିସ୍ମରଣୀୟ କାର୍ଟୁନ୍ ମାଧ୍ୟମରେ। ସେଥିରେ ସେ କହିଲେ ମୁଁ ରାଜନେତାମାନଙ୍କ କାର୍ଟୁନ୍ କରିବା ଛାଡ଼ି ଦେଇଛି କାରଣ ଏବେ କାର୍ଟୁନମାନେ ରାଜନେତା ହେଲେଣି। ସ୍ୱାଧୀନତାର ବ୍ରାହ୍ମ ମୁହୂର୍ତ୍ତରେ ରାଜନେତାମାନେ ଥିଲେ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧୀବାଦୀ। ଆତ୍ମ ସମୀକ୍ଷା ଓ ଆତ୍ମ ସମାଲୋଚନା ଥିଲା ସେମାନଙ୍କ ସଂଘର୍ଷଶୀଳ ବ୍ୟକ୍ତିତ୍ୱର ପ୍ରତିଷ୍ଠା। ତା'ର ସବୁଠାରୁ ବଡ଼ ଉଦାହରଣ ହେଉଛନ୍ତି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ। ସେ ସମୟରେ ଭାରତ ପ୍ରସିଦ୍ଧ କାର୍ଟୁନିଷ୍ଟ ଶଙ୍କର ଗୋଟିଏ ବ୍ୟଙ୍ଗ ଓ ସମାଲୋଚନା ଧର୍ମୀ ପତ୍ରିକା ପ୍ରକାଶ କରୁଥିଲେ ଯାହାର ନାଁ ଥିଲା ଶଙ୍କର ଉଇକିଲ୍। ପ୍ରତ୍ୟୁତ୍ପନ୍ନମତି ଶଙ୍କର ପ୍ରାୟ ସବୁ ନେତାଙ୍କୁ ବ୍ୟଙ୍ଗ କରୁଥିଲେ ଏବଂ ନେହେରୁ ତାଙ୍କୁ ଉତ୍ସାହିତ କରିବାକୁ ଯାଇ କହୁଥିଲେ ମୋତେ ବି ଛାଡ଼ିବନି ଶଙ୍କର। ଏହି ସଂଗ୍ରାମୀ ରଣନୀତି ଯେବେଠାରୁ କ୍ଷମତାର ରଣନୀତିରେ ରୂପାନ୍ତରିତ ହେଲା ସେବେଠାରୁ ସଙ୍କୁଚିତ ହେବାକୁ ଲାଗିଲା ଭିନ୍ନ ମତକୁ ସମ୍ମାନ ଦେବାର ମାନସିକତା।

ଏହା ନିର୍ବିବାଦୀୟ ସତ୍ୟ ଯେ ସଂସଦୀୟ ଗଣତନ୍ତ୍ର ହେଉଛି ସଂଖ୍ୟାର ଖେଳ। ସଂଖ୍ୟା ବଳରେ ସଂସଦରେ ନିଷ୍ପତ୍ତି ନିଆଯାଏ ଓ ତିଆରି ହୁଏ ଆଇନ୍। ଏହା ସତ୍ତ୍ୱେ ଗଣତନ୍ତ୍ରରେ ସଂଖ୍ୟାଲଘୁମାନଙ୍କର ରହିଛି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା। କାରଣ ଗଣତନ୍ତ୍ରର ସଫଳତା ପାଇଁ ସମାଲୋଚନା ଏକ ଅମୋଘ ଅସ୍ତ୍ର। ଏହି ଦୃଷ୍ଟିରୁ ସଂଖ୍ୟାଲଘୁଙ୍କ ବିରୋଧକୁ ସହୃଦୟତାର ସହିତ ଗ୍ରହଣ କରି ଆବଶ୍ୟକ ସ୍ଥଳେ ଯଥାର୍ଥ ଯୁକ୍ତି ବଳରେ ସେମାନଙ୍କ ସମର୍ଥନ ହାସ ପାଇଁ ନିଷ୍ଠାପର ଉଦ୍ୟମ ହିଁ ସଂଖ୍ୟା ଦୃଷ୍ଟିରୁ ଶକ୍ତିମାନ ଦଳର ନୈତିକ କର୍ତ୍ତବ୍ୟ। ଅର୍ଥାତ୍ ସଂଖ୍ୟା ଗରିଷ୍ଠ ଦଳ ସଭିଙ୍କ ସଂଖ୍ୟାଲାଭ କରିବା ଦ୍ୱାରା ମହିମା ମଣ୍ଡିତ ହୁଏ ଗଣତନ୍ତ୍ର। ମାତ୍ର ଏବେ ସଂଖ୍ୟାର ଅହଂକାର ଓ ଔଦ୍ଧତ୍ୟ ଯୋଗୁ ବିରୋଧୀଙ୍କ ସ୍ୱରକୁ ଚାପିଦେବା ପାଇଁ କେତେବେଳେ ପ୍ରଶ୍ନୋତ୍ତର କାଳ ବାତିଲ ହେଉଛି ତ କେତେବେଳେ ଅଚାନକ ସଂସଦ ଓ ବିଧାନସଭା ମୁଲତବି ଘୋଷଣା ହେଉଛି ଅନିର୍ଦ୍ଦିଷ୍ଟ କାଳ ପାଇଁ। ଗୃହ ପରିଚାଳନାରେ ସଂଖ୍ୟା ଗରିଷ୍ଠତାର ଏଭଳି ବଳ ପ୍ରୟୋଗ ଦ୍ୱାରା ଗଣତନ୍ତ୍ର ଉପରେ ଭାରିପଡ଼ିଲାଣି ବଳତନ୍ତ୍ର। ଆବ୍ରାହିମ୍ ଲିଙ୍କନଙ୍କ ସଂଜ୍ଞା ଅନୁସାରେ ଗଣତନ୍ତ୍ର ଜନମତ ଉପରେ ପର୍ଯ୍ୟବସିତ। ମାତ୍ର ଜନମତର ଅର୍ଥ ନୁହେଁ ଯେ କେବଳ ନିର୍ବାଚନରେ ମତାଧିକାର ସାବ୍ୟସ୍ତ। ଜନମତର ମୂଳକଥା ହେଉଛି ବ୍ୟକ୍ତିବିଶେଷର ସ୍ୱାଧୀନତା ବା ମୁକ୍ତ ଭାବରେ ମତପ୍ରକାଶ କରିବାର ଅଧିକାର। କେବଳ ଅଧିକାର ନୁହେଁ ଗଣତନ୍ତ୍ରର ସଫଳତା ପାଇଁ ଏହା ଏକ ବିଶେଷ ଆବଶ୍ୟକତା। ମାତ୍ର ଆଜି ସରକାରଙ୍କ କାର୍ଯ୍ୟ ଉପରେ ପ୍ରଶ୍ନ କରିବା ମନା। ଯିଏ ପ୍ରଶ୍ନ କରିବ ସେ ଆକ୍ରୋଶର ଶିକାର ହେବ ଏବଂ ତା' ଦେହରେ ଲଗେଇ ଦିଆଯିବ ଦେଶଦ୍ରୋହୀର ମୋହର। ରାଜନୈତିକ ବିଶେଷଜ୍ଞଙ୍କ ମତରେ ସରକାରଙ୍କୁ ସମାଲୋଚନା କରିବା ଅର୍ଥ ଦେଶର ସମାଲୋଚନା ନୁହେଁ, ବରଂ ସମାଲୋଚକର ମୁହଁ ବନ୍ଦ କରିବା ଏକ ଏକ ରାଜନୈତିକ ଭ୍ରଷ୍ଟାଚାର। ଏ ସମ୍ପର୍କରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହନ୍ତି – ଅସହମତି କେବେ ରାଷ୍ଟ୍ର ବିରୋଧୀ ନୁହେଁ ବରଂ ଏହା ଗଣତନ୍ତ୍ରର ରକ୍ଷାକବଚ। ଅସହମତି ଉପରେ ଆକ୍ରମଣ ହିଁ ଗଣତନ୍ତ୍ର ଉପରେ ଆକ୍ରମଣ ସହିତ ସମାନ। ଏ କଥା ମନେରଖିବା ଉଚିତ୍ ଯେ ଆମ ସମ୍ବିଧାନ କାଗଜରେ ଲେଖାହୋଇଥିବା କିଛି ମାମୁଲି ଦସ୍ତାବିଜ ନୁହେଁ, ଏହା ଭାରତବର୍ଷର ଆତ୍ମା। ମାତ୍ର କ୍ଷମତା ରାଜନୀତି ପାଇଁ ଗଣତନ୍ତ୍ରର ବିଧି ବ୍ୟାକରଣକୁ ଆଉ ମାନିବାକୁ ପ୍ରସ୍ତୁତ ନୁହନ୍ତି କ୍ଷମତା ଆତୁର ନେତାମାନେ। କ୍ଷମତା ହାସଲ ପାଇଁ ଏହି ଦଳମାନେ କିଭଳି ସମ୍ବିଧାନକୁ ଅବମାନନା କରନ୍ତି ତା'ର ସବୁଠାରୁ ବଡ଼ ଦୃଷ୍ଟାନ୍ତ ହେଉଛି ମହାରାଷ୍ଟ୍ରରେ ଗତ ବିଧାନସଭା ନିର୍ବାଚନ ପରବର୍ତ୍ତୀ ରାଜନୈତିକ ଦୃଶ୍ୟପଟ। ସେମାନଙ୍କ କ୍ଷମତା ଲିପ୍‌ସା ଯେତିକି ଉଗ୍ର ଓ ଉଲଙ୍ଗ ହେଉଛି ସେତିକି ବିକଟ ହେଉଛି ରାଜନୈତିକ ବିଭେଦ ଓ ବିରୋଧ। ସାଧାରଣତଃ ନେତା ଓ ଜନତାଙ୍କ ଭାଗୀଦାରିରେ ସଫଳ ହୁଏ ଗଣତନ୍ତ୍ର। ଏବେ ସେ ଭାଗୀଦାରିକୁ କ୍ଷୁଣ୍ଣ କରିସାରିଲାଣି ନେତାଙ୍କ ଏକଚାଟିଆପଣ। ସେମାନେ କେବଳ ଲୋକଙ୍କୁ ନିଜର ପାରିଲାପଣିଆ ଶୁଣାଉଛନ୍ତି, କିନ୍ତୁ ଲୋକଙ୍କ ମନକଥା ଶୁଣିବାକୁ ନାରାଜ। ଏଭଳି ଏକପାଖିଆ ଆଚରଣରୁ ଜନ୍ମନିଏ ସ୍ୱୈରୀ ଶାସନ ବା ଏକଛତ୍ରବାଦ। ଏମିତି ଗୋଟିଗୋଟି କରି ଦୋଷ ବାଛିଲେ ତ ଆମ ଘୁଣଖିଆ ଗଣତନ୍ତ୍ର ଉପରେ ଲଦିହୋଇପଡ଼ିବ ସ୍ୱାର୍ଥତନ୍ତ୍ର, ଅର୍ଥତନ୍ତ୍ର, ମୂର୍ଖତନ୍ତ୍ର, ହିଂସାତନ୍ତ୍ର ଓ ଚାଲକତନ୍ତ୍ର ଆଦି ଅନେକ ଦୁର୍ନାମ । ଏହି ଦୁର୍ନାମ ଯୋଗୁ ନିଜକୁ ବୃହତ୍ତମ ଗଣତନ୍ତ୍ର କହି ଯେତେ ବାଗରେ ନାଗରା ପିଟିଲେ ବି କାନକୁ ଆଦୌ ମଧୁର ଶୁଭୁନି ଆମ ଗଣତନ୍ତ୍ରର ସ୍ୱର ଓ ଶବଦ।

ଅଧ୍ୟକ୍ଷ, ଫୁଲମତୀହେମ୍ବ୍ରମ ମହାବିଦ୍ୟାଳୟ,
ପଡ଼ିଆବେଡ଼ା, ମୟୂରଭଞ୍ଜ
ମୋ: ୯୪୩୮୮୫୫୦୮୮

# ଟିକ୍‌ଟକ୍ ଓ ପବ୍‌ଜୀ ଫାଶ



ନଗେନ୍ଦ୍ର ନାଥ ପଟ୍ଟନାୟକ

ସମ୍ପ୍ରତି ଏ ଚାକଚକ୍ୟଭରା ଦୁନିଆରେ ମନୋରଞ୍ଜନର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଏହି ପରିପ୍ରେକ୍ଷୀରେ ସଦ୍ୟତମ ଘଟଣାବଳୀ ତଥା ଗରମାଗରମ ରୋଚକ ଦୃଶ୍ୟ ପ୍ରଦର୍ଶନ ସକାଶେ ମୋବାଇଲେ ଖଞ୍ଜାଯାଇଥିବା ଆପ୍‌ର ଯାଦୁ ଯୁବପିଢିଙ୍କୁ ଏମିତି ବାନ୍ଧିରଖିଛି ଯେ ସେଥିରୁ ନିସ୍ତାର ପାଇବା ବଡ ମୁସ୍କିଲ ହୋଇପଡିଛି। କେହି କେହି ସିନେମା ଦେଖୁଛନ୍ତି ତ ଆଉ କିଏ ଖବର ସଂଗ୍ରହରେ ଖୁବ ବ୍ୟସ୍ତ ରହୁଛନ୍ତି। ଏମିତି ମୁଷ୍ଟିମେୟ ଲୋକ ଅଛନ୍ତି ଯେଉଁମାନେ କି ସୋସିଆଲ ମିଡିଆ (ସାମାଜିକ ଗଣମାଧ୍ୟମ) ଜରିଆରେ ନୂଆନୂଆ ଆପ୍‌ସ ସମ୍ପର୍କରେ ଯାହା କିଛି ଭାଇରାଲ ହେଉଛି ତାକୁ ନେଇ ନିଜର ବିଚାର ଓ ମତ ଅଭିବ୍ୟକ୍ତ କରୁଛନ୍ତି। ଯେମିତି କି ଏହା ସେମାନଙ୍କ ବ୍ୟକ୍ତିଗତ ଜୀବନର ପ୍ରସଙ୍ଗ ହୋଇ ରହିଛି। ବର୍ତ୍ତମାନ ସୁଦ୍ଧା ଟିକ୍‌ଟକ ଓ ପବ୍‌ଜୀ ଆପ୍‌ସ ବ୍ୟତୀତ ଆଉ ଶହେ ପଚାଶରୁ ଊର୍ଦ୍ଧ୍ୱ ଚାଇନା ଆଉ କୋରିଆର ଆପ୍‌ସକୁ ଆମ ସରକାର ନିଷିଦ୍ଧ କରିସାରିଲେଣି। ସରକାରଙ୍କର ଏ ଦୂରଦର୍ଶୀ ଓ ପ୍ରଭାବୀ ପଦକ୍ଷେପ ଯେ ନିଶ୍ଚିତ ରୂପେ ସ୍ୱାଗତଯୋଗ୍ୟ ଏଥିଲେ ଗାରେହେଲେ ସନ୍ଦେହ ନାହିଁ। ତେବେ ସେ ଟିକ୍‌ଟିକ ହେଉ କି ପବ୍‌ଜୀ ଅଥବା ଅନ୍ୟ କୌଣସି ଆପ୍‌ସ ଏସବୁ ଆମର ମନୋରଞ୍ଜନର ବଳିଷ୍ଠ ମାଧ୍ୟମ ପାଲଟିଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଖାଲି ସେତିକି ନୁହେଁ,ଏହା ଆମକୁ ଗୁରୁତ୍ୱପୂର୍ଣ୍ଣ ଖବର ଉପଲବ୍ଧ କରାଇବାରେ ମଧ୍ୟ ବଡ ସାଧନ ହୋଇ ରହିଛି। ତେବେ ଏକଥା ଅବଶ୍ୟ ସତ ଯେ ଏଭଳି ଆଭିମୁଖ୍ୟସମ୍ପନ୍ନ କମ୍ପାନୀଗୁଡିକୁ ଆପ୍‌ସ ଜରିଆରେ ଆମର ଯୁବପିଢିଙ୍କୁ ବାନ୍ଧି ରଖନ୍ତୁ ବୋଲି ଚାଇନା ତା'ର ବଦଭ୍ୟାସ ଜାରି ରଖିଛି।

ଏ ପ୍ରସଙ୍ଗରେ କେତେକ ଉଦାହରଣ ଅବତାରଣା କରିବା ସମୀଚୀନ ମନେହୁଏ। ଏଇ କିଛିଦିନ ତଳେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଜଣେ ବିଦ୍ୟାର୍ଥୀକୁ ତା'ର ମାଆବାପା ପବ୍‌ଜୀ ଦେଖିବାକୁ ମନାକରିବାରୁ ସିଏ ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କଲା। ସେମିତି କୌଣସି ଉତ୍କଟ ଦୁରାରୋଗ୍ୟର ଉପଚାର ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣେ ତରୁଣୀ ତା' ବାପାମାଆଙ୍କୁ ମୋବାଇଲ ଦେବା ଲାଗି ଅଡିବସିଲା। କାହିଁକି ନା ସିଏ ଟିକ୍‌ଟିକ ଆପ୍‌ସରେ କିଛି ଶେୟାର (ଭାଗୀଦାର) ହେବାକୁ ଚାହୁଁଥିଲା। ମାଆବାପା ତାକୁ ମୋବାଇଟିଏ ଦେବାକୁ ରୋକ୍‌ଠୋକ୍ ମନାକଲାରୁ ସିଏ ତା'ର ହାତର ଧମନୀ ବା ଶିରାକୁ ଧାରୁଆ ବ୍ଲେଡରେ କାଟି କ୍ଷତାକ୍ତ କରିପକାଇଲା। ପୁଣି ଆଉ ଜଣେ ଯୁବକ କାର ଚଳାଉଥିଲା। ସେଇ କାରରେ ତା'ର ମୋବାଇଲଟି ଖୋଲା ରଖାଯାଇଥିଲା ଓ ସେଥିରେ ପବ୍‌ଜୀ ଆପ୍‌ସ ଚାଲୁ ରହିଥିଲାବେଳେ ଆଖିପିଛୁଳାକେ କାରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହିଭଳି ଏକ ପିକ୍‌ନିକ ବା ବଣଭୋଜିସ୍ଥଳରେ ବିଦ୍ୟାର୍ଥୀମାନେ ବଡ ମଜାମଉଜରେ ନିଜ-ନିଜର ପସନ୍ଦଯୋଗ୍ୟ ଆପ୍‌ସ ଦେଖିବାରେ ମସଗୁଲ ଥିବାବେଳେ ହଠାତ ଭୟଙ୍କର ବନ୍ୟା ମାଡିଆସିଲା। ଫଳରେ ସେମାନଙ୍କୁ ଏକ ବଡ ବିପତ୍ତିର ସାମ୍ନା କରିବାକୁ ପଡିଥିଲା। ଏ ପରିପ୍ରେକ୍ଷୀରେ ଏସବୁ ଉଦାହରଣ ଉପସ୍ଥାପନ କରିବାର ପ୍ରମୁଖ ତାତ୍ପର୍ଯ୍ୟ ହେଉଛି କେବଳ ଯେ ଭାରତୀୟ ଯୁବପିଢିଙ୍କୁ ପାଲରେ ଫସାଇ ନିଜର ଆପ୍‌ସର କାୟା ବିସ୍ତାର କରିବା ଚାଇନା କମ୍ପାନୀଙ୍କ ଅଭିସନ୍ଧି ବା କାର୍ଯ୍ୟକ୍ରମ ନୁହେଁ, ଏହି ଆପ୍‌ସ ଜରିଆରେ ଆମ ଦେଶର ଗୋଇନ୍ଦା ଖବର ବି ଚତୁର ଚାଇନ ହାତକୁ ଚାଲିଯାଉଛି । ଅନ୍ୟ ଭାଷାରେ କହିଲେ ଆମ ଦେଶର ନିରାପତ୍ତା ଓ ପ୍ରତିରକ୍ଷା ବ୍ୟବସ୍ଥା ଏବେ ବିପଦାପନ୍ନ ସ୍ଥିତିରେ ରହିଛି । ଖାସ୍ ସେଇଥିପାଇଁ ଆମ ଦେଶର ପ୍ରଧାନମନ୍ତ୍ରୀ ଏତେ ବଡ ନିଷ୍ପତ୍ତି ଗ୍ରହଣ କରି ନିଜ ବୁଦ୍ଧିମତ୍ତାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ନିରାପତ୍ତା ତଥା ପ୍ରତିରକ୍ଷା ଦୃଷ୍ଟିକୋଣରୁ ବିଚାରିଲେ ଏହା ଏକ ବଳିଷ୍ଠ ପଦକ୍ଷେପ । ତେବେ ବାସ୍ତବତା ହେଉଛି ଆମର ଏବକାର ଯୁବପିଢି ଯେଉଁଭଳି ଭାବେ କେବଳ ସୋସିଆଲ ମିଡିଆର ଗୁଲାମୀ ପାଲିଟିଯାଇଛନ୍ତି ତହୁଁରୁ ସେମାନଙ୍କୁ ମୁକୁଳାଇବା ଆମର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ ।

ସୋସିଆଲ ମିଡିଆରେ ଯୁବପିଢିକୁ ଯେତେବେଳେ ନିଜର କଥାକୁ ପରିପ୍ରକାଶ କରିବା ଅଥବା ଭିଡିଓ ତିଆରି କରିବାର ସୁବିଧା ଉପଲବ୍ଧ ହେଉଛି ସେମାନେ ପରିସ୍ପର ସହିତ ଅଡିଓ ଓ ଭିଡିଓ ଜରିଆରେ ବହୁତ କିଛି କଥାକୁ ବ୍ୟକ୍ତ କରିଦେଉଛନ୍ତି। ଫଳରେ ଯାହାର ସୁପ୍ରଭାବ ଓ କୁପ୍ରଭାବ ସେମାନଙ୍କ ଉପରେ ପଡୁଛି। କତିପୟ ବିଦ୍ୱାନ ଅଥବା ଘନିଷ୍ଠ ସାଙ୍ଗସାଥୀ ଅଥବା କେତେକ ସମ୍ପ୍ରଦାୟର ଲୋକ ଗ୍ରୁପ (ଗୋଷ୍ଠୀ) ଗଠନକରି ଚ୍ୟାଟ (ଗପସପ ଓ ଆଳାପଆଲୋଚନା) ହେଉଛନ୍ତି ତାହା ତ ନିଶ୍ଚିତରୂପେ ଭଲକଥା, ହେଲେ ୟାର ମନ୍ଦ ଦିଗଟି ହେଉଛି ଏହି ଗ୍ରୁପରେ ଯେ କୌଣସି ଜଣକୁ ସମ୍ଭବତଃ ଟାର୍ଗେଟ କରାଯାଇପାରେ। କିଛିଟା ଉଦାହରଣ ଦ୍ୱାରା ଏକଥାକୁ ଆମେ ପରିଷ୍କାର ଭାବେ ବୁଝାଇ ଦେଇପାରିବା। ତେବେ ଏଇଠି ପ୍ରଶ୍ନ ହେଉଛି କୌଣସି ଜଣେ ଝିଅର ଆକର୍ଷଣୀୟ ଚେହେରା ଓ ସୁଠାମ ଶାରୀରିକ ସୌନ୍ଦର୍ଯ୍ୟକୁ ଯଦି କେହି କେବେ ଗ୍ରୁପ ତିଆରି କରି ଉଲ୍ଲେଖ କରେ ତେବେ ସିଏ କ'ଣ ଏହା ପ୍ରଯୁକ୍ତିଗତ ବିଦ୍ୟାର ଦୋଷ ବୋଲି କହି ଖସି ପଳାଇବ ? ତେବେ ସେ ଯାହା ହଉ,ଏ ପ୍ରଶ୍ନ ଆମର ସଂସ୍କାରର ଓ ଆମର ତଥାକଥିତ ଯୁବପିଢିଙ୍କୁ ଶିକ୍ଷା ଦେବାଲାଗି ଅଭିପ୍ରେତ। ବିଦ୍ୟାଳୟ ଅବା କଲେଜରେ ମୋବାଇଲ ରଖିବା ଆଜିକାଲି ଗୋଟିଏ ଫେଶନ ପାଲଟିଗଲାଣି, କାରଣ ଏହି ମୋବାଇଲ ଆମକୁ କେତେ କ'ଣ ଯେ ସୁବିଧା ଯୋଗାଉଛି ତା'ର ଇୟତା ନାହିଁ। ନଜିର ସ୍ୱରୂପ, ମୋବାଇଲ ଏବେ ଅନ୍‌ଲାଇନ କ୍ଲାସରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଘଟାଇଛି। ଏହା ବିଦ୍ୟାର୍ଥୀମାନଙ୍କୁ ଯେଉଁ ଭୌତିକ ସୁବିଧା ପ୍ରଦାନ କରିଛି ତାହା ବାସ୍ତବିକ ସକାରାତ୍ମକ। ଆମେ ଯଦି ମୋବାଇଲରେ ଖଞ୍ଜାଯାଇଥିବା ଆପସ୍‌କୁ ମର୍ଯ୍ୟାଦାଜନକ ତଥା ଶାଳୀନତାର ସହିତ ଉପଯୋଗ କରିବା ତେବେ ଏହା ନିଶ୍ଚିତରୂପେ ଆମର ଜ୍ଞାନର ପରିସୀମାକୁ ପରିବ୍ୟାପ୍ତ କରିବାରେ ସହାୟକ ହୋଇପାରିବ। ଅବଶ୍ୟ ଭାରତୀୟ ଉଦୀୟମାନ ଯୁବପିଢିକୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ଆପସ୍ ତିଆରି କମ୍ପାନୀଗୁଡିକ ବିଭିନ୍ନ ଉପାୟ ଆପଣାଇବାରେ ସତତଃ ପ୍ରୟାସରତ, ଯଦ୍ଦ୍ୱାରା କି ସେଇ କମ୍ପାନୀଗୁଡିକ ଦେଶର ସୁରକ୍ଷାକୁ ଟାର୍ଗେଟରେ ରଖିପାରିବେ। ତେବେ ଏକଥା ମଧ୍ୟ ସତ୍ୟ ଯେ, ସମଗ୍ର ଦୁନିଆରେ ଟିକ୍‌ଟକ ଓ ପବ୍‌ଜୀର ବ୍ୟବହାର ବେଶ୍ ବ୍ୟାପକ । କିନ୍ତୁ ଏଇ ନିକଟରେ ଆମ ଦେଶର ସରକାର ଟିକ୍‌ଟକ୍ ଓ ପବ୍‌ଜୀ ଉପରେ ନିଷେଧାଦେଶ ଜାରିକରିଛନ୍ତି । ପରବର୍ତ୍ତୀ ସମୟରେ ଆମେରିକା ଭଳି ଦେଶ ବି ୟା ଉପରେ କଡା କଟକଣା ଜାରି କରିବାକୁ ଯାଉଛି।

ସବୁଠାରୁବଡକଥା ହେଉଛି ମାତାପିତା ମୋବାଇଲ ବ୍ୟବହାର ନେଇ ପିଲାଙ୍କ ଉପରେ କଡା ନିଜର ରଖିବା ଆବଶ୍ୟକ। ପୁଣି ଏକଥା ବି ମନେରଖିବାକୁ ହେବ ଯେ,ବିଳମ୍ବିତ ରାତିଯାଏ ମୋବାଇଲକୁ ଜଡେଇ ଧରିବା କେବଳ ଯେ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ତାହା ନୁହେଁ, ସାମାଜିକ ଦୃଷ୍ଟିକୋଣରୁ ବି ଯଥାର୍ଥ ନୁହେଁ।

ଯୁଗ୍ମ ସଚିବ, ଓରେରା, ଭୁବନେଶ୍ୱର,
ମୋ:୯୪୩୮୩୩୨୧୩୮

## ଏଇ ଭାରତରେ

ଜଣେ ଆଇଏଏସ୍‌ଙ୍କ ନେତୃତ୍ୱରେ ସରକାରୀ କର୍ମଚାରୀ ଓ ଶିକ୍ଷକମାନେ ଏକ ଆଦର୍ଶ ସ୍କୁଲ ଗଢିଛନ୍ତି ତାମିଲନାଡୁରେ। ଚିକାବାଲାପୁର ଜିଲା ନନ୍ଦୀ ପାହାଡ ପାଦଦେଶରେ ଥିବା ଚିଗାଟେନାହାଲି ଗାଁ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ୨୦୦୬ରେ ପ୍ରତିଷ୍ଠା କରାଯାଇଥିଲା। ଏହା ଏବେ ଏକ ମଡେଲ ସ୍କୁଲ୍ ଭାବେ ଖ୍ୟାତି ଅର୍ଜନ କରିଛି। ଏହି ସ୍କୁଲରେ ପିଲାମାନଙ୍କ ଆଖି ପରୀକ୍ଷା କରାଯିବା ସହ ମାନସିକ ଚିକିତ୍ସାର ବ୍ୟବସ୍ଥା ମଧ୍ୟ କରାଯାଉଛି। ଚିକାବାଲାପୁର ଜିଲା ପରିଷଦର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ଫୌଜିୟା ତାରାନୁମ୍‌ଙ୍କ ସହ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଏଥିଲାଗି ସହଯୋଗ କରିଛନ୍ତି। ୨୦୧୫ ବ୍ୟାଚ୍ ଆଇଏଏସ ଫୌଜିୟା ଅଗଷ୍ଟ ୨୦୧୯ରେ ଚିକାବାଲାପୁରାରେ ନିଯୁକ୍ତିପାଇବା ପରେ ଏହି ପଦକ୍ଷେପ ନେଇଥିଲେ। ଏଥିପାଇଁ ସମସ୍ତେ ସେମାନଙ୍କ ଦରମାର କିଛି ଅଂଶ ଦାନ କରିଛନ୍ତି। ଅନ୍ୟମାନେ ମଧ୍ୟ ସହଯୋଗର ହାତ ବଢାଇଛନ୍ତି। ସରକାରୀ ଅଧିକାରୀ ଓ ଶିକ୍ଷକମାନେ ତାରାନୁମ୍‌ଙ୍କ ଟିମରେ ସକ୍ରିୟ ଭାବେ କାମ କରୁଛନ୍ତି। ଏହି ସ୍କୁଲ ବ୍ୟତୀତ ସେମାନେ ଆଉ ୩୮ଟି ସ୍କୁଲକୁ ମଡେଲ ସ୍କୁଲ୍ ଭାବେ ଗଢିବାକୁ ଯୋଜନା କରିଛନ୍ତି। ୫୦ଟି ଅଙ୍ଗନୱାଡିକୁ ମଡେଲ ଅଙ୍ଗନୱାଡି କରିବାର ଯୋଜନା ରଖାଯାଇଛି। ଶିକ୍ଷକମାନେ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଛୋଟ ପିଲାମାନଙ୍କ ମାନସିକ ଉନ୍ନତି ଆଣିବାରେ ସାହାଯ୍ୟ କରୁଛନ୍ତି। ଏମାନେ ଛୁଟିଦିନଗୁଡିକରେ ପିଲାମାନଙ୍କୁ ପଢ଼ାଉଛନ୍ତି। ଫୌଜିୟା ବହୁ ସମୟରେ ସ୍କୁଲ ପରିଦର୍ଶନରେ ଯାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ସେପ୍ଟେମ୍ବର ୧୯୯୫

- ଦ୍ୱିପାକ୍ଷିକ ବାଣିଜ୍ୟ କାରବାରର ସଂପ୍ରସାରଣ ପାଇଁ ଜାପାନ ଓ ଚାଇନା ଆଗାମୀ ୫ ବର୍ଷ ସକାଶେ ଏକ ବାଣିଜ୍ୟ ରାଜିନାମାରେ ସ୍ୱାକ୍ଷର କରିଛନ୍ତି।
- ଥାଇଲାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜାତିସଂଘ ଆନ୍ତର୍ଜାତିକ ଦୌଡ଼ରେ ଅଂଶଗ୍ରହଣ କରିବା ପାଇଁ ୩ ଜଣ ଭାରତୀୟଙ୍କୁ ଆମନ୍ତ୍ରିତ କରାଯାଇଛି।

## ଚିରନ୍ତନୀ

ପୁରୁଷର ମନ ଘୃଣାରେ ଭରେ
ଦେଖି ସେ ଅଖି
ଛଳନା ଦିଆଗି ଦେଖାଅ ତୋର
କି ଅଛି ବାକି।
(ପ୍ରାଚୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚାଷଜମି ପାଲଟୁଛି ଘରବାରି

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଚାଷଜମିକୁ ଦଲାଲମାନେ ଏବେ ଘରବାରି କିସମରେ ପରିବର୍ତ୍ତନ କରିବାରେ ଲାଗିଛନ୍ତି। ଏଥିରେ ସେମାନଙ୍କୁ ସହାୟତା କରିବାରେ ଲାଗିଛନ୍ତି ତହସିଲର କିଛି କର୍ମଚାରୀ, ମୋହରିର ଓ ଓକିଲ। ଚାଷଜମି ଉପରେ ବାହାରର ପୁଞ୍ଜିପତିଙ୍କ ସମେତ ସ୍ଥାନୀୟ ଧନିକ ଶ୍ରେଣୀ ଲୋକଙ୍କ ନଜର ପଡିଛି। ଫନୀ ମହାବାତ୍ୟା ପରେ ସରକାରୀ ଆର୍ଥିକ ଅନୁଦାନରୁ ବଞ୍ଚିତ ଗରିବ ଲୋକଙ୍କ ଅସହାୟତାର ସୁଯୋଗ ନେଇ ମାଫିଆମାନେ ସେମାନଙ୍କ ମୂଲ୍ୟବାନ ଜମିକୁ କ୍ରୟ କରି ନେଉଛନ୍ତି। ପରେ ମୋଟା ଅଙ୍କର ଅର୍ଥ ବିନିମୟରେ ସ୍ଥାନୀୟ ଅଧିକାରୀମାନେ ଏହାକୁ ଘରବାରି କିସମରେ ପରିଣତ କରିବାକୁ ମଞ୍ଜୁରୀ ଦେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଏପରି ସ୍ଥିତି ଜାରି ରହେ ଦିନ ଆସିବ ଚାଷଜମି ବଦଳରେ ସବୁଆଡେ ଠିଆ ହୋଇଥିବ ସୁଉଚ୍ଚ କୋଠାଘର। ସତ୍ୟବାଦୀ ଅଞ୍ଚଳର ବିଭିନ୍ନ କେନାଲ ଓ କେନାଲକଡ଼ରେ ଥିବା ଜମିଗୁଡ଼ିକ ବିଲ୍‌ଡରମାନେ ପ୍ରଥମେ କ୍ରୟ କରି ସେଥିରେ ପାଚେରି ନିର୍ମାଣ କରୁଛନ୍ତି। ଯେଉଁ କାରଣରୁ ଚାଷୀ ବିଲକୁ ପାଣି ମଡ଼ାଇବାରେ ଅସୁବିଧା ହେଉଛି। ଫଳରେ ଦିନକୁ ଦିନ ଚାଷଜମିର ପରିମାଣ ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି। ତେଣୁ ଚାଷୀଙ୍କ ହିତ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରତିଷ୍ଠା ହେବ ଉନ୍ନତ ବୈଷୟିକ ପ୍ରଶିକ୍ଷଣ କେନ୍ଦ୍ର

## ଜାତୀୟ ର୍ୟାଙ୍କିଙ୍ଗ୍‌ରେ ଓଡ଼ିଶାର ୧୧ ଆଇଟିଆଇ

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

ସ୍କିଲ୍‌ଡ ଇନ୍ ଓଡ଼ିଶା ବ୍ରାଣ୍ଡକୁ ଆଉ ପାଦେ ଆଗକୁ ନେଇ ରାଜ୍ୟ ସରକାର ଖଣିଜ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି) ଜିଲାରେ ଉତ୍କୃଷ୍ଟ ବୈଷୟିକ କୌଶଳ ତାଲିମ କେନ୍ଦ୍ର (ସେଣ୍ଟର ଅଫ୍ ଏକ୍ସଲେନ୍ସ୍) ପ୍ରତିଷ୍ଠା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିପାଇଁ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଏକ ଉଚ୍ଚସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। କୌଶଳ ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଶାସନ ସଚିବ ସଞ୍ଜୟ କୁମାର ସିଂ ଓଏମ୍‌ବିଏଡିସି ଅଞ୍ଚଳରେ ଏହି ତାଲିମ କେନ୍ଦ୍ର ବିକଶିତ କରିବାର ଆବଶ୍ୟକତା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଓଏମ୍‌ବିଏଡିସି ଅଞ୍ଚଳର ଯୁବତୀଯୁବକଙ୍କୁ ଅତ୍ୟାଧୁନିକ ସେକ୍ଟରଗୁଡିକରେ ନିଯୁକ୍ତି ପାଇଁ ଦକ୍ଷ କରାଇବାକୁ ତାଲିମ କାର୍ଯ୍ୟ ଆରମ୍ଭ କରାଯିବ। ଡ୍ରୋନ୍ ପାଇଲଟିଂ, ସୌର ଶକ୍ତି ବୈଷୟିକ କୌଶଳ, ସ୍ମାର୍ଟ କୃଷି, ସ୍ମାର୍ଟ ଉଦ୍ୟାନ ଚାଷ, ରୋବୋଟିକ୍ସ, ମେକାଟ୍ରୋନିକ୍ସ, ଥ୍ରୀ-ଡି କୌଶଳ ବିଷୟରେ ପ୍ରଶିକ୍ଷଣ ଦିଆଯିବ। ବିଭିନ୍ନ ଶିକ୍ଷାନୁଷ୍ଠାନର ସମନ୍ୱୟରେ ଆବଶ୍ୟକତାକୁ ଦେଖି ମାନବ ସମ୍ବଳ ଅନୁଯାୟୀ ତାଲିମ ପାଠ୍ୟକ୍ରମ ସ୍ଥିର କରାଯିବ। ବୈଷୟିକ ଶିକ୍ଷାନୁଷ୍ଠାନ, କୌଶଳ ବିକାଶ ତାଲିମ କେନ୍ଦ୍ରଗୁଡ଼ିକର ୱାର୍କଶପ୍ ଏବଂ ଆଧୁନିକ ପରୀକ୍ଷାଗାରରେ ଉତ୍ପାଦନ ମାଧ୍ୟମରେ ନିଜସ୍ୱ ରୋଜଗାର ବଢ଼ାଇବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ସଞ୍ଜୟ ସିଂ କହିଛନ୍ତି, ଶିଳ୍ପାନୁଷ୍ଠାନ ସହଯୋଗରେ କଟକ, ପଟ୍ଟାମୁଣ୍ଡାଇ, ବାଲେଶ୍ୱର ଆଇଟିଆଇରେ ସେଣ୍ଟର ଅଫ୍ ଏକ୍ସଲେନ୍ସ କାର୍ଯ୍ୟ କରୁଛି। ଏହିସବୁ ଅନୁଷ୍ଠାନରେ ମାରୁତି ସୁଜୁକି, ଆଇପିଏସ୍‌ସି, ଏଚ୍‌ଏସ୍‌ଆଇଏଲ୍ ଆଦି ଶିଳ୍ପସଂସ୍ଥା ସହିତ ସହଭାଗିତା କରାଯାଇଛି। ଯାଜପୁର ଆଇଟିଆଇ, ଯାଜପୁର ପଲିଟେକନିକ୍, ବାରିପଦା ଆଇଟିଆଇ, ତକତପୁର ଆଇଟିଆଇ ଆଦିରେ ଆଡ୍‌ଭାନ୍‌ସ୍‌ଡ୍ ୱେଲ୍ଡିଂ, ଥର୍ମାଲ କଟିଂ, ମିନି ଟୁଲ୍ ରୁମ୍ ଆଦି ବିଷୟରେ 'ସେଣ୍ଟର ଅଫ୍ ଏକ୍ସଲେନ୍ସ' ବିକଶିତ କରିବାକୁ ସ୍ଥିର କରାଯାଇଛି। କରଞ୍ଜିଆ, ଉଦଳା, କପ୍ତିପଦା, ଆନନ୍ଦପୁର, କେନ୍ଦୁଝର, ରାଉରକେଲା, ବଡ଼ବିଲ, ବାରକୋଟ ଆଇଟିଆଇ, ମୟୂରଭଞ୍ଜ ପଲିଟେକ୍‌ନିକ୍, ଦେବଗଡ଼ ପଲିଟେକ୍‌ନିକ୍ ଏବଂ କେନ୍ଦୁଝର ମାଇନିଂ ଇଞ୍ଜିନିୟରିଂ ଅନୁଷ୍ଠାନରେ ଅତ୍ୟାଧୁନିକ ଟ୍ରେଡ୍‌ରେ ସେଣ୍ଟର ଅଫ୍ ଏକ୍ସଲେନ୍ସ ବିକଶିତ କରିବା ଲାଗି ବୈଠକରେ ଅନୁମୋଦନ ମିଳିଛି।

ବର୍ତ୍ତମାନ କଟକ, ବ୍ରହ୍ମପୁର ଏବଂ ହୀରାକୁଦ ଆଇଟିଆଇରେ ୩ଟି ମିନି ଟୁଲ୍ ରୁମ୍ ଭୁବନେଶ୍ୱରର ସିଟିସି ସହଭାଗିତାରେ କାର୍ଯ୍ୟ କରୁଛି। କଟକ ଟୁଲ୍ ରୁମ୍‌ରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ପାଇଁ କେତେକ ଯନ୍ତ୍ରପାତି ଉତ୍ପାଦନ କରାଯାଉଛି। ଓଡ଼ିଶାର ୧୧ ଆଇଟିଆଇ ଜାତୀୟସ୍ତରରେ ଶ୍ରେଷ୍ଠ ୧୦୦ ଅନୁଷ୍ଠାନ ମଧ୍ୟରେ ସ୍ଥାନ ପାଇଛି। ସେଥିରୁ ୭ ସରକାରୀ ଏବଂ ୪ ବେସରକାରୀ ଅନୁଷ୍ଠାନ। ୭ ସରକାରୀ ଅନୁଷ୍ଠାନ ମଧ୍ୟରେ ବ୍ରହ୍ମପୁର, ହିଞ୍ଜିଳିକାଟୁ, ଯାଜପୁର, ଝାରସୁଗୁଡା, ପୁରୀ, ତକତପୁର ଏବଂ ଭୁବନେଶ୍ୱର ଆଇଟିଆଇ ରହିଛି। ବୈଠକରେ ଅନ୍ୟ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇ ଆଲୋଚନାରେ ଭାଗ ନେଇଥିଲେ।

## ସଂକ୍ଷେପରେ

### କରୋନାରେ ଭିଜିଲାନ୍ସ ଏପିପିଙ୍କ ମୃତ୍ୟୁ


ସୁରେଶ ମହାପାତ୍ର

**ଫୁଲବାଣୀ ଅଫିସ,୧୯।୯:** କନ୍ଧମାଳ ଜିଲାର ବରିଷ୍ଠ ଆଇନଜୀବୀ ତଥା ଭିଜିଲାନ୍ସ ଏପିପି ସୁରେଶ ମହାପାତ୍ରଙ୍କ ଶନିବାର କରୋନା ସଂକ୍ରମଣରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୬ ବର୍ଷ ହୋଇଥିଲା। ଗତ ୧୫ ତାରିଖରେ ସୁରେଶ କରୋନାରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇଥିଲେ। ତାଙ୍କୁ ପ୍ରଥମେ ଫୁଲବାଣୀ କୋଭିଡ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଳମ୍ବିତ ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନ ସୁଧୁରିବାରୁ ଭେଣ୍ଟିଲେଟରରେ ରଖାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ୨୦୦୯ରେ ପ୍ରଥମେ ସେ ଜଣେ ସହକାରୀ ପିପି ଭାବରେ ଫୁଲବାଣୀରେ ଯୋଗ ଦେଇଥିଲେ। ଏବେ ସେ ଫୁଲବାଣୀ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପିପି ଭାବରେ କାର୍ଯ୍ୟରତ ଥିଲେ। ୨୦୧୫ରେ ତାଙ୍କୁ ରାଜ୍ୟର ଶ୍ରେଷ୍ଠ ଭିଜିଲାନ୍ସ ପିପି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନିତ କରିଥିଲେ।

### ଅଧ୍ୟାପକ ସ୍ୱାମୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଲେ ଥାନା ଅଧିକାରୀ

**ସୁନ୍ଦରଗଡ,୧୯।୯ (ଡି.ଏନ୍.ଏ.):** ସୁନ୍ଦରଗଡ ଜିଲା ବୀରମିତ୍ରପୁର ଥାନା ଆଇଆଇସି ସ୍ୱିଗ୍ଧାରାଣୀ ସୁନା ବିବାହର ୧୨ବର୍ଷ ପରେ ତାଙ୍କ ଅଧ୍ୟାପକ ସ୍ୱାମୀ ଓ ଶାଶୁ ଘର ଲୋକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ରାଉରକେଲା ରଘୁନାଥପାଲି ଥାନାରେ ସ୍ୱିଗ୍ଧାରାଣୀ ଏହି ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା(ନଂ.୧୯୩/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଇନ୍ସପେକ୍ଟର ସ୍ୱିଗ୍ଧାରାଣୀ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ସେ ଗତ ୨୦୦୮ରେ ଅଧ୍ୟାପକ ସୁରେଶ କୁମାର ବାଗ୍‌ଙ୍କୁ ବିବାହ କରିଥିଲେ। ସେ ବର୍ତ୍ତମାନ ରାଉରକେଲା ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟରେ ବାଗ ଅଧ୍ୟାପକ ଭାବେ କାର୍ଯ୍ୟରତ। ତେବେ ବିବାହର ୩ବର୍ଷ ପରେ ଅଧ୍ୟାପକ ସ୍ୱାମୀ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରିକି ଶାଶୁ ଓ ନଣନ୍ଦ ମଧ୍ୟ ବିଭିନ୍ନ ସମୟରେ ନିର୍ଯାତନା ଦେଇଛନ୍ତି। ସମସ୍ତଙ୍କ ନିର୍ଯାତନାରେ ଅସହ୍ୟ ହୋଇ ଶେଷରେ ସେ ଗତ କିଛିମାସ ହେବ ଅଲଗା ରହୁଛନ୍ତି।

# କୋଭିଡ୍ ପରିଚାଳନା ପାଇଁ ଓଡ଼ିଶାକୁ ୮୦୨କୋଟି

ନୂଆଦିଲ୍ଲୀ,୧୯।୯(ପି.ଟି.)



ଓଡ଼ିଶାରେ ଦିନକୁ ଦିନ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଗତ କିଛି ଦିନ ହେଲା ଦୈନିକ ୪ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଇତିମଧ୍ୟରେ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୭୫ ହଜାର ୫୫୦ରେ ପହଞ୍ଚିଲାଣି। ଏଭଳି ସ୍ଥିତିରେ କୋଭିଡ୍ ପରିଚାଳନା କ୍ଷେତ୍ରରେ କେନ୍ଦ୍ର ସରକାର ରାଜ୍ୟକୁ ସହାୟତା ପ୍ରଦାନ କରିବାରେ ହେଳା କରି ନାହାନ୍ତି। ଗତ ମାସ ୩୧ ତାରିଖ ସୁଦ୍ଧା ଓଡ଼ିଶାକୁ କୋଭିଡ୍ ପରିଚାଳନା ପାଇଁ କେନ୍ଦ୍ର ପକ୍ଷରୁ ୮୦୨ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ଶନିବାର ଲୋକ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି। ଏହି ଅର୍ଥ ଏନ୍‌ଡିଆର୍‌ଏଫ୍‌ରୁ ପ୍ରଦାନ କରାଯାଇଛି। ଅପରପକ୍ଷରେ ମହାରାଷ୍ଟ୍ରକୁ ସର୍ବାଧିକ ୧୬୧୧ କୋଟି, ଉତ୍ତରପ୍ରଦେଶକୁ ୯୬୬ କୋଟି, ମଧ୍ୟପ୍ରଦେଶକୁ ୯୧୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ଠାକୁର ସୂଚନା ଦେଇଛନ୍ତି। ଓଡ଼ିଶାକୁ ଚତୁର୍ଥ ସର୍ବାଧିକ ଅର୍ଥ ପ୍ରଦାନ କରାଯାଇଥିବା କୁହାଯାଇଛି। ସେହିପରି କର୍ନାଟକକୁ ୭୯୧ କୋଟି, ରାଜସ୍ଥାନକୁ ୭୪୦ ଓ ବିହାରକୁ ୭୦୮କୋଟି ଟଙ୍କା ପ୍ରଦାନ କରାଯାଇଥିବା ଠାକୁର ସୂଚନା ଦେଇଛନ୍ତି।

# ଜାହାଜ ଚଳାଚଳ ମନ୍ତ୍ରୀଙ୍କୁ ଭେଟିଲେ କୋଷ୍ଟଗାର୍ଡ ଡିଜି


ମନ୍ତ୍ରୀଙ୍କ ସହ ଡିଜି ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

ପାରାଦୀପ,୧୯।୯(ସ୍ୱ.ପ୍ର.)

ଶ୍ରୀଲଙ୍କାର ପୂର୍ବତଟରେ ଗତ ୩ ତାରିଖରେ ତୈଳବାହୀ ଜାହାଜ ଏମ୍‌ଟି ନିୟୁଡାଇମଣ୍ଡରେ ନିଆଁ ଲାଗିଥିଲା। ଉକ୍ତ ନିଆଁକୁ ଭାରତୀୟ ତଟରକ୍ଷୀ ବାହିନୀ(କୋଷ୍ଟଗାର୍ଡ)ଆୟତ୍ତ କରିବା ସହ ଜାହାଜର ନାବିକଙ୍କୁ ସୁରକ୍ଷିତଭାବେ ଉଦ୍ଧାର କରିଥିଲା। ବିଶ୍ୱର ନୌବାଣିଜ୍ୟ ଇତିହାସରେ ଏହା ଏକ ବଡ଼ ସଫଳତା ବୋଲି କୁହାଯାଇଛି। ଏହାପରେ ଶନିବାର କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ମନସୁଖ ଲାଲ ମାଣ୍ଡଭିୟେଙ୍କୁ ନୂଆଦିଲ୍ଲୀରେ କୋଷ୍ଟଗାର୍ଡ ଡିଜି କ୍ରିଷ୍ଣାସ୍ୱାମୀ ନଟରାଜନ ଭେଟିବା ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନାବେଳେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ସମସ୍ତ ଯବାନଙ୍କୁ ମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ଏମଟି ନିୟୁଡାଇମଣ୍ଡ ଜାହାଜ କୁଏଟର ମୀନାଅଲମହମ୍ମଦ ପୋର୍ଟରୁ ୨୭୦୦୦୦ ମେଟ୍ରିକ ଟନ୍ ଅଶୋଧିତ ତୈଳ ବୋଝେଇ କରି ଅଗଷ୍ଟ ୨୩ରେ ଆସୁଥିଲା। ଏହି ତୈଳ ପାରାଦୀପ ତୈଳବିଶୋଧନାଗାରରେ ସେପ୍ଟେମ୍ବର ୫ରେ ପହଞ୍ଚିଥାନ୍ତା। ପାରାଦୀପ ଆସିବା ବେଳେ ଶ୍ରୀଲଙ୍କାର ସାଙ୍ଗାମାନକାଣ୍ଡା ତଟଠାରୁ ୬୫ କିମି ସମୁଦ୍ର ଭିତରେ ଜାହାଜରେ ନିଆଁ ଲାଗିଥିଲା। ଉକ୍ତ ଜାହାଜରେ ୨୪ ଜଣ ନାବିକ ଥିଲେ। ସେଥିରେ ଫିଲିପିନୋର ୧୯ ଓ ଗ୍ରୀକର ୫ ଜଣ ଥିଲେ। ଉକ୍ତ ଦୁର୍ଘଟଣାରେ ଫିଲିପିନୋର ଜଣେ ନାବିକଙ୍କ ମୃତ୍ୟୁ ଘଟିଥିଲା। ଅବଶିଷ୍ଟ ୨୩ ଜଣଙ୍କୁ କୋଷ୍ଟଗାର୍ଡ ଉଦ୍ଧାର କରିଥିଲା। ଅଏଲସ୍ପିଲ ଜରିଆରେ କୋଷ୍ଟଗାର୍ଡ ନିଆଁକୁ ଆୟତ୍ତ କରିଥିଲା। ଏଭଳି ସଫଳତା ନୌବାଣିଜ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଘଟଣା ବୋଲି କୁହାଯାଇଛି।

# ସାଲେଭଟା ସରପଞ୍ଚ ନିଲମ୍ବିତ

## ପ୍ରଧାନମନ୍ତ୍ରୀ ଆବାସ ଭାଙ୍ଗିବା ଘଟଣା


ନିଲମ୍ବିତ ସରପଞ୍ଚ ହେମକାନ୍ତି ମୁଣ୍ଡା।

ଲୋଇସିଂହା, ୧୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ସାଲେଭଟା ଗ୍ରାମର ୫ ଆଦିବାସୀ ଓ ଦଳିତ ସମ୍ପ୍ରଦାୟ ଲୋକଙ୍କ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଗୃହକୁ କ୍ଷମତାର ଅପବ୍ୟବହାର କରି ଜେସିବି ଲଗାଇ ଭାଙ୍ଗିବା ସରପଞ୍ଚଙ୍କୁ ମହଙ୍ଗା ପଡିଛି। ପ୍ରଥମେ ବନ୍ଧା ହେବା ପରେ ଏବେ ନିଲମ୍ବିତ ହୋଇଛନ୍ତି ସାଲେଭଟା ସରପଞ୍ଚ ହେମକାନ୍ତି ମୁଣ୍ଡା। ଜିଲା ପ୍ରଶାସନର ରିପୋର୍ଟ ଆଧାରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏସମ୍ପର୍କରେ ବ୍ଲକ ପ୍ରଶାସନକୁ ଜଣାଇ ଦିଆଯାଇଛି।

# ରାସ୍ତାକଡ଼ରେ ପଡ଼ିଛି ପୋକରା ପିଡିଏସ୍ ଚାଉଳ, ଗହମ



ସୁନ୍ଦରଗଡ/ଟେନ୍‌ସା, ୧୯।୯ (ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା କୋଇଡା ବ୍ଲକ ଅଧୀନ ଶେଗାସାହି ମେଣ୍ଡାସାରେଣୀ ସଂରକ୍ଷିତ ଜଙ୍ଗଲର ପାହାଡ ପାର୍ଶ୍ୱ ରାସ୍ତାକଡରେ ବହୁ ପରିମାଣର ପୋକରା ପିଡିଏସ୍ ଚାଉଳ ଓ ଗହମ ପଡିରହିଥିବା ଦେଖିବାକୁ ମିଳିଛି। ଏତେ ପରିମାଣର ଏହି ଚାଉଳ ଓ ଗହମ କେଉଁ ପରିସ୍ଥିତିରେ ଏଠାରେ ଫିଙ୍ଗା ଯାଇଛି ସେ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାର ଠିକ୍ କାରଣ ଜଣା ପଡିନି। ତେବେ ଗରିବ ଲୋକଙ୍କୁ ବଣ୍ଟନ ସକାଶେ ଆସିଥିବା ଏହି ଚାଉଳ ଓ ଗହମ ହିତାଧିକାରୀଙ୍କୁ ଦିଆ ଯାଇନାହିଁ। ନ ଚେତ୍ ଦାୟିତ୍ୱରେ ଥିବା ଅଧିକାରୀମାନେ ହେରଫେର କରିବାରେ ବିଫଳ ହୋଇଛନ୍ତି। ଏଣୁ ଗୋଦାମରେ ରହି ଏହା ପୋକରା ହେବା ପରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କୋଇଡା ବିଡିଓ ପଲ୍ଲବୀରାଣୀ ରାଜ କିନ୍ତୁ କିଛି ଜାଣି ନ ଥିବା କହିଛନ୍ତି। କୌଣସି ଗୋଦାମ ଘରେ କିମ୍ବା ପଞ୍ଚାୟତରୁ ଚାଉଳ କିମ୍ବା ଗହମ ନଷ୍ଟ ହୋଇଥିବା ତାଙ୍କ ପାଖେ ତଥ୍ୟ ନାହିଁ। ତଥାପି ଯୋଗାଣ ସହାୟକଙ୍କୁ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି।

# ଅନ୍‌ଲାଇନ୍‌ରେ ମଦ ମଗାଇ ଠକାମିର ଶିକାର ହେଲେ ଡାକ୍ତର

## ଦୁଇ ଆକାଉଣ୍ଟରୁ ଲୁଟିନେଲେ ଦେଢ଼ ଲକ୍ଷ ଟଙ୍କା

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ଅନ୍‌ଲାଇନରେ ମଦ ମଗାଇ ଜଣେ ପ୍ରତିଷ୍ଠିତ ଡାକ୍ତର ଠକେଇର ଶିକାର ହୋଇଛନ୍ତି। ସାଇବର ଠକ ଦୁଇଟି ଆକାଉଣ୍ଟରୁ ଦେଢ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏନେଇ ଡାକ୍ତର ଜଣକ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଡାକ୍ତର ଜଣକ ଚାକିରି କରିବା ସହ ଉକ୍ତ କ୍ୟାମ୍ପସରେ ରହୁଛନ୍ତି। ସେ ଅନ୍‌ଲାଇନ୍‌ରେ ମଦ ମଗାଇବା ପାଇଁ ଗୁଗଲ୍‌ରେ ସର୍ଚ୍ଚରେ ଦୋକାନ ଖୋଜୁଥିଲେ। ଏହି ସମୟରେ ସାଇବର ଠକମାନେ ଇଣ୍ଟରନେଟ୍‌ରେ ଛାଡ଼ିଥିବା ଏକ ଜାଲ୍ ମଦ ଦୋକାନ ନମ୍ବର ପାଇ ସେ ସେଥିରେ ଫୋନ୍ କରିଥିଲେ। କଲ୍ ରିସିଭ୍ କରିଥିବା ବ୍ୟକ୍ତିଜଣକ ତାଙ୍କଠାରୁ ଅର୍ଡର ନେବା ପରେ ଗୁଗଲ୍ ପେ' ମାଧ୍ୟମରେ ୧୪୮୦ ଟଙ୍କା ପେମେଣ୍ଟ କରିବାକୁ କହିଥିଲେ। ସେ ପେମେଣ୍ଟ କରିଥିଲେ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ମଦ ଘରେ ପହଞ୍ଚି ନ ଥିଲା। ଡାକ୍ତର ଉକ୍ତ ନମ୍ବରକୁ କଲ୍ କରି ପଚାରିବାରୁ ଅର୍ଡର ବାତିଲ ହୋଇଯାଇଥିବା ଉତ୍ତର ମିଳିଥିଲା। ତେବେ ଟଙ୍କା ଫେରି ପାଇବା ପାଇଁ ସେ କେତେକ ପରାମର୍ଶ ଦେବା ସହ ଡାକ୍ତରଙ୍କ ମୋବାଇଲ୍ ଫୋନ୍‌କୁ ଏକ କ୍ୟୁଆର କୋଡ୍ ପଠାଇଥିଲେ। ଏହାପରେ ସେ ତାହାକୁ ସ୍କାନ କରିବା ପରେ ତାଙ୍କ ଆକାଉଣ୍ଟରୁ ୧୦ ହଜାର ଟଙ୍କା କଟିଯାଇଥିଲା। ଏହାଦେଖି ଡାକ୍ତର ପୁଣି ଉକ୍ତ ନମ୍ବରକୁ ଫୋନ୍ କରି ଏ ସମ୍ପର୍କରେ ଜଣାଇବା ପରେ ଠକ ଜଣକ ଆଉ ଜଣଙ୍କ ବ୍ୟାଙ୍କ୍ ଆକାଉଣ୍ଟ ନମ୍ବର ଦିଅନ୍ତୁ, ଟଙ୍କା ଫେରି ଆସିବ ବୋଲି କହିଥିଲେ। ଏକଥା ଶୁଣି ଡାକ୍ତର ତାଙ୍କ ସାଙ୍ଗର ଆକାଉଣ୍ଟ ନମ୍ବର ଦେଇଥିଲେ। ଏହାର କିଛି ସମୟ ପରେ ଉକ୍ତ ଆକାଉଣ୍ଟରୁ ମଧ୍ୟ ୫୦ ହଜାର ଟଙ୍କା କଟିଯାଇଥିଲା। ଏହିପରି ଏକାଧିକ ଥରରେ ଡାକ୍ତର ଓ ତାଙ୍କ ସାଙ୍ଗଙ୍କ ଆକାଉଣ୍ଟରୁ ଦେଢ ଲକ୍ଷ ଟଙ୍କା ଲୁଟି ନେଇଥିଲେ ସାଇବର ଠକ। ଶେଷରେ କିଛି ଉପାୟ ନ ପାଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

ସୂଚନାଯୋଗ୍ୟ, ନିକଟରେ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ଜଣେ ଇନ୍ସପେକ୍ଟର ଅନ୍‌ଲାଇନ୍‌ରେ ଖାଇବାକୁ ମଗାଇ ଠକେଇର ଶିକାର ହୋଇଥିଲେ। ଏହା ପୂର୍ବରୁ ବହୁ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ସାଇବର ଠକ।

# ଗଛରେ ପିଟିହେଲା କାର୍, ୨ମୃତ




ଟେନ୍‌ସା, ୧୯।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ବାଲିଯୋଡି ନିକଟରେ ଶୁକ୍ରବାର ରାତିରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ଜଣଙ୍କ ଜୀବନ ଯାଇଛି। ମୃତକ ହେଲେ ଝାଡ଼ଖଣ୍ଡ କିରିବୁରର ଜଗତ ନାଏକ (୩୫) ଓ ପୁରେନ୍ଦ୍ର ନାଏକ(୩୬)। କାର୍‌ରେ ଥିବା କ୍ରିଷ୍ଣା ଚୌରସିଆଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, କାର(ନଂ.ଜେଏଚ ୦୫ ବିସି ୭୬୦୦)ରେ ଡେଙ୍ଗୁଲାରୁ ନିଜର ପରିଜନଙ୍କ ଦଶାହ କର୍ମ ସାରି ଜଗତ, ପୁରେନ୍ଦ୍ର ଓ କ୍ରିଷ୍ଣା ନିଜ ଗ୍ରାମ କିରିବୁରୁକୁ ଫେରୁଥିଲେ। ବାଲିଯୋଡି ନିକଟରେ କାର୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। କୋଇଡା ଥାନା ପୋଲିସ ମୃତଦେହ ଜବତ କରି ଲହୁଣୀପଡା ଡାକ୍ତଖାନାରେ ବ୍ୟବଚ୍ଛେଦ ପରେ ଅପରାହ୍ନରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୯୭/୨୦)ରୁଜୁ ହୋଇଛି।

# ଅକ୍ଟୋବର ୧ରୁ ଖୋଲିବ ଭିତରକନିକା

ରାଜନଗର, ୧୯।୯ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ଅକ୍ଟୋବର ୧ରୁ ଖୋଲିବ। ହେଲେ ଦିନରେ ଜାତୀୟ ଉଦ୍ୟାନରେ ପର୍ଯ୍ୟଟକଙ୍କ ପ୍ରବେଶକୁ ବାରଣ କରାଯାଇଛି। କେବଳ ଡାଙ୍ଗମାଳରେ ରାତ୍ରିଯାପନ ପାଇଁ ବୁକିଂ କରିଥିବା ପର୍ଯ୍ୟଟକ ଭିତରକନିକା ପରିଭ୍ରମଣ କରିପାରିବେ ବୋଲି ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

କରୋନା ମହାମାରୀ ଯୋଗୁ ଗତ ମାର୍ଚ୍ଚ ୧୩ ତାରିଖରୁ ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥିଲା। ଏବେ ଏହା ଖୋଲିଥିଲେ ବି ଦିନରେ ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ ରଖାଯାଇଛି। ଏହାସହ ଗୁପ୍ତି ଓ ହବାଳିଖଟିରେ ଥିବା କଟେଜ୍ ବୁକିଂ କରାଯିବନାହିଁ। ଅନ୍‌ଲାଇନ୍‌ରେ ଇକୋ ଟୁର୍ ଓଡ଼ିଶା ଡଟ୍ କମ୍‌ରେ ଡାଙ୍ଗମାଳରେ ରାତ୍ରିଯାପନ ପାଇଁ ରୁମ୍ ବୁକ୍ କରିଥିବା ପର୍ଯ୍ୟଟକମାନେ ଭିତରକନିକା ପରିଭ୍ରମଣ ସୁବିଧା ପାଇପାରିବେ। ଏହି ପର୍ଯ୍ୟଟକମାନେ ବୋଟିଂ କରିପାରିବେ। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ବୁକିଂ ନିୟମିତ କରା ନ ଯାଇ ମଝିରେ ମଝିରେ ଗ୍ୟାପ୍ ଦିଆଯିବ ବୋଲି ଡିଏଫ୍‌ଓ ଦାଶ ସୂଚନା ଦେଇଛନ୍ତି।

# ଭାଜପାର ବୁଦ୍ଧିଜୀବୀ ସମ୍ମିଳନୀ

**ଭୁବନେଶ୍ୱର ୧୯।୯(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିତ୍ୱ ଏବଂ ନେତୃତ୍ୱକୁ ନେଇ ଭାଜପା ପକ୍ଷରୁ ଆୟୋଜିତ ୨ଦିନିଆ ବୁଦ୍ଧିଜୀବୀ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ୱେବିନାର ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ୯ ଏବଂ ଦ୍ୱିତୀୟ ଦିବସରେ ୧୨ ଲୋକସଭା ନିର୍ବାଚନମଣ୍ଡଳୀର ବୁଦ୍ଧିଜୀବୀ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବକ୍ଷେତ୍ର ବିଦ୍ୟାଭାରତୀ ସଭାପତି ବାଞ୍ଛାନିଧି ପଣ୍ଡା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ, ଉଜ୍ଜ୍ୱଳା, ଆୟୁଷ୍ମାନ ଭାରତ, ମୁଦ୍ରା ଯୋଜନା, ଅଯୋଧ୍ୟା ଶ୍ରୀରାମ ଜନ୍ମଭୂମି ବିବାଦର ସମାଧାନ, ଆତ୍ମନିର୍ଭରଶୀଳ ଭାରତ ସମ୍ପର୍କରେ ମୋଦି ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରାଯାଇଥିଲା।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
୮୪୮୦୦୮୨୮୪୮

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣି
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

Galaxy Tower
(Regd. Company)
ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ
ଡିଜିଟାଲ
ଟାୱାର ଲଗାନ୍ତୁ ଓ ପାଆନ୍ତୁ
ଅଗ୍ରିମ - ୨୦ ଲକ୍ଷ
ଭଡ଼ା - 45 ହଜାର
ମାସିକ 25,000 ଟଙ୍କାର ସୁବିଧା + ମାଗଣା ଇଣ୍ଟରନେଟ + (20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ)
9451783485
H.No. 412, Subhash Nagar Jind, Haryana


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

GOVERNMENT OF ODISHA
OFFICE OF THE SUPERINTENDING ENGINEER, CENTRAL CIRCLE, RURAL WORKS, BHUBANESWAR
No.______________/Date.09.09.2020
No.O-349:- "e" Procurement Notice for Roads Work for the year 2020-21

| | | |
|---|---|---|
| 1. Name of the Work | : | Road Works under RIDF Tranche-XXVI for the year 2020-21 |
| 2. Total No. of Packages | : | 4 No. of Road Works |
| 3. Estimated Cost of the Package | : | Varies from Rs.378.48 lakhs to Rs.577.02 lakhs |
| 4. Class of Contractor | : | a)Estimated cost more than Rs.40.00 lakhs & up to Rs. 3.00 Crores. B Class & A class (of Odisha PWD) or relevant class of other licensing authorities. b) Estimated cost more than Rs.3.00 Crores & up to Rs. 6.00 Crores. A Class & Special class (of Odisha PWD) or relevant class of other licensing authorities. |
| 5. Period of completion | : | As mentioned in Sl.No.2 of the N.I.T. |
| 6. Offered rates by bidder | : | The offered rate by the contractor shall be excluding GST. |
| 7. Other details : | | |

| Procurement Officer | Bid identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Superintending Engineer,Central Circle Rural Works, Bhubaneswar | Tender-Online C.C.-06 of 2020 | 25.09.2020 at 11.00 A.M. | 12.10.2020 upto 5.00 P.M. | 08.10.2020 upto 3.00 P.M. | 15.10.2020 at 11.00 A.M. | 17.10.2020 at 11.00 A.M. |

Further details can be seen from the website www.tendersorissa.gov.in
OIPR-25082/11/0002/2021 Sd./- Superintending Engineer, Central Circle, Rural Works, Bhubaneswar

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୦ ସେପ୍ଟେମ୍ବର, ୨୦୨୦



## କରୋନା କଟକଣାକୁ କଡ଼ାକଡ଼ି କଲା ଚୌଦ୍ୱାର ପୋଲିସ

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସ୍ଥାନୀୟ ପୋଲିସ ତରଫରୁ କୋଭିଡ୍ ନିୟମ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଆଇଆଇସି ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଓ ଏନ୍‌ଫୋର୍ସ ଟିମ ପକ୍ଷରୁ ଶନିବାର କଟକଣା ଖିଲାପ କରୁଥିବା ବ୍ୟବସାୟ ପ୍ରତିଷ୍ଠାନ ଓ ଜନସାଧାରଣଙ୍କଠାରୁ ଜରିମାନା ଆଦାୟ ସହ ସଚେତନ କରିବା ଦିଗରେ ପଦକ୍ଷେପ ନିଆଯାଇଛି। କଟକଣାକୁ ଆହୁରି କଡ଼ାକଡ଼ି କରାଯିବା ସହ ଅମାନିଆଙ୍କ ଉପରେ ଜରିମାନା ଅଧିକ କରାଯିବ ବୋଲି ଆଇଆଇସି ପତି କହିଛନ୍ତି।

## ସଂକ୍ଷେପରେ

### ପୁରୀ: ୩୨୬ କରୋନା ଆକ୍ରାନ୍ତ ଚିହ୍ନଟ

**ପୁରୀ ଅଫିସ,୧୯।୯:** ପୁରୀ ଜିଲାରେ ଏବେ କରୋନା ସଂକ୍ରମଣ ସାଂଘାତିକ ସ୍ଥିତିରେ ରହିଛି। ଶନିବାର ଜିଲାରୁ ୩୨୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ମୋଟ ପଜିଟିଭ ସଂଖ୍ୟା ୭,୯୧୩ରେ ପହଞ୍ଚିଛି। ଏମାନଙ୍କ ମଧରୁ ୬,୧୭୮ ଜଣ ସୁସ୍ଥ ହୋଇଥିବା ବେଳେ ୧,୭୦୦ ଜଣ ଚିକିତ୍ସାଧୀନ ଅଛନ୍ତି। ସେହପରି ପୁଣି ଜଣଙ୍କ ଜୀବନ ଯାଇଛି। ଏ ପର୍ଯ୍ୟନ୍ତ ଜିଲାରେ ୩୫ ଜଣଙ୍କ ମୃତ୍ୟୁ ଘଟିଲାଣି। ଅନ୍ୟପକ୍ଷରେ ଏବେ ସୁଦ୍ଧା ୭୯,୨୫୧ ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ସୁସ୍ଥ ହାର ରହିଛି ୭୮.୦୭ ପ୍ରତିଶତ। ଏବେ ୨୬ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ଥିବା ବେଳେ ୧୯୪ଟିକୁ ବନ୍ଦ କରାଯାଇଛି। କଣାସ ବ୍ଲକରେ ସର୍ବାଧିକ ୨୦, ନିମାପଡ଼ାରେ ୫ ଏବଂ ସତ୍ୟବାଦୀ ବ୍ଲକରେ ଗୋଟିଏ କଣ୍ଟେନମେଣ୍ଟ ଜୋନ ରହିଛି।

### ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ

**ଚୌଦ୍ୱାର,୧୯।୯(ଡି.ଏନ୍.ଏ.):** କଟକ ବନ ବିଭାଗ ଭିଜିଲାନ୍ସ ଓ ଡାଳିଯୋଡ଼ା ରେଞ୍ଜ କର୍ମଚାରୀଙ୍କ ମିଳିତ ସହଯୋଗରେ ଶନିବାର ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ଫରେଷ୍ଟ ସେକ୍ସନର କମଙ୍ଗ ଗ୍ରାମରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଶାଗୁଆନ ଓ ଅନ୍ୟାନ୍ୟ କାଠ ଜବତ କରାଯାଇଛି। ଜବତ କାଠର ମୂଲ୍ୟ ପ୍ରାୟ ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ କହିଛି। ହେଲେ ଏତେ ପରିମାଣର କାଠ କିଏ ଏବଂ କ'ଣ ପାଇଁ ଲୁଚାଇ ରଖିଥିଲା ତାହା ଏଯାବତ୍ ସ୍ପଷ୍ଟ ହୋଇ ନ ଥିବା ଭିଜିଲାନ୍ସ କଟକ ଟିମର ମୁଖ୍ୟ ତଥା ଡିସିଏଫ୍ ରଜନୀକାନ୍ତ ମହାନ୍ତି ସୂଚନା ଦେଇଛନ୍ତି। ଡିସିଏଫ୍‌ଙ୍କ ସୂଚନା ଅନୁଯାୟୀ କମଙ୍ଗ ଗ୍ରାମର ଜଣେ ବ୍ୟକ୍ତିଙ୍କ ପରିତ୍ୟକ୍ତ ବାଡିରେ ଏହି କାଠଗୁଡ଼ିକ ଦୀର୍ଘଦିନ ହେବ ଲୁଚାଇ ରଖାଯାଇଥିବା ବନ ବିଭାଗ ବିଶେଷ ସୂତ୍ରରୁ ଖବର ପାଇଥିଲେ। ବନ ବିଭାଗ ଭିଜିଲାନ୍ସ ଟିମ ଓ ଡାଳିଯୋଡ଼ା ରେଞ୍ଜ କର୍ମଚାରୀ ହଠାତ୍ ଏହି ଗ୍ରାମରେ ଶନିବାର ଅଚାନକ ଚଢ଼ାଉ କରି ବେଆଇନ ଭାବେ ଥିବା କାଠଗୁଡ଼ିକୁ ଜବତ କରିଥିଲେ। ପରେ ସେଗୁଡ଼ିକୁ ସିଜ୍ କରି ଭଗତପୁରସ୍ଥିତ ବନ କାର୍ଯ୍ୟାଳୟରେ ଜିମା ଦେବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

### ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୮୫୬୭ ସଂକ୍ରମିତ

**ଖୋର୍ଦ୍ଧା ଅଫିସ,୧୯।୯:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଶନିବାର ୧୫୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୧୩ଜଣ ସୁସ୍ଥ ହୋଇଥିବା ବେଳେ ଚିଲିକାରୁ ଜଣଙ୍କର ମୃତ୍ୟୁ ଘଟିଛି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ୧୭, ବାଲିପାଟଣା ୫, ଭୁବନେଶ୍ୱର ବ୍ଲକ ୨୯, ଜଟଣୀ ୧୬, ଖୋର୍ଦ୍ଧା ବ୍ଲକ ୨୫, ବେଗୁନିଆ ୮, ବୋଲଗଡ଼ ୧୨, ଟାଙ୍ଗୀ ୧୬, ଚିଲିକା ୩ ଏବଂ ବାଣପୁରର ୨୨ଜଣ ରହିଛନ୍ତି। ଅନ୍ୟପକ୍ଷରେ ଶନିବାର ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ୍ ୮୫୬୭ଜଣ ସଂକ୍ରମିତ ହୋଇଛନ୍ତି। ୭୦୫୫ଜଣ ସୁସ୍ଥ ହୋଇଥିବା ବେଳେ ୧୪୭୫ ସକ୍ରିୟ ରହିଛନ୍ତି। ୩୭ଜଣଙ୍କ ମୃତ୍ୟୁ ହୋଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେହିପରି ଖୋର୍ଦ୍ଧା ପୌରାଞ୍ଚଳରେ ଶୁକ୍ରବାର ସୁଦ୍ଧା ୫୩୨ଜଣ ଆକ୍ରାନ୍ତ ହୋଇଥିବା ବେଳେ ୪୧୩ଜଣ ସୁସ୍ଥ ହୋଇଛନ୍ତି। ୧୧୮ଜଣ ସକ୍ରିୟ ରହିଛନ୍ତି। ଜଣଙ୍କର ମୃତ୍ୟୁ ଘଟିଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ଶନିବାର ଖୋର୍ଦ୍ଧା ସହରର ସମସ୍ତ କୋଭିଡ୍ ମ୍ୟାନେଜମେଣ୍ଟ ଟିମ୍ ସ୍ତରରେ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହିରେ କୋଭିଡ୍ ଟିମ୍ ଲୋକଙ୍କୁ ସଚେତନ କରାଉଛନ୍ତି। ଆଗକୁ ଏହାକୁ ତ୍ୱରାନ୍ୱିତ କରାଯିବ ବୋଲି ଶତପଥୀ କହିଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ସାକ୍ଷୀଗୋପାଳ,୧୯।୯(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକ ଅଧୀନ ଅବିଭକ୍ତ ସତ୍ୟବାଦୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ଜଦୁମଣି ପ୍ରଧାନଙ୍କର ଶନିବାର ପରଲୋକ ଘଟିଛି। ତାଙ୍କୁ ୮୫ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟ ଯୋଗୁ ସେ ସାକ୍ଷୀଗୋପାଳ ସାନକାଞ୍ଜିଆ ଗ୍ରାମ ବାସଭବନରେ ଦୀର୍ଘଦିନ ହେବ ପୀଡ଼ିତ ରହିଥିଲେ। ତାଙ୍କ ମୃତ୍ୟୁ ଖବର ମିଳିବାପରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଥିଲା। ସେ ଅଞ୍ଚଳର ଜଣେ ମୁରବୀ ଭାବେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁତ୍ର ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ ଓ ଆତ୍ମୀୟମାନେ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ରମେଶ ଚନ୍ଦ୍ର ପ୍ରଧାନ ମୁଖାଗ୍ନି ଦେଇଥିଲେ।

# ମୂଷାନଈ ପାଣିକୁ ଦାୟୀ କଲେ ଲୋକେ

**ନରେନ୍ଦ୍ର ପୁଷ୍କରିଣୀରେ ମାଛ ମରିବା ଘଟଣା**

■ପରୀକ୍ଷା ପାଇଁ ସିଫାକୁ ପଠାଗଲା ଜଳ ନମୁନା

**ପୁରୀ ଅଫିସ,୧୯।୯**



ମୂଷାନଈର ଉଦ୍‌ବୃତ୍ତ ଜଳରେ ଚନ୍ଦନ ଗୃହ ରାସ୍ତା ବୁଡ଼ିଯାଇଛି।

ପ୍ରଦୂଷିତ ହୋଇଯାଇଛି ପବିତ୍ର ନରେନ୍ଦ୍ର ପୁଷ୍କରିଣୀ ଜଳ। ଶହ ଶହ ସଂଖ୍ୟାରେ ମାଛ ମରି ଭାସୁଛନ୍ତି। ୩ଦିନ ହେବ ନରେନ୍ଦ୍ର ପୁଷ୍କରିଣୀରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ମଲା ମାଛ ପଚି ଯିବାରୁ ପ୍ରବଳ ଦୁର୍ଗନ୍ଧ ହେଉଛି। କିନ୍ତୁ ଏ ପର୍ଯ୍ୟନ୍ତ ପାଣିକୁ ବିଶୋଧନ କରାଯାଇ ନାହିଁ କି ମଲା ମାଛଗୁଡ଼ିକୁ ବାହାର କରାଯାଇ ନାହିଁ। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ନରେନ୍ଦ୍ର ପୁଷ୍କରିଣୀର ଏଭଳି ସ୍ଥିତି ପାଇଁ ମୂଷା ନଈ ପାଣିକୁ ଲୋକେ ଦାୟୀ କରିଛନ୍ତି। ମୂଷା ନଈର ବର୍ଜ୍ୟ ଜଳ ନରେନ୍ଦ୍ର ପୁଷ୍କରିଣୀରେ ପଶିବାରୁ ଏହାର ପାଣି ପ୍ରଦୂଷିତ ହୋଇପଡ଼ିଛି। ଅମ୍ଳଜାନର ପରିମାଣ କମିଯିବାରୁ ମାଛ ମରୁଛନ୍ତି ବୋଲି ସାମାଜିକ କର୍ମୀ ପ୍ରମୋଦ ସିଂ କହିଛନ୍ତି। ତୁରନ୍ତ ପ୍ରଶାସନ ନରେନ୍ଦ୍ର ପୁଷ୍କରିଣୀ ପାଣି କିପରି ବିଶୋଧନ କରାଯିବ ତାହା ଉପରେ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

ନରେନ୍ଦ୍ର ପୁଷ୍କରିଣୀ ହେଉଛି ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସର ପୁଷ୍କରିଣୀ। ଏଠାରେ ମହାପ୍ରଭୁ ଜଳକ୍ରୀଡ଼ା କରିଥାନ୍ତି। ଶ୍ରଦ୍ଧାଳୁମାନେ ନରେନ୍ଦ୍ରରେ ସ୍ନାନ କରି ବୁଡ଼ ପକାଇଥାନ୍ତି। ମାତ୍ର ଏହାର ପାଣି ପ୍ରଦୂଷିତ ହୋଇଯାଇଥିବାରୁ ମାଛ ମରି ଭାସୁଛନ୍ତି। ଏ ନେଇ ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁ ଉଦ୍‌ବେଗ ପ୍ରକାଶ କରିବା ସହ ଏହି ପବିତ୍ର ପୁଷ୍କରିଣୀ ପ୍ରତି ଅବହେଳା ଠିକ୍ ନୁହେଁ ବୋଲି କହିଛନ୍ତି। ସାମାଜିକ କର୍ମୀ ପ୍ରମୋଦ କହିଛନ୍ତି ଯେ, ପୁଷ୍କରିଣୀର ଉତ୍ତର-ପଶ୍ଚିମ କୋଣରେ ଥିବା ନିଷ୍କାସନ ପଥ ଦେଇ ମୂଷା ନଈର ବର୍ଜ୍ୟଜଳ ନରେନ୍ଦ୍ରକୁ ପଶୁଛି। ନଈ ପୋତି ହୋଇଯିବାରୁ ନରେନ୍ଦ୍ରର ଜଳ ପତ୍ତନଠାରୁ ମୂଷା ନଈର ଜଳପତ୍ତନ ପ୍ରାୟ ୨/୩ ଫୁଟ ଉଚ୍ଚ ହୋଇଗଲାଣି। ତେଣୁ ମୂଷା ନଈର ପାଣି ପଶୁଥିବା ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ପରେ ଜଳସେଚନ ବିଭାଗ ବନ୍ଦ କରିଦେଇଥିଲା। ମାତ୍ର ଏହି ଗେଟ୍‌କୁ କେହି ଖୋଲିଦେବା ପରେ ପୁନଶ୍ଚ ମୂଷା ନଈର ବର୍ଜ୍ୟ ଜଳ ନରେନ୍ଦ୍ରରେ ପଶିଛି। ଫଳରେ ନରେନ୍ଦ୍ର ଜଳ ପ୍ରଦୂଷିତ ହେବା ସହ ଅମ୍ଳଜାନ ପରିମାଣ କମିଯାଇଛି। ଯାହାଫଳରେ ମାଛ ମରି ଭାସୁଛନ୍ତି। ଅନ୍ୟ ଆବର୍ଜନା ପଶିଥିବାରୁ ପାଣି ଦୁର୍ଗନ୍ଧ ହେଉଛି। ଗାଧୋଇଲେ ଦେହ ହାତ କୁଣ୍ଡାଇ ହେଉଛି। ନବକଳେବର ପୂର୍ବରୁ ଏମିତି ସ୍ଥିତି ଉପୁଜିଥିଲା। ସେତେବେଳେ ମତ୍ସ୍ୟ ବିଭାଗ ଅମ୍ଳଜାନ ମାତ୍ରା ବଢାଇବା ପାଇଁ ୨୦ ଲିଟର ଫାର୍ମାଲିନ ପକାଇଥିଲା। ଜଳ ବିଶୋଧନ ଲାଗି ୧ କୁଇଣ୍ଟାଲ ଜିଓଲାଇଟ୍ ପାଉଡର ପୁଷ୍କରିଣୀରେ ଛିଞ୍ଚିଥିଲେ। ମାତ୍ର ଏହା ପରେ ଜଳ ବିଶୋଧନ ପାଇଁ ପଦକ୍ଷେପ ନିଆଯାଇ ନାହିଁ। ସେହିପରି ଜଣେ ସଫେଇ କର୍ମଚାରୀ ନିୟୋଜିତ ହୋଇଥିବାରୁ ପୁଷ୍କରିଣୀ ପାହାଚ ଓ ଚତୁଃପାର୍ଶ୍ୱ ଠିକ୍ ଭାବେ ସଫା ହୋଇପାରୁନାହିଁ। ପାଚେରି ଚତୁଃପାର୍ଶ୍ୱରେ ଅନାବନା ଗଛ ଉଠି ଜଙ୍ଗଲିଆ ହୋଇଗଲାଣି। ନରେନ୍ଦ୍ର ପୁଷ୍କରିଣୀ ରକ୍ଷଣାବେକ୍ଷଣ କରାଯାଉନାହିଁ।

ଏ ସମ୍ପର୍କରେ ଜିଲା ମତ୍ସ୍ୟ ଅଧିକାରୀ ଦେବେନ୍ଦ୍ର ବେହେରାଙ୍କୁ ପଚାରିବାରେ କହିଛନ୍ତି, ମାଛ ମରୁଥିବା ଖବର ପାଇବା ପରେ ଆମ ଟେକ୍ନିକାଲ କମିଟି ଯାଇ ପାଣି ନମୁନା ସଂଗ୍ରହ କରିଛନ୍ତି। ଏହାକୁ ପରୀକ୍ଷା ପାଇଁ ସିଫାକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ପୁରୀ ପୌର ସଂସ୍ଥାକୁ ଅବଗତ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## କାମ ଅନୁଧ୍ୟାନ କଲେ ଆର୍‌ଡିସି



ଆର୍‌ଡିସି ଅନିଲ କୁମାର ସାମଲ ରାସ୍ତା କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

**ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ସମ୍ପ୍ରସାରଣ ପ୍ରସଙ୍ଗ**

**କଟକ ଅଫିସ, ୧୯।୯**

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ସମ୍ପ୍ରସାରଣ ନେଇ ଶନିବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଅନିଲ କୁମାର ସାମଲ ତାଳଦଣ୍ଡା କେନାଲ ପାର୍ଶ୍ୱ ପରିଦର୍ଶନ କରିଛନ୍ତି। ସେ ରାସ୍ତା କାମ ଅଗ୍ରଗତି ସ୍ଥିତି ଅନୁଧ୍ୟାନ କରିଥିଲେ। କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଟିପିସିଓଡିଏଲ ଅଧିକାରୀଙ୍କୁ ୪ଦିନ ମଧ୍ୟରେ ଟାୱାର ନିର୍ମାଣ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ପାର୍କିଂ ସ୍ଥାନ ପ୍ରସ୍ତୁତ କରିବା, ପରିମଳ ବ୍ୟବସ୍ଥା ପାଇଁ ସେଠାରେ ଥିବା ପୁରୁଣା ଶୌଚାଳୟ ବ୍ଲକକୁ ଭାଙ୍ଗିବା, ନୂତନ ସ୍ମାର୍ଟ ଇ-ଟଏଲେଟ ବ୍ୟବସ୍ଥା କରିବା, ରାସ୍ତାର ଠିକ ସ୍ଥାନରେ ଫଳକ ଲଗାଇବା, ରାସ୍ତା ପାର୍ଶ୍ୱରେ ଚାରା ରୋପଣ କରିବାକୁ ଆର୍‌ଡିସି ପରାମର୍ଶ ଦେଇଛନ୍ତି। ପୂର୍ତ୍ତ ବିଭାଗ ଓ ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଉକ୍ତ ପରାମର୍ଶ ଦିଆଯାଇଛି। ରାସ୍ତାକୁ ଆଲୋକୀକରଣ କରିବା ସହ ଭେଣ୍ଡିଂ ଜୋନ୍ ପାଇଁ ଫଳକ ଲଗାଇବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଏହି ପରିଦର୍ଶନ ସମୟରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ଉପଖଣ୍ଡ: ୩୪ ଗ୍ରାମ, ୭ ୱାର୍ଡ ଆବଦ୍ଧାଞ୍ଚଳ

**ଖୋର୍ଦ୍ଧା ଅଫିସ,୧୯।୯**

ଖୋର୍ଦ୍ଧା ଉପଖଣ୍ଡରେ କରୋନା ସଂକ୍ରମଣ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଖୋର୍ଦ୍ଧା, ଚିଲିକା, ଟାଙ୍ଗୀ, ବାଣପୁର ବ୍ଲକ ସମେତ ଖୋର୍ଦ୍ଧା ପୌରାଞ୍ଚଳ ଏବଂ ୨ଏନ୍‌ଏସି ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ୪ହଜାର ଉପରେ ରହିଛି। ସ୍ଥିତିରେ ସୁଧାର ଆଣିବା ଲାଗି ଏହି ଅଞ୍ଚଳର ୩୪ ଗ୍ରାମ ଏବଂ ୨ ଏନ୍‌ଏସିର ୫ଟି ୱାର୍ଡ ଏବଂ ଖୋର୍ଦ୍ଧା ପୌରାଞ୍ଚଳର ୨ ୱାର୍ଡକୁ ଆବାଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତର କୁମାରବସ୍ତ, ନାଳିଅର୍ଜ୍ଜୁନପୁର ପଞ୍ଚାୟତର ଶରଧାପୁର, ଚିଲିକା ବ୍ଲକ ବିରିବାଡିର ନୂଆସାହି ଗ୍ରାମକୁ ୧୦ଦିନ ଆବଦ୍ଧାଞ୍ଚଳ କରାଯାଇଛି। ଟାଙ୍ଗୀ ବ୍ଲକ ସରପାରୀ ପଞ୍ଚାୟତର ହରିଭକ୍ତପୁର ଏବଂ ସରପାରୀ, ବାଣପୁର ବ୍ଲକ ଦାମିଆ ବରବରା ପଞ୍ଚାୟତର ଦାମିଆ ବରବରା, ନନ୍ଦପୁର ପଞ୍ଚାୟତର ଦୋଳମୁଣ୍ଡାଇ ଗ୍ରାମକୁ ଏକ ସପ୍ତାହ ଆବାଦ୍ଧାଞ୍ଚଳ କରାଯାଇଛି। ବାଣପୁର ଏନଏସିର ୱାର୍ଡ ନଂ.୧୧,୧୦ ଓ ୪ କୁ ୫ଦିନ ଏବଂ ଖୋର୍ଦ୍ଧା ପୌର ପରିଷଦର ଭାଲିଆବାଡି ଓ ଦେୱାନ ସାହିକୁ ୧୦ଦିନ ଆବଦ୍ଧାଞ୍ଚଳ କରାଯାଇଛି।



ଖୋର୍ଦ୍ଧା ତରତୁଆସ୍ଥିତ ପୋଲିସ ରିଜର୍ଭ ପଡିଆରେ ଶନିବାର ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ୩୧ ପୋଲିସ କରୋନା ଯୋଦ୍ଧା ସମ୍ବର୍ଦ୍ଧିତ

**ଖୋର୍ଦ୍ଧା ଅଫିସ,୧୯।୯**

ଖୋର୍ଦ୍ଧା ପୋଲିସର ୩୧ଜଣ କରୋନା ଯୋଦ୍ଧା ଆକ୍ରାନ୍ତ ହୋଇ ସୁସ୍ଥ ହୋଇ କାର୍ଯ୍ୟରେ ଯୋଗଦେଇଛନ୍ତି। ଶନିବାର ତରତୁଆସ୍ଥିତ ପୋଲିସ ରିଜର୍ଭ ପଡିଆରେ ଏମାନଙ୍କୁ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ଜଣେ ଡିଏସ୍‌ପିଙ୍କ ସମେତ ଏସ୍‌ଆଇ, ଏଏସ୍‌ଆଇ, ହାବିଲଦାର, କନଷ୍ଟେବଳ, ହୋମଗାର୍ଡ ଏବଂ ଓଏସଏପି ପ୍ରମୁଖ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇଆରବିଏନ ୬ଷ୍ଠ ବାଟାଲିୟନର କମାଣ୍ଡାଣ୍ଟ, ଅତିରିକ୍ତ ଏସ୍‌ପି, ଡିଏସ୍‌ପିଙ୍କ ସମେତ ସମସ୍ତ ଥାନାର ଥାନାଧିକାରୀ ଉପସ୍ଥିତ ଥିଲେ।

## ସରକାରୀ ଜମି ଜବରଦଖଲ ଅଭିଯୋଗ

**କଣାସ,୧୯।୯(ସ୍ୱ.ପ୍ର.)**

**ହୋଇପାରୁନି ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ**

କଣାସ ବ୍ଲକର ୨୮ ପଞ୍ଚାୟତରେ ୫୧୮ହେକ୍ଟର ଗୋଚର ଓ ଅନାବାଦି ଜମି ରହିଥିବା ସରକାରୀ କାଗଜପତ୍ରରେ ଉଲ୍ଲେଖ ରହିଛି। ହେଲେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଏହି ଜମିକୁ ଜବରଦଖଲ କରି ରଖିଥିବାରୁ ଗୋ-ସମ୍ପଦ ବିଲୁପ୍ତ ହେବା ସହ ବିଭିନ୍ନ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରୁନି। ଗଡ଼ସାହି ପଞ୍ଚାୟତର ଗଡ଼ସାହି ମୌଜାରେ ସରକାରୀ ଖାତା ନଂ-୬୦୦, ପ୍ଲଟ ନଂ-୭୯୮ ଏବଂ ୮୧୨, ୩୩ଏକର ଜମିକୁ ସେହି ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରି ରଖିଥିବା ଅଭିଯୋଗ ହୋଇଛି। ଯଦ୍ୱାରା ଉକ୍ତ ଜମିଉପରେ ହେବାକୁ ଥିବା ମେଘାପାଇପ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଥିବା ଜଣାପଡ଼ିଛି। ଏ ନେଇ ସରପଞ୍ଚ ମାନିନୀ ମଙ୍ଗରାଜ, ୱାର୍ଡସଭ୍ୟ ବିନୋଦିନୀ ପ୍ରଧାନ, ଲକ୍ଷ୍ମୀଧର ମଲ୍ଲିକ, ବିଭୂତିଭୂଷଣ ବେବତାଙ୍କ ସମେତ ୬୨ଜଣ ଗ୍ରାମବାସୀ ସ୍ୱାକ୍ଷର କରିଥିବା ଏକ ଦାବିପତ୍ର ସରକାରୀ ଜମିକୁ ଉଚ୍ଛେଦ କରିବା ପାଇଁ ମୁଖ୍ୟମନ୍ତ୍ରୀ, ଜିଲାପାଳ ପୁରୀ, ତହସିଲଦାର କଣାସ ଲକ୍ଷ୍ମୀଧର ମହାରଣାଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ସୂଚନା ଥାଉ କି, ଉକ୍ତ ସରକାରୀ ଜମି ଉପରେ କଣାସ ବ୍ଲକର ୨୮ ପଞ୍ଚାୟତ, ସତ୍ୟବାଦୀ ବ୍ଲକର ୪ ପଞ୍ଚାୟତ ଏବଂ ବ୍ରହ୍ମଗିରି ବ୍ଲକର ୪ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ପାଇପ ଯୋଗେ ଜଳ ଯୋଗାଇଦେବା ପାଇଁ ଏକ ମେଘା ପାଇପ ପାନୀୟଜଳ ପ୍ରକଳ୍ପ କରିବା ପାଇଁ ସ୍ଥିର ହୋଇଛି। ଏଥିପାଇଁ ପତ୍ର ନଂ-୧୨୧୧୯ ନିର୍ବାହୀଯନ୍ତ୍ରୀ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ ପୁରୀଙ୍କ ଅନୁସାରେ ୨୬.୦୧.୨୦୧୯ରିଖ ଦିନ ପଞ୍ଚାୟତ ଗ୍ରାମସଭାରେ ପ୍ରସ୍ତାବ ନଂ-୧ରେ ଜବରଦଖଲ ଉଚ୍ଛେଦ କରାଯାଇ ଏହି ପ୍ରକଳ୍ପ କରାଯିବା ନିମନ୍ତେ ଗ୍ରାମସଭାରେ ଅନୁମୋଦିତ ହୋଇଛି। କିନ୍ତୁ ଏଯାବତ ଜବରଦଖଲ ଉଚ୍ଛେଦ ହୋଇପାରି ନ ଥିବାରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରୁନି। ଏ ସମ୍ପର୍କରେ ତହସିଲଦାର ମହାରଣା କହିଛନ୍ତି, ଏ ନେଇ ମୁଁ ଏକ ଦାବିପତ୍ର ପାଇଛି, ଜବରଦଖଲ ଜାଗାର ରାଜସ୍ୱ ନିରୀକ୍ଷକଙ୍କୁ ତୁରନ୍ତ ତଦନ୍ତ କରି ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ପାଇବାପରେ ଯୁଦ୍ଧକାଳିନ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଯୁବକଙ୍କୁ ଗୁଳିମାଡ଼ ଘଟଣା, ଜଣେ ଅଟକ

**ନିରାକାରପୁର,୧୯।୯(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଗ୍ରାମର ସେକ୍ ରଫିକ୍‌ଙ୍କୁ ଗୁଳିମାଡ଼ ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖିଛି। ଏ ନେଇ ଥାନାରେ ମାମଲା(ନଂ.୧୯୩/୨୦)ରୁଜୁ ହୋଇଛି ବୋଲି ଥାନାଧିକାରୀ ସତ୍ୟବ୍ରତ ଲେଙ୍କା କହିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଛଣଗିରି ଛକରେ କେତେଜଣ ଯୁବକ ରଫିକ୍‌ଙ୍କୁ ଶୁକ୍ରବାର ରାତିରେ ଗୁଳିମାଡ଼ କରିବା ସହ ଭୁଜାଲିରେ ଆକ୍ରମଣ କରିଥିଲେ। ପୋଲିସ ପହଞ୍ଚି ରଫିକ୍‌ଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ଏହାସହ ଘଟଣାସ୍ଥଳରୁ ୩ ବାଇକ୍ ଜବତ କରି ଥାନାକୁ ଆଣିଥିଲା। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

## ଫୁଟ୍‌ପାଥରେ ଚପଲ ବିକିଲେ ଯୁବ କଂଗ୍ରେସ କର୍ମୀ




ଯୁବ କଂଗ୍ରେସ କର୍ମୀମାନେ ବାଦାମବାଡ଼ି ଛକରେ ଚପଲ ବିକ୍ରି କରୁଛନ୍ତି।

**କଟକ ଅଫିସ, ୧୯।୯**

**ବେରୋଜଗାରୀ ସପ୍ତାହରେ ଅଭିନବ ପ୍ରତିବାଦ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ତମ ଜୟନ୍ତୀ ତଥା ବେରୋଜଗାରୀ ସପ୍ତାହ ପାଳନ ଅବସରରେ ଶନିବାର କଟକ ନଗର ଜିଲା ଯୁବ କଂଗ୍ରେସ କମିଟି ପକ୍ଷରୁ ବାଦାମବାଡ଼ି ଟ୍ରାଫିକ ଛକରେ ବେରୋଜଗାର ବୃଦ୍ଧିର ଅଭିନବ ପ୍ରତିବାଦ କରାଯାଇଛି। କମିଟି ସଭାପତି ବିକି ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ କର୍ମୀମାନେ ଫୁଟପାଥରେ ଚପଲ ବିକିବା ସହ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ପ୍ରତିଶ୍ରୁତି ଅନୁସାରେ ବର୍ଷକୁ ଦୁଇକୋଟି ବେକାରଙ୍କୁ ନିଯୁକ୍ତି ଦେବାରେ ଭାଜପା ସରକାର ବିଫଳ ହୋଇଛି। ଦେଶରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଭାରତର ଅର୍ଥନୀତି ନିମ୍ନମୁଖୀ ହୋଇଚାଲିଛି। ବେଲଗାମ ଦରବୃଦ୍ଧି ପାଇଁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଭାଜପା ୬ବର୍ଷ ଶାସନ କାଳରେ ଦେଶବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଓ ପ୍ରତାରଣା ଛଡ଼ା ଆଉ କିଛି ଦେଇନାହିଁ ବୋଲି ଚକ୍ରବର୍ତ୍ତୀ ଅଭିଯୋଗ କରିଛନ୍ତି। କାର୍ଯ୍ୟକ୍ରମରେ ମହମ୍ମଦ ଅଲିମ, ଅମ୍ରିତା ଦାସ, ଆର୍ଯ୍ୟବୀର ଲେଙ୍କା, ସେକ ଗୁଲାମ ମୋଇଦ୍ଦିନ, ମହେଶ ରାୟ, ଅବଦୁଲ ମୋକିଦ, ଚନ୍ଦନ ସେନ ପ୍ରମୁଖ ସାମିଲ ଥିଲେ।

## ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଉଚ୍ଛେଦ ଆରମ୍ଭ

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

ନୂଆ ରୂପ ନେବ ବରମୁଣ୍ଡା ବସ୍‌ଷ୍ଟାଣ୍ଡ। ୧୬୬ କୋଟି ଟଙ୍କା ବ୍ୟୟରେ ୧୫.୫ ଏକର ସ୍ଥାନରେ ଇଣ୍ଟର ଷ୍ଟେଟ୍ ବସ୍ ଟର୍ମିନାଲ ନିର୍ମାଣ କରାଯିବ। ରାଜ୍ୟର ପ୍ରଥମ ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ଭାବେ ପରିଣତ ହେବ ବରମୁଣ୍ଡା ବସଷ୍ଟାଣ୍ଡ। ଏ ନେଇ ପୂର୍ବରୁ ପରିକଳ୍ପନା କରାଯାଇଥିବାବେଳେ ଶନିବାର ଏହାର ମୂଳଦୁଆ ପଡ଼ି ପ୍ରାଥମିକ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଉଚ୍ଛେଦରେ ୩ଟି ଟିଣ ଘର ସହ ୨ ପାଇଖାନା, ୨ ପଥର ପାଚେରି, ୨ଲୁହା ଗେଟ୍ ଓ ଗୋଟିଏ ଆଜବେଷ୍ଟସ ଏକ୍ସଟେନ୍‌ସନ୍‌କୁ ଭଙ୍ଗାଯାଇଛି। ଆଗକୁ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ବସ୍ ଡିପୋ କରିବା, ସେଠାରୁ ବସ୍‌କୁ ନିୟନ୍ତ୍ରଣ କରିବା, ନିର୍ଦ୍ଧାରିତ ସମୟରେ ଇଣ୍ଟର ଷ୍ଟେଟ୍ ବସ୍ ଟର୍ମିନାଲର ନିର୍ମାଣ କରିବା ବିଡିଏ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ବରମୁଣ୍ଡା ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ ପାଇଁ ୨୦୧୦ରୁ ଯୋଜନା କରାଯାଉଛି। ୨୦୧୧ରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲେ ବି ନିର୍ମାଣ କରିବାକୁ ଥିବା ସଂସ୍ଥା ଓହରିଯିବାରୁ ଉନ୍ନତୀକରଣ ହୋଇପାରି ନ ଥିଲା। ୨୦୧୯ରେ ରାଜ୍ୟ କ୍ୟାବିନେଟ୍ ପକ୍ଷରୁ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ ଟେଣ୍ଡର ଡିଜାଇନ୍‌କୁ ଅନୁମୋଦନ ମିଳିବାର ବର୍ଷକ ପରେ ଏବେ କାମ ଆରମ୍ଭ ହୋଇଛି। ଶନିବାର ଉଚ୍ଛେଦ ବେଳେ କେତେଜଣ ବ୍ୟବସାୟୀ ବିରୋଧ କରିଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

**ପ୍ରକଳ୍ପର ରୂପରେଖ**

ପ୍ରକଳ୍ପ ମୁତାବକ, ୧ ଲକ୍ଷ ୩୧ ହଜାର ୭୧୩ ବର୍ଗ ଫୁଟ ଅଞ୍ଚଳରେ ବସ୍ ଟର୍ମିନାଲ ନିର୍ମାଣ କରାଯିବ। ୧ ଲକ୍ଷ ୭ ହଜାର ୯୧୨ ବର୍ଗ ଫୁଟ ଅଞ୍ଚଳକୁ ବ୍ୟାବସାୟିକ ପ୍ରତିଷ୍ଠାନ ପାଇଁ ବିନିଯୋଗ କରାଯିବ। ଟର୍ମିନାଲରେ ୩୫ଟି ବସ୍-ବେ'ର ବ୍ୟବସ୍ଥା ହେବ। ଏହା ମଧ୍ୟରେ ୧୯୦ଟି ବସ୍ ପାର୍କିଂ ପାଇଁ ସ୍ଥାନ ରହିବ। ଯାତ୍ରୀମାନଙ୍କ ସୁବିଧା ପାଇଁ ଏହି ପରିସରରେ ୨୫୦ରୁ ଅଧିକ ଚାରିଚକିଆ ଯାନ ଓ ୧୭୫ଟି ଦୁଇ ଚକିଆ ଯାନର ପାର୍କିଂ ସୁବିଧା ରହିବ।

# ପାଥେରପୁରୀ ହଷ୍ଟେଲ ବିବାଦ ତୁଟିଲା

■ପ୍ରଶାସନର ପ୍ରତିଶ୍ରୁତି ପରେ ପାଚେରି ନିର୍ମାଣ ଆରମ୍ଭ

■ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ପୁରାତନ ଛାତ୍ରଙ୍କ ପ୍ରୟାସ

**ପୁରୀ ଅଫିସ,୧୯।୯**



ଉପଜିଲାପାଳଙ୍କ ସହ ପୁରାତନ ଛାତ୍ର କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ଆଲୋଚନା।

ଗତ କିଛିଦିନ ଧରି ଚର୍ଚ୍ଚାରେ ରହିଥିବା ପାଥେର୍‌ପୁରୀ ହଷ୍ଟେଲ ପାଚେରି ଭଙ୍ଗା ବିବାଦର ସମାଧାନ ହୋଇଛି। ଶନିବାର ଆନ୍ଦୋଳନକାରୀଙ୍କ ଦାବିକୁ ପ୍ରଶାସନ ମାନିନେବା ପରେ ବିବାଦ ତୁଟିଛି। ପାଚେରିର ପୂର୍ବାବସ୍ଥା ଫେରାଇ ଅଣାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ପାଚେରି ନିର୍ମାଣ କାମ ଆରମ୍ଭ ହୋଇଛି। ଫଳରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସ୍ମୃତି ବହନ କରୁଥିବା ଏସ୍‌ସିଏସ୍ କଲେଜ ପୁରାତନ ହଷ୍ଟେଲ ପାଥେର୍‌ପୁରୀର ସୁରକ୍ଷା ଦାବି କରିଆସୁଥିବା ପୁରାତନ ଛାତ୍ର, ବର୍ତ୍ତମାନର ଛାତ୍ର, ଆଇନଜୀବୀ ଏବଂ ଏବିଭିପି ସଦସ୍ୟ ଖୁସିବ୍ୟକ୍ତ କରିଛନ୍ତି।

ପାଥେର୍‌ପୁରୀର ପାଚେରି ଭଙ୍ଗାଯାଇ ବ୍ଲୁ ଫ୍ଲାଗ ବେଳାଭୂମିକୁ ରାସ୍ତା ସମ୍ପ୍ରସାରଣ କରାଯାଉଥିଲା। ଆର୍ ଆଣ୍ଡ ବି ପକ୍ଷରୁ ଏହି କାମ ଚାଲିଥିବା ବେଳେ ଏହାକୁ ନେଇ ବିବାଦ ଉପୁଜିଥିଲା। ଏହି ପୁରାତନ ହଷ୍ଟେଲ ପୁନରୁଦ୍ଧାର ଦିଗରେ ଉଦ୍ୟମ କରା ନ ଯାଇ ଏହାର ପାଚେରି ଭାଙ୍ଗିବାକୁ ତୀବ୍ର ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଥିଲା ଏସ୍‌ସିଏସ୍ କଲେଜ ପୁରାତନ ଛାତ୍ର କ୍ରିୟାନୁଷ୍ଠାନ କମିଟି। ପ୍ରଶାସନର ମନମୁଖି ନିଷ୍ପତ୍ତି ବିରୋଧରେ ସମସ୍ତେ ଏକାଠି ହୋଇ ପାଥେର୍‌ପୁରୀର ସୁରକ୍ଷା ଦାବି କରିଥିଲେ। ଶନିବାର ପାଚେରି ଭଙ୍ଗାସ୍ଥଳରେ କ୍ରିୟାନୁଷ୍ଠାନ କମିଟି ଅସ୍ଥାୟୀ ଶେଡ୍ ନିର୍ମାଣ କରିଥିଲା। କମିଟିର ଏଭଳି ଆଭିମୁଖ୍ୟକୁ ଦେଖି ସମାଧାନ ଲାଗି ଉପଜିଲାପାଳ ଭବତାରଣ ସାହୁ ସେମାନଙ୍କୁ ଡାକିଥିଲେ। ଆଲୋଚନାରେ ସମସ୍ତେ ହଷ୍ଟେଲର ସୁରକ୍ଷା ଦାବି ରଖିବା ସହ ପୁନରୁଦ୍ଧାର ପ୍ରସଙ୍ଗ ଉଠାଇଥିଲେ। ଶେଷରେ ପାଚେରି ଯେଉଁଭଳି ଥିଲା ସେହିଭଳି ରହିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସନ୍ଧ୍ୟାରେ ଆର୍ ଆଣ୍ଡ ବି ପକ୍ଷରୁ ପାଚେରି ନିର୍ମାଣ କାମ ଆରମ୍ଭ ହୋଇଛି।

ଅନ୍ୟପକ୍ଷରେ ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଓ ରବୀନ୍ଦ୍ରନାଥ ଟାଗୋରଙ୍କ ସ୍ମାରକୀ ପାଇଁ କଲେଜ ପୁରାତନ ଛାତ୍ର କ୍ରିୟାନୁଷ୍ଠାନ କମିଟି ପ୍ରୟାସ ଜାରି ରଖିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଉପଜିଲାପାଳଙ୍କ ସହ ଆଲୋଚନାରେ ସୁଜିତ ମହାପାତ୍ର, ଉମାକାନ୍ତ ନାୟକ, ଭଗବାନ ପଡିଆରୀ, ବିଶ୍ୱନାଥ ଦାଶ, ଜୟନ୍ତ ଦାଶ, ଭବାନୀଶଙ୍କର ଆଚାର୍ଯ୍ୟ, ସଞ୍ଜୀବ ରଥଶର୍ମା, ମଧୁସୂଦନ ମିଶ୍ର, ରଶ୍ମିକାନ୍ତ ସାହୁ, ଦେବାଶିଷ ଦାଶ, ଶାରଦା ସାମଲ, ଶରତ ରାୟଗୁରୁ, ଭଏସ୍ ଅଫ୍ କମନମ୍ୟାନ୍ ସଂଗଠନର ହେକ୍ଟର ମିଶ୍ର ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ରାଜ୍ୟ ସଭାରେ ଇନ୍‌ସଲଭେନ୍ସି କୋଡ୍ ସଂଶୋଧନ ବିଲ୍ ପାସ୍

ନୂଆଦିଲ୍ଲୀ,୧୯।୯- ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍ (ଦ୍ୱିତୀୟ ସଂଶୋଧନ) ବିଲ୍ ୨୦୨୦କୁ ଶନିବାର ରାଜ୍ୟ ସଭାରେ ଅନୁମୋଦନ ମିଳିଛି। ଫଳରେ କରୋନା ଭାଇରସ ଯୋଗୁ ଉପୁଜିଥିବା ସ୍ଥିତିରେ ମାର୍ଚ୍ଚଠାରୁ ଅନ୍ତତଃ ପକ୍ଷେ ଆଗାମୀ ୬ ମାସ ଯାଏ କୌଣସି ଦେବାଳିଆ ମାମଲାର ଅଗ୍ରଗତି ହୋଇପାରିବ ନାହିଁ। କମ୍ପାନୀଗୁଡିକର ବିଭିନ୍ନ ସମସ୍ୟାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ମାର୍ଚ୍ଚ ୨୫ ପରଠାରୁ ପେମେଣ୍ଟ ଦେବାରେ ଅକ୍ଷମତା କ୍ଷେତ୍ରରେ କୌଣସି କାର୍ଯ୍ୟାନୁଷ୍ଠାନ ହେବ ନାହିଁ। ଏ ନେଇ ଜୁନ୍‌ରେ ସରକାର ଏକ ଅଧାଦେଶ ଆଣିଥିଲେ। କର୍ପୋରେଟ ଋଣ ଗ୍ରହଣକାରୀ ଏବଂ ବ୍ୟକ୍ତିଗତ ଗ୍ୟାରେଣ୍ଟି ପ୍ରଦାନ କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଏକ ସମୟରେ ଦେବାଳିଆ ମାମଲା ଜାରି କରାଯାଇପାରିବ ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି।

### ସାହାରା ବିରୋଧରେ ନେଟ୍‌ଫ୍ଲିକ୍ସର ଆବେଦନ ଖାରଜ

ଭୁବନେଶ୍ୱର,୧୯।୯: ନେଟ୍‌ଫ୍ଲିକ୍ସ-ସାହାରା ମାମଲାରେ ପାଟଣା ହାଇକୋର୍ଟ ଶନିବାର ସିଭିଲି ଜଜ୍ ଆରାରିଆଙ୍କ ନିର୍ଦ୍ଦେଶ ଉପରେ ହସ୍ତକ୍ଷେପ କରିବାକୁ ମନା କରି ଦେଇଛନ୍ତି। ବିହାରର ଆରାରିଆ ସିଭିଲି କୋର୍ଟରେ ନିଜ ଆପତ୍ତି ଉଠାଇବାକୁ ନେଟ୍‌ଫ୍ଲିକ୍ସକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନେଟ୍‌ଫ୍ଲିକ୍ସରେ ରିଲିଜ ହେବାକୁ ଥିବା ବିବାଦୀୟ ଡକ୍ୟୁମେଣ୍ଟାରି ସିରିଜ 'ବ୍ୟାଡ୍ ବୟ ବିଲିୟନେୟାର୍ସ ଇଣ୍ଡିଆ' ସିଭିଲ ଜଜ୍ ଆରାରିଆ ଅଗଷ୍ଟ ୨୮ରେ ଏ ପ୍ରସଙ୍ଗରେ ଶୁଣାଣି କରିଥିଲେ। ଏହି ଶୁଣାଣିକୁ ନେଇ ନେଟ୍‌ଫ୍ଲିକ୍ସ ପକ୍ଷରୁ ହାଇକୋର୍ଟରେ ଆବେଦନ ହୋଇଥିଲା। ଏଥିରେ ନେଟ୍‌ଫ୍ଲିକ୍ସକୁ ୨ୟ ଥର ପାଇଁ ଶକ୍ତ ଝଟକା ଲାଗିଛି। ଏହା ପୂର୍ବରୁ ସୁପ୍ରିମକୋର୍ଟ ମଧ୍ୟ ନେଟ୍‌ଫ୍ଲିକ୍ସ ଦ୍ୱାରା ଦାଖଲ ହୋଇଥିବା ଏସ୍‌ଏଲ୍‌ପିକୁ ଖାରଜ କରି ଦେଇଥିଲେ। ସାହାରାର ମୁଖପାତ୍ରଙ୍କ କହିବା ମୁତାବକ ନେଟ୍‌ଫ୍ଲିକ୍ସର ଏହି ଡକ୍ୟୁମେଣ୍ଟାରି ଏକ କମର୍ସିଆଲ ଭେଞ୍ଚର ହୋଇଥିବା ବେଳେ ଏଥିରେ ସାହାରା କମ୍ପାନୀ ଉପରେ ବିଭିନ୍ନ ବିବାଦୀୟ ଓ ବଦନାମ କରିବା ଭଳି କଣ୍ଟେଣ୍ଟ ରହିଛି ।

# ୨୦୦୦ ଟଙ୍କିଆ ପ୍ରିଣ୍ଟ ବନ୍ଦ ହେବନି

ନୂଆଦିଲ୍ଲୀ,୧୯।୯



## ପ୍ରିଣ୍ଟ ବନ୍ଦ ନେଇ କୌଣସି ନିଷ୍ପତ୍ତି ହୋଇନି: ଅର୍ଥ ରାଷ୍ଟ୍ରମନ୍ତ୍ରୀ

୨୦୦୦ ଟଙ୍କିଆ ନୋଟ୍ କେନ୍ଦ୍ର ସରକାର ପ୍ରତ୍ୟାହାର କରି ନେବେ ବୋଲି ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନା ଜାରି ରହିଛି। ଏହି ପ୍ରସଙ୍ଗ ଉପରୁ ସରକାର ଶନିବାର ପରଦା ହଟାଇଛନ୍ତି। ୨୦୦୦ ଟଙ୍କିଆ ନୋଟ୍ ପ୍ରିଣ୍ଟ ବନ୍ଦ ହେବ ନାହିଁ। ଏହି ନୋଟ୍ ବିମୁଦ୍ରୀକରଣ କରିବା ନେଇ କେନ୍ଦ୍ରର କୌଣସି ଯୋଜନା ନାହିଁ। ଏହାର ପ୍ରିଣ୍ଟ ବନ୍ଦ ହେବ ନାହିଁ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଲୋକ ସଭାରେ ସ୍ପଷ୍ଟୀକରଣ ଦିଆଯାଇଛି। କେନ୍ଦ୍ର ଅର୍ଥରାଷ୍ଟ୍ର ମନ୍ତ୍ରୀ ଅନୁରାଗ ଠାକୁର ଶନିବାର ଏ ସମ୍ପର୍କରେ ଲୋକ ସଭାରେ ଏକ ଲିଖିତ ଉତ୍ତର ରଖିଛନ୍ତି।

ସେ କହିଛନ୍ତି, ରିଜର୍ଭ ବ୍ୟାଙ୍କ ସହ ଆଲୋଚନା କରି ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଥାଏ। ଲୋକଙ୍କ ଚାହିଦା ଏବଂ ନେଣଦେଣ ସୁବିଧା ହେବା ଭଳି ନୋଟ ପ୍ରିଣ୍ଟ ନେଇ ପଦକ୍ଷେପ ନିଆଯାଉଛି। ୨୦୧୯-୨୦ ଏବଂ ୨୦୨୦-୨୧ରେ ୨୦୦୦ ଟଙ୍କିଆ ନୋଟ୍ ଛାପିବା ଲାଗି କୌଣସି ଯୋଜନା ହାତକୁ ନିଆଯାଇନାହିଁ। ଅପରପକ୍ଷରେ ଏହି ନୋଟ୍ ଛପାକୁ ବନ୍ଦ କରିବା ଲାଗି କେନ୍ଦ୍ର ସରକାର କୌଣସି ନିଷ୍ପତ୍ତି ନେଇ ନ ଥିବା ସେ ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ପ୍ରଚଳନରେ ୨୭,୩୯୮ ଲକ୍ଷ ଖଣ୍ଡ ୨୦୦୦ ଟଙ୍କିଆ ନୋଟ୍ ରହିଛି। ୨୦୧୯ ମାର୍ଚ୍ଚ ୩୧ ବେଳକୁ ଏହା ୩୨,୯୧୦ ଲକ୍ଷ ଖଣ୍ଡ ରହିଥିଲା ବୋଲି ସୂଚନା ମିଳିଛି। ସେହିଭଳି କୋଭିଡ୍-୧୯ ଯୋଗୁ ନୋଟ୍ ଛପା କିଛିଦିନ ଲାଗି ବନ୍ଦ ରହିଥିଲା। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଆସିଲା ପରେ ପୁଣି ଥରେ ନୋଟ୍ ଛାପିବା ନେଇ ପ୍ରକ୍ରିୟା ଜାରି କରାଯାଇଛି। ଲକ୍‌ଡାଉନ ସମୟରେ ପ୍ରିଣ୍ଟିଂ ପ୍ରେସ୍‌ରେ ରହିଥିବା ନୋଟ୍ ଯୋଗାଣ ଧାରା ଜାରି ରହିଥିଲା। ରିଜର୍ଭ ବ୍ୟାଙ୍କ ଅଫିସ ଏବଂ କରେନ୍ସି ଚେଷ୍ଟକୁ ଟଙ୍କା ଇଣ୍ଡିଆନ ରେଲୱେ ଟ୍ରେଜେରି ୱାଗନ ଦ୍ୱାରା ଏହି ଟଙ୍କା ପଠାଯାଇଥିବା ବୋଲି ଠାକୁର ସ୍ପଷ୍ଟ କରିଛନ୍ତି।

# ଜିଏସ୍‌ଟି କ୍ଷତିପୂରଣ ଦେବ କେନ୍ଦ୍ର

ନୂଆଦିଲ୍ଲୀ,୧୯।୯



ସାମଗ୍ରୀ ଓ ସେବା ଟିକସ( ଜିଏସ୍‌ଟି) କ୍ଷତିପୂରଣ ପ୍ରଦାନ ନେଇ କେନ୍ଦ୍ରର ଉତ୍ତରଦାୟିତ୍ୱ ରହିଛି। ଏହାକୁ ସରକାର ଅଗ୍ରାହ୍ୟ କରିନାହାନ୍ତି। ଏ ପ୍ରସଙ୍ଗରେ ଜିଏସ୍‌ଟି ପରିଷଦ ବୈଠକରେ ଆଲୋଚନା କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ସ୍ପଷ୍ଟୀକରଣ ପ୍ରଦାନ କରିଛନ୍ତି। ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ବେଳେ ସୀତାରାମନ କହିଛନ୍ତି, 'ଆକ୍ଟ ଅଫ୍ ଗଡ୍' ସମ୍ପର୍କରେ ସେ ଯେଉଁ ମନ୍ତବ୍ୟ ଦେଇଥିଲେ ବିରୋଧୀ ତା'ର ଭିନ୍ନ ଅର୍ଥ ବାହାର କରିବାକୁ ଚେଷ୍ଟା କରିଛନ୍ତି। ରାଜ୍ୟଗୁଡିକର ସ୍ୱାର୍ଥ ରକ୍ଷା କରିବା ଲାଗି କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଦେଶର ବିଦେଶୀ ମୁଦ୍ରାଭଣ୍ଡାର ୫୩୭ ବିଲିୟନ ଡଲାରକୁ ବୃଦ୍ଧି ଘଟିଛି। ୧୯ ମାସର ଆମଦାନୀକୁ ଭରଣା କରିବା ଦିଗରେ ଏହା ସହାୟକ ହୋଇପାରିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଆକ୍ଟ ଅଫ୍ ଗଡ୍ ମନ୍ତବ୍ୟକୁ ବିରୋଧୀ ବ୍ୟଙ୍ଗ ଭାବେ ନେଇଥିବାରୁ ଏହାକୁ ସୀତାରାମନ ସମାଲୋଚନା କରିଛନ୍ତି। ଜିଏସ୍‌ଟି କ୍ଷତିପୂରଣ ପ୍ରସଙ୍ଗ ନେଇ କେନ୍ଦ୍ର ରାଜ୍ୟ ଆଲୋଚନା କରିବେ। ବର୍ତ୍ତମାନ ସ୍ଥିତିରେ କିଭଳି କ୍ଷତିପୂରଣ ପ୍ରଦାନ କରାଯିବ ସେ ନେଇ କେନ୍ଦ୍ର ସରକାର ଚିନ୍ତା କରୁଛନ୍ତି। ସବୁ କିଛି ଆଲୋଚନା ହେଲା ପରେ ଯାଇ ନିଷ୍ପତ୍ତି ନିଆଯିବ। ସେ ପୁଣି କହିଛନ୍ତି, ଏହାର ଅର୍ଥ ନୁହେଁ କେନ୍ଦ୍ର ସରକାର କ୍ଷତିପୂରଣ ଦେବେ ନାହିଁ। ମାତ୍ର କ୍ଷତିପୂରଣ ପ୍ରଦାନଠାରୁ କେନ୍ଦ୍ର ସରକାର ଦୂରକୁ ଯାଇନାହାନ୍ତି। କୋଭିଡ୍ ଯୋଗୁ ବର୍ତ୍ତମାନ ବିଭିନ୍ନ ସମସ୍ୟା ଉପୁଜୁଛି।

# ଦକ୍ଷତା ବିକାଶରେ ସହାୟତା କରୁଛି ଓକେସିଏଲ୍

ଭୁବନେଶ୍ୱର,୧୯।୯

ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ (ଓକେସିଏଲ୍) ର ଡିଜିଟାଲ ଫ୍ରିଲାନ୍ସିଂ କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ବର୍ଗଙ୍କ ଦକ୍ଷତା ବିକାଶରେ ସହାୟକ ହୋଇପାରିଛି। ରାଜ୍ୟର ବର୍ତ୍ତମାନର ପରିସ୍ଥିତିରେ ଲୋକମାନଙ୍କର ଆର୍ଥିକ ମାନ୍ଦାବସ୍ଥା ଭଲ ନ ଥିବା ବେଳେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହାଫଳରେ ସାମଗ୍ରିକ ବିକାଶ ଓ ସାମାଜିକ ପରିବର୍ତ୍ତନରେ ଯାତ୍ରା ସବୁ ବର୍ଗର ଲୋକଙ୍କ ପାଇଁ ଏକ ମାଧ୍ୟମ ପାଲଟିଯାଇଛି। ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିଯୁକ୍ତ ଉଦ୍ଦେଶ୍ୟ ସାଧାନ ଲାଗି ୨୦୧୧ରେ ଓକେସିଏଲ୍‌ର ପ୍ରତିଷ୍ଠା ହୋଇଥିଲା। ସହର ତଳି କିମ୍ବା ଗାଁର ଶେଷ ମୁଣ୍ଡର ଉତ୍ସାହୀ ଯୁବକଯୁବତୀ ଯେଉଁମାନେ ସହରକୁ ଆସି ରୋଜଗାର କରିବାକୁ ଅସମର୍ଥ ସେହିସବୁ ବର୍ଗର ଯୁବଗୋଷ୍ଠୀଙ୍କ ପାଇଁ ନିଜ ନିଜ ଅଞ୍ଚଳରେ ସ୍ଥାୟୀ ରୋଜଗାରର ବାଟ ବାହାର କରିବା ଲକ୍ଷ୍ୟରେ ୨୦୧୯ଠାରୁ ଓକେସିଏଲ୍ ପକ୍ଷରୁ ଅନ୍‌ଲାଇନ ଫ୍ରିଲାନସିଂ ପାଇଲଟ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଯାହାର ବ୍ୟାପକ ପ୍ରସାର ଓ ପ୍ରଚାର କାରଣରୁ ସଫଳ ମଧ୍ୟ ହୋଇପାରିଛି। ମହାମାରୀ ସମୟରେ ମଧ୍ୟ ଅନ୍‌ଲାଇନ ଫ୍ରିଲାନସିଂ କରୁଥିବା ଯୁବଗୋଷ୍ଠୀମାନେ ଭଲ ରୋଜଗାର ସୃଷ୍ଟି କରିବା ସହ ୨୦୨୦ରୁ ଯଥେଷ୍ଟ ଆୟ ବୃଦ୍ଧି ପାଇଛି। ଫ୍ରିଲାନସିଂରେ ସଫଳତା ପାଇଥିବା ଯୁବତୀଯୁବକ ନିଜ ଅନୁଭୂତି ରଖିଛନ୍ତି। ୨୦୧୧ରେ ଓକେସିଏଲ୍ ପକ୍ଷରୁ ଆରମ୍ଭ ହୋଇଥିବା ଏହି ପ୍ରୟାସ ଆଗାମୀ ବର୍ଷଗୁଡ଼ିକରେ ଆହୁରି ଅନେକ କିଛି କାର୍ଯ୍ୟ କରିବାକୁ ଯାଉଛି। ଓକେସିଏଲ୍ ଆଗାମୀ ୧୦ ବର୍ଷ ମଧ୍ୟରେ ମିଳିତ ଜାତିସଂଘ ଦ୍ୱାରା ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ସହ ଯୁବବର୍ଗଙ୍କୁ ସଶକ୍ତୀକରଣ ଓ ମହିଳା ଉଦ୍ୟୋଗୀ ବିକାଶ ପାଇଁ ଲକ୍ଷ୍ୟ ରଖିଛି । ଏ ସମ୍ପର୍କରେ ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୋଥାଳ କହିଛନ୍ତି, ସାମଗ୍ରିକ ବିକାଶ ଓ ସାମାଜିକ ରୂପାନ୍ତର ପାଇଁ ତୃଣମୂଳ ସ୍ତରରୁ ପ୍ରୟାସ କରାଯିବା ଆବଶ୍ୟକ ।

# କୋଭିଡ୍ ବିଗାଡ଼ିଦେଲା ବାଣିଜ୍ୟ ସାମ୍ରାଜ୍ୟ

ନୂଆଦିଲ୍ଲୀ,୧୯।୯

ସାରା ବିଶ୍ୱରେ କରୋନା ମହାମାରୀର ପ୍ରକୋପ ସାମ୍ନାକୁ ଆସିଛି। ଏହାର କରାଳରେ ଆସି ଅନେକ ବାଣିଜ୍ୟିକ ସଂସ୍ଥା ଦେବାଳିଆ ହୋଇଯାଉଥିବା ବେଳେ ବୃହତ୍ ସଂଖ୍ୟାରେ କମ୍ପାନୀ ବନ୍ଦ ହୋଇଯାଉଛି। କମ୍ପାନୀଗୁଡିକରେ ଛଟେଇ ମଧ୍ୟ ଜାରି ରହିଛି। ଏଭଳି ସ୍ଥିତିରେ କରୋନା ଯୋଗୁ ଆମେରିକା ମଧ୍ୟ ଅନେକ ସମସ୍ୟା ଦେଇ ଗତି କରୁଛି। ରୋନାଲ୍ଡୋ ଓ ପେରେଲମ୍ୟାନ୍ ଏକଦା ଆମେରିକାର ପ୍ରମୁଖ ବିଲିୟନେୟାରଙ୍କ ମଧ୍ୟରେ ସାମିଲ ଥିଲେ। ହେଲେ କୋଭିଡ୍-୧୯ ମହାମାରୀ ତାଙ୍କ ବାଣିଜ୍ୟ ସାମ୍ରାଜ୍ୟକୁ ସମ୍ପୂର୍ଣ୍ଣ ବିଗାଡିଦେଇଥିବା ଜଣାପଡିଛି। ଗତ ୨ ବର୍ଷ ପୂର୍ବେ ୧୯ ବିଲିୟନ ଡଲାର ସମ୍ପତ୍ତିର ମାଲିକ ଥିବା ପେରେଲମ୍ୟାନ୍‌ଙ୍କ ସମ୍ପତ୍ତି ୪ ବିଲିୟନ ଡଲାରକୁ ଖସିଥିବା ବ୍ଲୁମ୍‌ବର୍ଗ ବିଲିୟନେୟାର ସୂଚୀରୁ ଜଣାପଡିଛି। ୭୭ ବର୍ଷୀୟ ପେରେଲମ୍ୟାନ୍ ବର୍ତ୍ତମାନ ବିଭିନ୍ନ ବାଣିଜ୍ୟିକ ଚ୍ୟାଲେଞ୍ଜ ଦେଇ ଗତି କରୁଛନ୍ତି। ତାଙ୍କର କସ୍‌ମେଟିକ କମ୍ପାନୀ ରେଭ୍‌ଲନ ଇଙ୍କ୍ ସମେତ ଗ୍ରୁପ୍‌ର ଅନ୍ୟ ବାଣିଜ୍ୟ ମଧ୍ୟ ଚାପଗ୍ରସ୍ତ ହୋଇଛି।

ସୂଚନାଯୋଗ୍ୟ, ପେରେଲ୍‌ମ୍ୟାନ୍‌ଙ୍କ କମ୍ପାନୀ ଉପରେ ୩ ବିଲିୟନ ଡଲାର ଋଣ ରହିଛି। ନିଜ ପାଖରେ ରହିଥିବା ବିଭିନ୍ନ କମ୍ପାନୀର ଅଂଶଧନ ବିକି ସମସ୍ୟାରୁ ବାହାରିବାକୁ ସେ ଯୋଜନା ରଖିଛନ୍ତି। ଏହି ଋଣ ଭାର ଉଠାଇବା ମଧ୍ୟ ନିବେଶକଙ୍କ ଲାଗି ଚିନ୍ତାର କାରଣ ପାଲଟିଛି। ସେହିଭଳି ସେ ତାଙ୍କ ହୋଲ୍ଡିଂ କମ୍ପାନୀରୁ କିଛି ବିକ୍ରି କରିବାକୁ ଯୋଜନା ରଖିଛନ୍ତି। ଏହି କ୍ରମରେ ମ୍ୟାକ୍ ଆଣ୍ଡ୍ରୁସ ଆଣ୍ଡ ଫୋର୍ବସ ଚଳିତ ସପ୍ତାହରେ ଏକ ଡିଲ୍ କରିଛି। ସାଇଣ୍ଟିଫିକ ଜେମ୍‌ସ ନାମକ ୟୁନିଟର ୧୫% ଅଂଶଧନକୁ ଅଷ୍ଟ୍ରେଲିଆର ଏକ ନିବେଶ ଫାର୍ମକୁ ବିକ୍ରି କରିବା ଲାଗି ଯୋଜନା ରଖାଯାଇଛି। ସେହିଭଳି ଏଏମ୍ ଜେନେରାଲରେ



ରହିଥିବା ପେରେଲମ୍ୟାନ୍‌ର ଅଂଶଧନକୁ କ୍ରୟ କରିବା ଲାଗି କେପିଏସ୍ କ୍ୟାପିଟାଲ ପାର୍ଟନର୍ସ ଜୁଲାଇରେ ଯୋଜନା ହାତକୁ ନେଇଛି। ଅପରପକ୍ଷରେ ଫ୍ଲେଭର୍ସ ହୋଲ୍‌ଡିଂକୁ ବିକ୍ରି କରିବା ଲାଗି ୪୩୯ ନିୟୁତ ଡଲାରର ଏକ ଚୁକ୍ତି ଜୁନ ମାସରେ ଶେଷ ହୋଇଛି।

ଏଭଳି ଅନିଶ୍ଚିତତାକୁ ନେଇ ପେରେଲମ୍ୟାନ୍ କହିଛନ୍ତି, ବାଣିଜ୍ୟ

## ସବୁ କିଛି ବିକିଦେବାକୁ ୟୁଏସ୍ ବିଲିୟନେୟାରଙ୍କ ଯୋଜନା

ପରିଚାଳନାକୁ ନେଇ ପୁଣି ଥରେ ଚିନ୍ତା କରିବାକୁ ପଡୁଛି। କିଛି ସମ୍ପତ୍ତିକୁ ବିକ୍ରି ଏବଂ ଆଉ କିଛି ସମ୍ପତ୍ତିକୁ ନଗଦରେ ରୂପାନ୍ତରିତ କରିବା ଯୋଜନା ରଖାଯାଇଛି। ଏହାବାଦ ନୂଆ ନିବେଶ ସୁଯୋଗ ଉପରେ ମଧ୍ୟ ଧ୍ୟାନ ରଖାଯାଇଛି। ଏଭଳି ସ୍ଥିତିରେ ପରିବାର ସହ ସମୟ ବିତାଇବା ଏବଂ ଏକ ସରଳ ଜୀବନ ବିତାଇବା ଉପରେ ସେ ଏବେ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ବ୍ଲୁମ୍‌ବର୍ଗକୁ ସେ କହିଛନ୍ତି ଯେ, ଅନେକ ଜିନିଷ ରଖିବା ଉପରେ ସବୁବେଳେ ଧ୍ୟାନ ଦେଇ ଆସିଛି। ଯେତେବେଳେ କି କେବେ ଏତେ ସବୁ କିଛି ମୋର ଦରକାର ହିଁ ନ ଥିଲା। ଏହି ପ୍ରସଙ୍ଗକୁ ବର୍ତ୍ତମାନ ଉପଲବ୍ଧି କରୁଛି। ବର୍ତ୍ତମାନ ଘର ସଫା କରିବାର ସମୟ ଆସିଛି। ଅନ୍ୟମାନଙ୍କୁ ବର୍ତ୍ତମାନ କିଛି ସୁଯୋଗ ଦେବାକୁ ଚାହୁଁଛି।

# ଚିକିତ୍ସାଠୁ ବଳିଗଲା ସ୍ଥାନାନ୍ତର ଯାତନା

କଟକ ଅଫିସ, ୧୯।୯

- ୯ ଦିନରେ ୫ ଥର ସ୍ଥାନାନ୍ତର ହେଲେ ସଙ୍କଟାପନ୍ନ ନାବାଳିକା
- ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଶିଶୁଭବନକୁ ଫେରାଇ ଅଣାଗଲା
- ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଜଣାଇଲେ ସାର୍ଥକ
- ରୋଗୀ ଚାଲାଣ ଅଭିଯୋଗ

ଜଣେ ସଙ୍କଟାପନ୍ନ ନାବାଳିକାଙ୍କୁ ୯ଦିନରେ ୫ଟି ହସ୍ପିଟାଲ ସ୍ଥାନାନ୍ତର କରାଗଲାଣି। ତେବେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଥିବାରୁ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି। ସୂଚନା ଅନୁଯାୟୀ, ଭୁବନେଶ୍ୱର ନନ୍ଦନବିହାର ଅଞ୍ଚଳର ଜଣେ ୧୪ବର୍ଷୀୟା ନାବାଳିକା କୌଣସି ଏକ ଦୁର୍ଘଟଣା ପରେ ପେଟରେ ଗଭୀର ଯନ୍ତ୍ରଣା ଅନୁଭବ କରିଥିଲେ। ତେଣୁ ଚିକିତ୍ସା ପାଇଁ ପରିବାର ଲୋକେ ତାଙ୍କୁ ପ୍ରଥମେ ଗତ ୧୧ତାରିଖରେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କ ଆଶୁ ଚିକିତ୍ସା କରିଥିଲେ। ପରେ ୧୨ତାରିଖରେ ଯନ୍ତ୍ରଣା ଅଧିକ ହେବାରୁ ତାଙ୍କୁ କଟକ ଏସ୍‌ସିବିକୁ ଅଣାଯାଇଥିଲା। ଡାକ୍ତର ଟେଷ୍ଟ ରିପୋର୍ଟ ଦେଖି ଜରୁରୀ ଅପରେଶନ ପାଇଁ କହିଥିଲେ। କିନ୍ତୁ ହସ୍ପିଟାଲରେ ଆଇସିୟୁ ବେଡ୍ ଖାଲି ନ ଥିବା ଡାକ୍ତର କହିବା ପରେ ନାବାଳିକାଙ୍କୁ ପରିବାର ଲୋକେ ଶିଶୁଭବନକୁ ନେଇଥିଲେ। ସେଠାରେ ବି ଡାକ୍ତର ଅପରେଶନ ପାଇଁ କହିଥିଲେ। ଯୋଜନା ମୁତାବକ ୧୪ ତାରିଖରେ ଅପରେଶନ କରାଗଲା। ଏହା ସତ୍ତ୍ୱେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାକୁ ଲାଗିଲା। ତେଣୁ ଡାକ୍ତର ୧୫ ତାରିଖରେ ପରିବାର ଲୋକଙ୍କୁ ଡକାଇ ସଙ୍କଟାପନ୍ନ ନାବାଳିକାଙ୍କୁ ସ୍ଥାନାନ୍ତର କରିବାକୁ କହିଥିଲେ। ଏହା ଶୁଣି ପରିବାର ଲୋକେ ଭାଙ୍ଗିପଡ଼ିଥିଲେ। ଏହା ଦେଖି ଜଣେ ଅଟୋ ଚାଳକ ଆମ୍ବୁଲାନ୍ସ ବୁଝି ଦେଇଥିଲେ। ତେବେ ସେମାନଙ୍କୁ କିଛି ନ ଜଣାଇ ସମ୍ପୃକ୍ତ ଆମ୍ବୁଲାନ୍ସ ଚାଳକ ସିଡିଏ ସେକ୍ଟର ୭ ଅଞ୍ଚଳର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ ବୋଲି ନାବାଳିକାଙ୍କ ମାଉସୀ କହିଛନ୍ତି ।

ସୂଚନା ଅନୁଯାୟୀ, ଉକ୍ତ ହସ୍ପିଟାଲଟି ଶିଶୁଭବନର ଜଣେ ଡାକ୍ତରଙ୍କର ବୋଲି ପରେ ଜଣାପଡ଼ିଥିଲା। କିନ୍ତୁ ଏଠାରେ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ନାବାଳିକାଙ୍କ ପରିବାରବର୍ଗ ଅକ୍ଷମ ହେବାରୁ ସାମାଜିକ କର୍ମୀଙ୍କ ସହାୟତା ଲୋଡ଼ିଥିଲେ। ଫଳରେ ସାମାଜିକ କର୍ମୀ ସାର୍ଥକ ରାୟ ରେଡକ୍ରସ୍ ପାଣ୍ଠିରୁ କିଛି ଆର୍ଥିକ ସହାୟତା ଯୋଗାଡ଼ କରାଇଥିଲେ। ସାଙ୍ଗସାଥୀଙ୍କଠୁ କିଛି ଟଙ୍କା ଆଦାୟ କରି ଆଣି ଦେଇଥିଲେ। ଏଥିସହ ସେ ଉକ୍ତ ଘଟଣାକୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଟୁଇଟ କରି ଅବଗତ କରାଇଥିଲେ। ତେବେ ରୋଗୀ ଚାଲାଣ ହୋଇଥିବା ସନ୍ଦେହ କରି ସାର୍ଥକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ସହ ଲାଲବାଗ ଥାନାରେ ଅଭିଯୋଗ କରିଥିବା କହିଛନ୍ତି। ଏ ସଂକ୍ରାନ୍ତରେ ୧୯ତାରିଖରେ ଜିଲାପାଳ ଜାଣିବା ପରେ ନାବାଳିକାଙ୍କୁ ପୁଣି ଶିଶୁଭବନ ଫେରାଇ ନେଇ ତାଙ୍କ ଚିକିତ୍ସା ଖର୍ଚ୍ଚ ଓ ଦାୟିତ୍ୱ ବହନ କରିବା ପାଇଁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଲାଇଭ୍ ସପୋର୍ଟିଂ ସିଷ୍ଟମ ଥିବା ଆମ୍ବୁଲାନ୍ସ ଯୋଗେ ନାବାଳିକାଙ୍କୁ ସ୍ଥାନାନ୍ତର କରାଯାଇଥିଲା।

ତେବେ ଆଇସିୟୁ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ନ ଥାଇ ଶିଶୁଭବନ ଡାକ୍ତର ଅପରେଶନ କରାଇଥିଲେ କାହିଁକି? ଆମ୍ବୁଲାନ୍ସ ଚାଳକ ଶିଶୁଭବନରେ ଚାକିରି କରିଥିବା ଡାକ୍ତରଙ୍କ ନର୍ସିଂହୋମକୁ ନାବାଳିକଙ୍କୁ କାହିଁକି ସ୍ଥାନାନ୍ତର କରିଥିଲେ ? ଘଟଣା ପ୍ରଘଟ ହେବା ପରେ ସମ୍ପୃକ୍ତ ଡାକ୍ତର ଓ ନର୍ସିଂହୋମ୍ ତରଫରୁ ବକେୟା ବିଲ୍ ଛାଡ ଭଳି ଅନୁକମ୍ପା ଦେଖାଇଲେ କାହିଁକି? ଏହା ସାହାଯ୍ୟ ନା କରିଥିବା ଭୁଲ୍‌କୁ ଲୁଚାଇବାର ପ୍ରଚେଷ୍ଟା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଏଲ୍‌ଆଇସି ଅଂଶଧନ ବିକ୍ରିକୁ କର୍ମଚାରୀ ସଂଘର ବିରୋଧ

କଟକ,୧୯।୯

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ଅଂଶଧନ ବିକ୍ରି ପ୍ରସ୍ତାବକୁ ଏଲ୍‌ଆଇସି କଟକ ଡିଭିଜନ ଅନ୍ତର୍ଗତ କଟକ ଡିଭିଜନ ବୀମା କର୍ମଚାରୀ ସଂଘ ପକ୍ଷରୁ ବିରୋଧ କରାଯାଇଛି। ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ଘରୋଇ ବୀମା କମ୍ପାନୀଙ୍କ ଠକାମି ଓ ଜାଲିଆତିରୁ ବୀମାଧାରୀଙ୍କୁ ସୁରକ୍ଷା ଯୋଗାଇ ଦେବା ନିମନ୍ତେ ୧୯୫୬ରେ ସରକାର ଜୀବନ ବୀମା ବ୍ୟବସାୟକୁ ଜାତୀୟକରଣ କରି ଏଲ୍‌ଆଇସି ଆରମ୍ଭ କରିଥିଲେ। ଏଲ୍‌ଆଇସି ୬୫ ବର୍ଷରେ ପଦାର୍ପଣ କରିବା ସହ ୪୦ କୋଟିରୁ ଊର୍ଦ୍ଧ୍ୱ ବୀମାଧାରୀଙ୍କୁ ବୀମା ଯୋଗାଇ ଦେଇଛି। ୧୯୯୯ରେ ସରକାର ବୀମା କ୍ଷେତ୍ରକୁ ଉନ୍ମୁକ୍ତ କରି ଦେଶୀ ବିଦେଶୀ କମ୍ପାନୀଙ୍କୁ ବ୍ୟବସାୟ ପାଇଁ ଅନୁମତି ଦେଇଥିଲେ। ଗତ ୨୦ ବର୍ଷ ମଧ୍ୟରେ ଏଲ୍‌ଆଇସି ୭୫%ରୁ ଊର୍ଦ୍ଧ୍ୱ ବଜାର ଅଂଶଧନ ଦଖଲ କରିପାରିଥିବା ବେଳେ ବିଭିନ୍ନ ଘରୋଇ କମ୍ପାନୀ ବିଫଳ ହୋଇଛନ୍ତି। ଏଲ୍‌ଆଇସିର ଏହି ଦ୍ରୁତ ଅଭିବୃଦ୍ଧିକୁ ଅଣଦେଖା କରିବା ସହ ଘରୋଇ କମ୍ପାନୀଗୁଡିକର ଚାପର ବଶବର୍ତ୍ତୀ ହୋଇ ସରକାର ସଂସ୍ଥାର ଅଂଶଧନକୁ ବିକ୍ରି କରିବା ଯୋଜନା ସହ ଏଲ୍‌ଆଇସିକୁ ବିଭିନ୍ନ ସ୍ତରରେ ଦୁର୍ବଳ କରିବା ପଦକ୍ଷେପକୁ ସଂଘ ଘୋର ବିରୋଧ କରୁଛି। ଏହା ଦ୍ୱାରା ବୀମାଧାରୀ କ୍ଷତିଗ୍ରସ୍ତ ହେବା ସହ ମାନସିକ ଚାପରେ ରହିବେ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ସରକାରଙ୍କ ଏଭଳି ପଦକ୍ଷେପକୁ ସଂଘ ବିରୋଧ କରିବା ସହ ବୀମାଧାରୀଙ୍କ ସ୍ୱାର୍ଥ ପାଇଁ ଲଢେଇ କରିବ ବୋଲି ମତ ପ୍ରକାଶ ପାଇଛି। ଏହି ଅବସରରେ ସଂଘର ସାଧାରଣ ସମ୍ପାଦକ ଅଭୟ କୁମାର ଦାସ, ସଭାପତି ମାନଗୋବିନ୍ଦ ବାରିକ,ଉପସଭାପତି ସତ୍ୟବ୍ରତ ଦତ୍ତଗୁପ୍ତ ଓ ଡ. ସନ୍ତୋଷ କୁମାର ମହାପାତ୍ର ଏବଂ ସାଙ୍ଗଠନିକ ସମ୍ପାଦକ ଗୋଲକ ବିହାରୀ ମହାରାଜ,ସହସମ୍ପାଦକ ମନୋରମା ମହାନ୍ତି ଓ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ଖବର

### ଗାଡିରୁ ଖସି ମହିଳାଙ୍କ ମୃତ୍ୟୁ ଘଟଣା, ଅଭିଯୁକ୍ତ ଗିରଫ

ପୁରୀ ଅଫିସ,୧୯।୯

ଭ୍ୟାନିଟି ଛଡ଼ାଇ ନେବାକୁ ଉଦ୍ୟମ ବେଳେ ଗାଡିରୁ ପଡ଼ି ଆହତ ହୋଇଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଚନ୍ଦନପୁର ଥାନା ପୋଲିସ ଶନିବାର ତଳଜଙ୍ଗର ଦେବାଶିଷ ରାଉତଙ୍କୁ ଗିରଫ କରିଥିବା ବେଳେ ଜଣେ ନାବାଳକଙ୍କୁ ମଧ ଧରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୨ତାରିଖ ସନ୍ଧ୍ୟାରେ କୁମ୍ଭାରପଡ଼ାର ଜଗନ୍ନାଥ ସାବତଙ୍କ ସହ ବାଇକ୍‌ରେ ମନସ୍ୱିନୀ ମହାନ୍ତି ପୁରୀ ଆସୁଥିଲେ। ସମଯାଜପୁର ବ୍ରିଜ୍ ନିକଟରେ ୨ଅଭିଯୁକ୍ତ ମନସ୍ୱିନୀଙ୍କ ଭ୍ୟାନିଟି ଛଡାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ମନସ୍ୱିନୀ ଗାଡିରୁ ପଡି ଗୁରୁତର ହୋଇଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯାଉଥିବା ବେଳେ ମୃତ୍ୟୁ ଘଟିଥିଲା।

# ମହାପ୍ରଭୁଙ୍କ ସେବାପୂଜାକୁ ନେଇ ଆଶଙ୍କା

ପୁରୀ ଅଫିସ,୧୯।୯

## ସେବାୟତଙ୍କ ସଂକ୍ରମଣ ସଂଖ୍ୟା ବଢୁଛି

ପୁରୀରେ ଅଣାୟତ୍ତ କରୋନା। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢିଚାଲିଛି। ସବୁବର୍ଗର ଲୋକେ ଏହି ମହାମାରୀ କବଳରେ କବଳିତ। ବିଶେଷକରି ସେବାୟତଙ୍କ ସଂକ୍ରମଣକୁ ନେଇ ଏବେ ଅଧିକ ଚିନ୍ତା ବଢିଲାଣି। ସେବାୟତ ଏବଂ ଶ୍ରୀମନ୍ଦିର ସହ ସମ୍ପୃକ୍ତ କର୍ମଚାରୀଙ୍କ ସଂକ୍ରମଣ ସଂଖ୍ୟା ବଢୁଥିବାରୁ ମହାପ୍ରଭୁଙ୍କ ସେବାପୂଜା ବ୍ୟାହତ ନେଇ ଆଶଙ୍କା ପ୍ରକାଶ ପାଇଲାଣି।

ଦିନକୁ ଦିନ ଅଧିକ ସଂଖ୍ୟକ ସେବାୟତ କରୋନା ଆକ୍ରାନ୍ତ ହେଉଛନ୍ତି। ଏପରି କି କରୋନାରେ ୪ରୁ ଅଧିକ ସେବାୟତଙ୍କ ଜୀବନ ଗଲାଣି। ଫଳରେ ବୟସ୍କ ସେବାୟତମାନେ ସେବାପୂଜା ପାଇଁ ଆସିବା ଲାଗି ସୁରକ୍ଷିତ ମଣୁନାହାନ୍ତି। ପୂଜାପଣ୍ଡା ନିଯୋଗ ସମ୍ପାଦକ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ଶ୍ରୀମନ୍ଦିର ସେବାୟତ ଏବଂ କର୍ମଚାରୀ ମିଶି ପ୍ରାୟ ୪୦୦ରୁ ଅଧିକ କରୋନା ଦ୍ୱାରା ସଂକ୍ରମିତ ହେଲେଣି। ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ବ୍ୟାହତ ନ ହୁଏ ସେଥିପ୍ରତି ଆମେ ଗୁରୁତ୍ୱ ଦେଉଛୁ। କେତେଜଣ ପାଳିଆ ସେବାୟତ ଆକ୍ରାନ୍ତ ହୋଇଥିବାରୁ ଅନ୍ୟମାନେ ମାନସିକ ସ୍ତରରେ ଦୁର୍ବଳତା ଅନୁଭବ କରୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ପ୍ରାୟ ୩୦୦ ସେବାୟତ ସଂକ୍ରମିତ ହେଲେଣି। ତେବେ ଅଧିକ ସେବାୟତ କିପରି ସଂକ୍ରମଣ ନ ହେବେ ତାହା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି। କିନ୍ତୁ ମହାପ୍ରଭୁଙ୍କ ସେବାପୂଜା ବ୍ୟାହତ ହେବା ଆଶଙ୍କା ଭଳି ପରିସ୍ଥିତି ଉପୁଜି ନାହିଁ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଗତ ମାର୍ଚ୍ଚ ୨୦ ତାରିଖରୁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ଅନ୍ୟପକ୍ଷରେ ସେବାୟତଙ୍କ ଚିକିତ୍ସା ପାଇଁ ହୋଟେଲ ରକ୍ ବେ ଏବଂ ନୀଳାଚଳ ଭକ୍ତ ନିବାସରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହି ଦୁଇଟି ଜାଗାରେ ପ୍ରାୟ ୫୦ ଜଣଙ୍କ ଚିକିତ୍ସା ଚାଲିଛି। ଅନ୍ୟମାନେ ଘରେ ରହି ଚିକିତ୍ସିତ ହେଉଛନ୍ତି ବୋଲି ଉନ୍ନୟନ ପ୍ରଶାସକ କହିଛନ୍ତି।

# ପୁରୀ: ୫୦ ସ୍ଥାନରେ ବେଳାଭୂମି ସଫେଇ

ପୁରୀ ଅଫିସ/କୋଣାର୍କ, ୧୯।୯ (ଡି.ଏନ୍.ଏ.)

ପୁରୀ ଜିଲାରେ ଶନିବାର ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ପାଳିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ସକାଳେ ପୁରୀ ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ମୋ ବିଚ୍ ଅଭିଯାନରେ ଏକସମୟରେ ଜିଲାର ୫୦ଟି ସ୍ଥାନରେ ସଫେଇ କରାଯାଇଛି। ପୁରୀ ପୌରସଂସ୍ଥା ଅଧୀନ ହୋଟେଲ ଷ୍ଟର୍ଲିଂଠାରୁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ୧୦ଟି ସ୍ଥାନ, କୋଣାର୍କର ୧୦, କୃଷ୍ଣପ୍ରସାଦର ୧୦, ବ୍ରହ୍ମଗିରି, ଅସ୍ତରଙ୍ଗ, ଗୋପ ଓ କାକଟପୁରର ୫ଟି ସ୍ଥାନରେ ଏହି ସଫେଇ କରାଯାଇଛି। ପ୍ରତ୍ୟେକ ସ୍ଥାନରେ ୧୦ଜଣ ସ୍ୱେଚ୍ଛାସେବୀ ଓ ଜଣେ ନୋଡାଲ ଅଫିସର ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ଜିଲା ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀ, ବନ ବିଭାଗ, ଏସ୍‌ଏଚ୍‌ଜି, ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ପ୍ରମୁଖ ସାମିଲ ଥିଲେ। ସେହିପରି କୋଣାର୍କ



କୋଣାର୍କ ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ସାମିଲ ଥିବା ସ୍ୱେଚ୍ଛାସେବୀ।

କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ର, ଫ୍ରେଣ୍ଡ୍‌ସ କ୍ଲବ ଶିଫିପୁର, ସେବକ ବିରୁଡୁଙ୍ଗ, ଚନ୍ଦ୍ରଭାଗା ବଜାର କମିଟି, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ନୂଆଗାଁ, ସତ୍ୟସାଇ ସେବା ସମିତି କୋଣାର୍କ, ଉତ୍କଳ ଫାଉଣ୍ଡେଶନର ସ୍ୱେଚ୍ଛାସେବୀ ସାମିଲ ଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, ଚନ୍ଦ୍ରଭାଗା ଥାନା ଅଧିକାରୀ ନୀଳିମା ପଟ୍ଟନାୟକ, ନୋଡାଲ ଅଫିସର ଭାଗ୍ୟରଥି ବରାଳ, ନଳିନୀ ସାହୁ, ପଞ୍ଚାନନ ଲେଙ୍କା, ସଂଯୋଜକ ଜୟଶଙ୍କର ଯୋଶୀ, ଖବରଦାତା ରାଜେଶ ମହାନ୍ତି, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ବେଳାଭୂମି ଓ ସମୁଦ୍ରର ସୁରକ୍ଷା ଏବଂ ସଫେଇ ଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ମାସ ତୃତୀୟ ଶନିବାର ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ପାଳନ କରାଯାଉଛି। ଗତବର୍ଷ ସେପ୍ଟେମ୍ବର ୨୧ରେ ଏହି ଦିବସ ଅବସରରେ ପୁରୀରେ ବିଶ୍ୱର ବୃହତ୍ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଜିଲାର ୧୦୦ କିମିରୁ ଊର୍ଦ୍ଧ୍ୱ ବେଳାଭୂମିକୁ ଏକସଙ୍ଗେ ୨୦ ହଜାରରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଫେଇ କରିଥିଲେ।

## ସଂକ୍ଷେପରେ

### ବରିଷ୍ଠ ସେବାୟତ ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କ ପରଲୋକ



ପୁରୁଣା ଭୁବନେଶ୍ୱର,୧୯।୯(ଡି.ଏନ୍.ଏ.): ରାଜ୍ୟ ବିଜ୍ଞାନ ଓ କାରିଗରି, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ବଡ଼ଭାଇ ତଥା ଶ୍ରୀଲିଙ୍ଗରାଜଙ୍କ ବରିଷ୍ଠ ସେବାୟତ ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କ ଶନିବାର ପରଲୋକ ଘଟିଛି। ତାଙ୍କୁ ୬୯ବର୍ଷ ହୋଇଥିଲା। ଶନିବାର ଅପରାହ୍ନ ୫ଟାରେ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଲୁଇସ ରୋଡସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୨୦୦୦ ମସିହାରୁ ପ୍ରକାଶ ପୃଥକ୍ ଭାବେ ଏମ୍‌ପି ଓ ଏମଏଲ୍‌ଏଙ୍କ ରୋଗୀ କଲ୍ୟାଣ ସମିତିର ପ୍ରତିନିଧି ଥିଲେ। ବିଏମ୍‌ସି ହସ୍ପିଟାଲର ଉନ୍ନତି ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ। ସେ ଦୀର୍ଘବର୍ଷ ଧରି ବ୍ରାହ୍ମଣ ନିଯୋଗର ପୂର୍ବତନ କୋଷାଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବୁଦ୍ଧିଜୀବୀ, ଜନପ୍ରତିନିଧି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗରାବଡୁ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଶିବପ୍ରସାଦ ପଣ୍ଡା ମୁଖାଗ୍ନି ଦେଇଥିଲେ।

### ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ନିମାପଡ଼ା,୧୯।୯(ଡି.ଏନ୍.ଏ.): ଚାରିଛକ ଫାଣ୍ଡି ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ବାଲୁଙ୍କ ଗ୍ରାମର ଏକ ପୋଖରୀରୁ ଶନିବାର ଏକ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଏହି ଗ୍ରାମର ପରମାନନ୍ଦ ବାରିକ(୨୮)। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲ ପଠାଇଛି। ପରମାନନ୍ଦ ଗତ ୧୭ତାରିଖ ରାତିରେ ଘରେ ଖାଇ ସାରି ବାହାରକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଶନିବାର ସକାଳେ ତାଙ୍କ ଘର ବାରିପଟେ ଥିବା ଏକ ପୋଖରୀରେ ପରମାନନ୍ଦଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ତାଙ୍କ ବାପା ଫାଣ୍ଡିରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୨୩/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଭୁବନେଶ୍ୱର: କରୋନା ମୁକାବିଲାରେ ଆର୍‌ଆର୍‌ଟି ଅସ୍ତ୍ର

ଭୁବନେଶ୍ୱର,୧୯।୯(ବ୍ୟୁରୋ) ରାଜଧାନୀରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଅଧିକ ରହୁଥିବାରୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କର୍ତ୍ତୃପକ୍ଷ ହୋମ୍ ଆଇସୋଲେଶନକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ରାପିଡ୍ ରେସପନ୍ସ ଟିମ୍(ଆର୍‌ଆର୍‌ଟି) ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏହି ଟିମ୍ ଆଇସୋଲେଶନ ପାଇଁ ଆକ୍ରାନ୍ତଙ୍କ ଘରେ ପୃଥକ କୋଠରି, ଶୌଚାଳୟ ଆଦିର ସୁବିଧା ଅଛି କି ନାହିଁ ତାହାର ଯାଞ୍ଚ କରିବା ସହ ଉପଯୁକ୍ତ ପରାମର୍ଶ ପ୍ରଦାନ କରୁଛି। ତେବେ ଏଥିରେ ଆକ୍ରାନ୍ତଙ୍କ ଚିକିତ୍ସା ପରାମର୍ଶ ପାଇଁ ୭୯ଜଣ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି। ସେହିଭଳି ବିଏମ୍‌ସିର ୩ ଜୋନ୍‌ରେ ୪ଜଣ ଲେଖାଏ ଡାକ୍ତର ସାମିଲ ଅଛନ୍ତି। ତେଣୁ

**ଆକ୍ରାନ୍ତଙ୍କ ପରାମର୍ଶ ପାଇଁ ୮୩ ଡାକ୍ତର ନିଯୁକ୍ତ**

ଏସବୁ ସୁବିଧା ପାଇଁ ଭୁବନେଶ୍ୱରର ପ୍ରାୟ ୭୪% ଆକ୍ରାନ୍ତ ଗୃହ ଏକାନ୍ତବାସରେ ରହି ଚିକିତ୍ସିତ ହେଉଥିବାବେଳେ ଆର୍‌ଆର୍‌ଟି କରୋନା ମୁକାବିଲାର ମୁଖ୍ୟ ଅସ୍ତ୍ର ପାଲଟିଛି। ମିଳିଥିବା ସୂଚନାନୁସାରେ, ଦକ୍ଷିଣ ପଶ୍ଚିମ ଜୋନ୍ ଆର୍‌ଆର୍‌ଟିରେ ୨୬ଜଣ ଓ ଜୋନ୍ କାର୍ଯ୍ୟାଳୟରେ ୪ଜଣ ଡାକ୍ତର ରହିଛନ୍ତି। ସେହିପରି ଉତ୍ତର ଜୋନ୍‌ରେ ୩୦ ଓ ଦକ୍ଷିଣ ଜୋନ୍‌ରେ ୨୩ଜଣ ଡାକ୍ତର ସଜାଗ ରହି ସେବା ଯୋଗାଉଛନ୍ତି। ପ୍ରତି ଜୋନ୍‌ରେ ୧୮ ଆରଆରଟି ରୋଗୀଙ୍କୁ ନିରୀକ୍ଷଣ କରୁଥିବାବେଳେ ୨୧୦ ଟିମ୍ ଅଣବସ୍ତି ଅଞ୍ଚଳରେ ଘରକୁ ଘର ବୁଲି ହେଲଥ୍ ସ୍କ୍ରିନିଙ୍ଗ୍ କରୁଛନ୍ତି। ୧୯୨୯ ଦ୍ୱାରା ନିୟମିତ କଲ୍ କରାଯାଉଛି। ଯେଉଁଥିପାଇଁ ଆରମ୍ଭରେ ହୋମ୍ ଆଇସୋଲେଶନରେ ୪୨% ଆକ୍ରାନ୍ତ ରହୁଥିଲେ, ଏବେ ୭୩.୫%କୁ ବୃଦ୍ଧି ପାଇଛି। ଗତ ୫ ଦିନରେ ଭୁବନେଶ୍ୱରରୁ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ହୋମ୍ ଆଇସୋଲେଶନ ୯୫.୪୪% ରହିଛି।

**ଜନ୍ମଦିନ ଶୁଭେଚ୍ଛା**





(ସୋନୁ, ସାଇ)

**ପ୍ରାଂଶୁ ଦାଶ**
ମିଶ୍ରପଡ଼ା, ଅନୁଗୁଳ
ଜନ୍ମଦିନର ଶୁଭ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା ତୋତେ ଶତାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ ହେଉ।
–:ଶୁଭେଚ୍ଛା ସହ:–
ଜେପା, ଜେମା, ଆଈ, ବାପା, ମାମା, ସାନଭାଇ: ପ୍ରନୀଳ, ବନ୍ଧୁ ଓ ପରିବାରବର୍ଗ।
ଧ-୧୮୩୦୩

# ‘ଆମେରିକାସ୍ ଗଟ୍ ଟ୍ୟାଲେଣ୍ଟ’ ଫିନାଲେରେ ଓଡ଼ିଆ ପୁଅ

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ଗ୍ଲୋବାଲ୍ ପ୍ଲାଟ୍‌ଫର୍ମରେ କରିସ୍ମା ଦେଖାଇଛନ୍ତି ପୁଣିଜଣେ ଓଡ଼ିଆ। ରାୟଗଡ଼ା ଜିଲାର ୨୧ବର୍ଷୀୟ ଯୁବକ ମାରାଜୁ ସୁମନ୍ତ ଆମେରିକାସ୍ ଗଟ୍ ଟ୍ୟାଲେଣ୍ଟ ସିଜନ-୧୫ର ଫିନାଲେରେ ପହଞ୍ଚିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ନିଜ ଡ୍ୟାନ୍ସ ପାର୍ଟନର ତଥା କୋଲକାତାର ୧୫ବର୍ଷୀୟ ସୋନାଲି ମଜୁମଦାରଙ୍କ ସହ ମିଶି ସେ ସଫଳତାର ସହ ବିଦେଶୀ ମଞ୍ଚରେ ନିଜ ପ୍ରତିଭା ଦେଖାଇଛନ୍ତି। ‘ବ୍ୟାଡ୍ ସାଲ୍‌ସା’ ନାମରେ ପରିଚିତ ସୁମନ୍ତ ଓ ସୋନାଲିଙ୍କ ଡ୍ୟାନ୍ସ ଯୋଡ଼ି ପୂର୍ବରୁ ଇଣ୍ଡିଆସ୍ ଗଟ୍ ଟ୍ୟାଲେଣ୍ଟ ଏବଂ ‘ଝଲକ୍ ଦିଖ୍‌ଲାଜା’ ଭଳି ମଞ୍ଚରେ ସମସ୍ତଙ୍କ ମନ ଜିଣିଥିଲା। ଏମ୍. ଜଗଦୀଶ ରାଓ ଏବଂ ଏମ୍. ରାଧାକୁମାରୀଙ୍କ ପୁଅ ସୁମନ୍ତ ରାଜ୍ୟ ଏବଂ ଦେଶ ବାହାରର ବହୁ ମଞ୍ଚରେ ନିଜ ନୃତ୍ୟକଳା ଦେଖାଇ ସାରିଛନ୍ତି। ତେବେ ‘ଆମେରିକାସ୍ ଗଟ୍ ଟ୍ୟାଲେଣ୍ଟ’ ସେମିଫିନାଲେ ମଞ୍ଚରେ ଉଭୟ ଦକ୍ଷିଣ ଭାରତୀୟ ହିଟ୍ ‘ଟପ୍ ଲେସି ପୋଡି’ ଗୀତରେ ନୃତ୍ୟ ପ୍ରଦର୍ଶନ କରି ଶୋ’ର ବିଚାରକଙ୍କୁ ଚକିତ କରିଥିଲେ। ବିଚାରକମାନେ ଆମେରିକୀୟ ଗ୍ରୁପ୍‌କୁ ପଛରେ ପକାଇ ସୋନାଲି ଏବଂ ସୁମନ୍ତଙ୍କୁ ଫାଇନାଲକୁ ଉନ୍ନୀତ କରିଥିଲେ। ଖୁବ୍‌ଶୀଘ୍ର ଶୋ’ ଫାଇନାଲ ଟେଲିଭିଜନରେ ପ୍ରସାରିତ ହେବାକୁ ଥିବାବେଳେ ସୁମନ୍ତ ଓଡ଼ିଶାକୁ ଅନ୍ତର୍ଜାତୀୟ ମଞ୍ଚରେ ପୁଣିଥରେ ଗର୍ବିତ କରିବେ ବୋଲି କୁହାଯାଉଛି। ପୂର୍ବରୁ ଏହି ଯୋଡ଼ି ବ୍ରିଟେନ୍‌ସ ଗଟ୍ ଟ୍ୟାଲେଣ୍ଟରେ ମଧ ଅଂଶଗ୍ରହଣ କରିଥିଲେ।



ସହଯୋଗୀ ସୋନାଲୀଙ୍କ ସହ ମାରାଜୁ ସୁମନ୍ତ।

## ବାଉରିବନ୍ଧୁ କରଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ପ୍ରତିଷ୍ଠିତ ସାହିତ୍ୟିକ ପ୍ରଫେସର ଡ. ବାଉରିବନ୍ଧୁ କରଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ବାସଭବନରେ ହୃଦ୍‌ଘାତରେ ପ୍ରାଣ ହରାଇଥିବା ପ୍ରଫେସର କର ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ଜଣେ ସୁଖ୍ୟାତ ବ୍ୟକ୍ତିତ୍ୱ ଥିଲେ। ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ସ୍ତ୍ରୀ ହରପ୍ରିୟା କରଙ୍କ ସହ ପୁତ୍ର ଶୁଭାଶିଷ କରଙ୍କୁ ଛାଡ଼ି ଯାଇଥିବା ଡ. କର ସ୍ୱର୍ଗତ ବାମପନ୍ଥୀ ନେତା ସୌରୀବନ୍ଧୁ କରଙ୍କ ସାନଭାଇ। ଡ. କର ୧୯୫୧ ସେପ୍ଟେମ୍ବର ୧୨ରେ ଯାଜପୁର ଜିଲାର ଖଣ୍ଡିତରର କବୀରପୁର ଗାଁରେ ଜନ୍ମଗ୍ରହଣ କରିଥିଲେ। ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସେ ନିଜର ସ୍ୱତନ୍ତ୍ର ସ୍ଥାନ ଦଖଲ କରିଥିଲେ। ‘ଓଡ଼ିଶା ସାହିତ୍ୟର ଇତିହାସ’, ‘ଓଡ଼ିଆ ପ୍ରବନ୍ଧ ସାହିତ୍ୟ’, ‘ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ’, ‘ସୁବର୍ଣ୍ଣ ସମାଲୋଚନା’, ‘ଅଭିନନ୍ଦନ ଗ୍ରନ୍ଥ’, ‘ସମାଲୋଚନା ଭାରତୀ’, ‘ଚିନ୍ତନ-ଅନୁଚିନ୍ତନ’, ‘ନାନା ଆଲୋଚନା’, ‘ସୁରେନ୍ଦ୍ର ସମୀକ୍ଷା’ ଭଳି ପୁସ୍ତକ ରଚନା କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ଶନିବାର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶୋକବ୍ୟକ୍ତ କରାଯିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପରିବାର ଲୋକଙ୍କ ଉପସ୍ଥିତିରେ ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ବ୍ୟବସାୟୀଙ୍କଠାରୁ ୧୦ଲକ୍ଷ ନେଇଗଲେ ସାଇବର ଠକ

ଭୁବନେଶ୍ୱର,୧୯।୯ (ବ୍ୟୁରୋ)

କିଛିଦିନ ହେବ ରାଜ୍ୟରେ ବଡ଼ ବଡ଼ ସାଇବର ଠକେଇ ହେଉଥିବାବେଳେ ଏବେ ଆଉଏକ ଘଟଣା ଘଟିଛି। ବ୍ୟାଙ୍କ୍ ମିତ୍ର ଫ୍ରାଞ୍ଚାଇଜ ନେବା ଆଶାରେ ୧୦ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି ଜଣେ ବ୍ୟବସାୟୀ। ସେ ହେଲେ ପୁରୀ ଜିଲା ସତ୍ୟବାଦୀ ଶ୍ରୀରାମଚନ୍ଦ୍ରପୁର ଅଞ୍ଚଳର ପ୍ରଦୀପ କୁମାର ସାହୁ। ସେ ଏନେଇ କଟକ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

ପ୍ରଦୀପ ସାକ୍ଷୀଗୋପାଳ ଅଞ୍ଚଳରେ ଛୋଟମୋଟ ବ୍ୟବସାୟ କରନ୍ତି। ସେ ଏସ୍‌ବିଆଇର ବ୍ୟାଙ୍କ୍ ମିତ୍ର ଫାଞ୍ଚାଇଜ ନେବାକୁ ଇଚ୍ଛା କରିଥିଲେ। ଜୁନ୍ ୧୦ରେ ଗୁଗଲରେ ସର୍ଚ୍ଚ କରିବାବେଳେ ଅଜାଣତରେ ଏକ ଜାଲ୍ ସାଇଟ୍ ଖୋଲିଥିଲେ। ସେଥିରେ ଫ୍ରାଞ୍ଚାଇଜ ନେବା ପାଇଁ ଆବେଦନ ଫର୍ମ ରହିଥିଲା। ପ୍ରଦୀପ ପରିଚୟପତ୍ର, ଆକାଉଣ୍ଟ ନମ୍ବର ଆବଶ୍ୟକ ତଥ୍ୟ ଦେଇ ତାହାକୁ ପୂରଣ କରିଥିଲେ। ପରେ ଜଣେ ବ୍ୟକ୍ତି ତାଙ୍କୁ ଫୋନ୍ କରି ବ୍ୟାଙ୍କ୍ ମିତ୍ର ଫାଞ୍ଚାଇଜ ହୋଇଯିବ ବୋଲି କହିବା ସହ କେତେକ କାଗଜପତ୍ର ପଠାଇବାକୁ ଏକ ଇମେଲ୍ ଆଇଡି ଦେଇଥିଲେ। ତାଙ୍କ କଥା ଶୁଣିବା

**ଆଶାରେ ରହିଗଲା ବ୍ୟାଙ୍କ୍ ମିତ୍ର ଫ୍ରାଞ୍ଚାଇଜ ଇଚ୍ଛା**

ପରେ ପ୍ରଦୀପ ଉକ୍ତ ଇମେଲ୍‌ରେ ସମସ୍ତ ଡକ୍ୟୁମେଣ୍ଟ ପଠାଇବା ପରେ ବ୍ୟକ୍ତିଜଣକ ନକଲି ବ୍ୟାଙ୍କ୍ ଏଗ୍ରିମେଣ୍ଟ ପ୍ରଦୀପଙ୍କ ମେଲ୍‌କୁ ପଠାଇଥିଲେ। ଏଥିସହ ଫ୍ରାଞ୍ଚାଇଜ୍ ପାଇଁ ବିଭିନ୍ନ ପ୍ରକାର ଫିସ୍ ଦେବାକୁ ପଡିବ ବୋଲି ଜଣାଇଥିଲେ। ପରେ ରେଜିଷ୍ଟ୍ରେଶନ, ଏଗ୍ରିମେଣ୍ଟ, ବ୍ୟାଙ୍କ୍ ଇନ୍‌ସ୍ୟୁରାନ୍ସ, ବ୍ୟାଙ୍କ୍ ସେଟ୍‌ଅପ୍, ଜିଏସ୍‌ଟି ଓ ବିଳମ୍ବ ବାବଦକୁ ପ୍ରଦୀପଙ୍କଠାରୁ ୧୦ଲକ୍ଷ ଟଙ୍କା ନେଇଯାଇଥିଲେ। ହେଲେ ପ୍ରଦୀପ ଫ୍ରାଞ୍ଚାଇଜ ପାଇପାରି ନ ଥିଲେ। ସେ ଯୋଗାଯୋଗରେ ଥିବା ବ୍ୟକ୍ତିଙ୍କୁ ବାରମ୍ବାର ଫୋନ୍ କରିଥିଲେ ମଧ ସେ ରିସିଭ୍ କରି ନ ଥିଲେ। ଶେଷରେ ଠକେଇର ଶିକାର ହୋଇଥିବା ଜାଣିବା ପରେ ପ୍ରଦୀପ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ସାଇବର ଥାନାର ଜଣେ ଅଧିକାରୀ ପ୍ରାଥମିକ ତଦନ୍ତ କରିଥିଲେ। ସତ୍ୟାସତ୍ୟ ନେଇ ରିପୋର୍ଟ ହେବା ପରେ ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।

# ରାସ୍ତାରେ ହାତୀ, ପଥଚାରୀ ଭୟଭୀତ

ନିରାକାରପୁର,୧୯।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନବିଭାଗ ଅଞ୍ଚଳରେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି ହାତୀପଲ। ଏହିକ୍ରମରେ ଶନିବାର ଅପରାହ୍ନ ସାଢେ ୪ଟାରେ ନୂଆ ଜଗନ୍ନାଥ ସଡ଼କ ରାସ୍ତା ନାରଗଦାଠାରେ ଏକ ଜଙ୍ଗଲୀ ହାତୀ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଲୋକଙ୍କ ପାଟି ଶୁଣି ପ୍ରାୟ ୧ଘଣ୍ଟା ପରେ ଜଙ୍ଗଲ ଭିତରକୁ ହାତୀଟି ପଳାଇଯାଇଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ରାସ୍ତା ଉପରେ ହାତୀ ରହିଥିବା ଖବରପାଇ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇଛନ୍ତି ବୋଲି ଭୁଷଣ୍ଡପୁର ଫରେଷ୍ଟର ଗୋଦାବରୀଶ ହୋତା କହିଛନ୍ତି।



ନାରଗଦାଠାରେ ରାସ୍ତା ମଝିରେ ଛିଡ଼ା ହୋଇଥିବା ହାତୀ।

## ପ୍ଲାଜ୍‌ମା ଦାନ ପାଇଁ ମୋକିମଙ୍କ ଆହ୍ୱାନ

କଟକ ଅଫିସ,୧୯।୯: ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନ ‘ଅମୃତ ଧାରା’ ପକ୍ଷରୁ ଏସ୍‌ସିବି ରକ୍ତଭଣ୍ଡାରରେ କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ନିମନ୍ତେ ପ୍ଲାଜ୍‌ମା ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅମୃତଧାରା ଅଧକ୍ଷ ତଥା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ପ୍ଲାଜ୍‌ମା ଜରୁରୀ ହୋଇପଡ଼ିଛି। ତେଣୁ ପ୍ଲାଜମା ଦାନ ପାଇଁ ମୋକିମ ଆହ୍ୱାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଦାସ, ସେକ୍ ଇନ୍ତେକାବ, ଆଲାମ, ଶକିଲ ଖାନ, ଦିଲ୍ଲୀପ କୁମାର ଗୁପ୍ତା, ମୀର୍ଜା ରିଆଜ ବେଗ ପ୍ରମୁଖ ପ୍ଲାଜମା ଦାନ କରିଥିଲେ।

# ୨୧ରୁ ୱାର୍ଲ୍ଡ ଡ୍ୟାନ୍ସ ୱେବିନାର ସିରିଜ

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ଭାରତୀୟ ନୃତ୍ୟର ଜଗତୀକରଣକୁ ନେଇ ଆସନ୍ତା ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ଏକ ୱାର୍ଲ୍ଡ ୱେବିନାର୍ ସିରିଜ୍ ଆରମ୍ଭ ହେବ। ୬ଦିନ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରତିଦିନ ଦୁଇଟି ପର୍ଯ୍ୟାୟରେ ନୃତ୍ୟ ଉପରେ ଆଲୋଚନା ହେବ। ପ୍ରଥମ ଅଧିବେଶନ ଅପରାହ୍ନ ୫ଟା ୩୦ ଏବଂ ଦ୍ୱିତୀୟ ଅଧିବେଶନ ରାତି ୭ଟାରେ ଅନୁଷ୍ଠିତ ହେବ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପର୍‌ଫର୍ମିଂ ଆର୍ଟ ବିଭାଗ(ଡିପିଏ), କଳା, ଯୋଗାଯୋଗ ଏବଂ ଇଣ୍ଡିକ୍ ଷ୍ଟଡିଜ୍(ଏଫ୍‌ଏସିଆଇସି) ସହ ଗୁରୁକେଳୁଚରଣ ମହାପାତ୍ରଙ୍କ ଓଡ଼ିଶୀ ନୃତ୍ୟାନୁଷ୍ଠାନ ‘ସୃଜନ’ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ୧୦ଜଣ ଦେଶ ବିଦେଶର ବିଶିଷ୍ଟ ନୃତ୍ୟଗୁରୁ ଏବଂ ଗବେଷକ ଯୋଗଦେଇ ପ୍ରାସଙ୍ଗିକ ବିଷୟ ଉପରେ ମତ ପ୍ରଦାନ କରିବେ।

**ଯୋଗଦେବେ ଦେଶବିଦେଶର ଗୁରୁ, ଗବେଷକ**

ଜୁମ୍ ଆପ୍‌ରେ ପରିଚାଳିତ ଏହି କାର୍ଯ୍ୟକ୍ରମର ପ୍ରତ୍ୟେକ ଅଧିବେଶନ ଏକ ଘଣ୍ଟା ପାଇଁ ଅନୁଷ୍ଠିତ ହେବ। ଏହାପରେ ପ୍ରଶ୍ନୋତ୍ତର ଅଧିବେଶନ ରହିବ। ୨୧ ତାରିଖରେ ଜୋନାଥନ ହଲାଣ୍ଡର, ଡ. ପଦ୍ମା ସୁବ୍ରମଣ୍ୟମ୍, ୨୨ରେ ଡ. ଅନନ୍ୟା ଚାଟାର୍ଜୀ, ଡ. ସ୍ୱପ୍ନା ସୁନ୍ଦରୀ, ୨୩ରେ ଡ. ଉତ୍ତରା ଏ କୋରଲାୱାଲା, ପ୍ରଫେସର ପାଟ୍ରିକ୍ ସୁଜିୟୁ, ୨୪ରେ ଡ. ରୋହିଣୀ ଦଣ୍ଡବାତେ, ପ୍ରଫେସର ଭାର ଗୁପ୍ତ, ୨୫ରେ ଜୟ ଗୋବିନ୍ଦ, ବିଦୂଷୀ ଶାରୋନ୍ ଲୋୱେନ, ୨୬ରେ ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ରାହୁଲ ଆଚାର୍ଯ୍ୟ ଏବଂ ପ୍ରଫେସର ରତିକାନ୍ତ ମହାପାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ପ୍ରତିଭାରେ ପ୍ରତିବନ୍ଧକ, ଚିନ୍ତାରେ କଳାକାର

*କଳା କ୍ଷେତ୍ରରେ କଟକର ପରିଚୟ ଭିନ୍ନ । କୁହାଯାଏ ୬୦ ଦଶକରେ ଏହିଠାରୁ ହିଁ ମେଲୋଡ଼ି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଯାହା ସମଗ୍ର ରାଜ୍ୟର ପୂରପଲ୍ଲୀକୁ ବ୍ୟାପିଥିଲା। ସେତେବେଳ ସମୟରେ ମଞ୍ଚ ଉପରେ ସ୍ୱର୍ଗତଃ ଅକ୍ଷୟ ମହାନ୍ତି(ଖୋକା ଭାଇ) ପଦଟିଏ ନ ଗାଇଲେ ସେଠାକାର ଯାନିଯାତରା ପରିପୂର୍ଣ୍ଣ ହୁଏନି। ଦୋଳ ହେଉ କି ଦଶହରା, ଦୀପାବଳି ହେଉ କି ଡଙ୍ଗାଭସା। ବିଭିନ୍ନ ପର୍ବପର୍ବାଣୀରେ ଲୋକଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଉଥିବା ମେଲୋଡ଼ି କଳାକାର ଏବେ କିନ୍ତୁ ହାତ ବାନ୍ଧି ବସିଛନ୍ତି...*

କଟକ ଅଫିସ,୧୯।୯

ସମଗ୍ର ସ୍ତରକୁ ହାନି ପହଞ୍ଚାଇଛି ମହାମାରୀ କରୋନା। କଳାକାରମାନେ ମଧ ଏଥିରୁ ବାଦ୍ ପଡିନାହାନ୍ତି। କଳା ପରିବେଷଣ କରି ପେଟ ପୋଷୁଥିବା କଳାକାର ନିଜ ପ୍ରତିଭାକୁ ପ୍ରଦର୍ଶନ କରିବାର ସୁଯୋଗ ବି ନାହିଁ। ମାର୍ଚ୍ଚ ଶେଷ ସପ୍ତାହରୁ ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ବି ଉତ୍ସବ କି ମହୋତ୍ସବ ଆୟୋଜନ କରାଯାଇନାହିଁ।

**କଳା ଉପରେ କରୋନା ମାଡ଼**

ମେଲୋଡି କଳାକାରଙ୍କୁ ଅର୍ଥାଭାବ ଗ୍ରାସ କରିସାରିଲାଣି ବୋଲି ‘ସାଗର ସଙ୍ଗମ’ର ମାଲିକ ମହମ୍ମଦ ଆବିଦ୍ କହିଛନ୍ତି। ଚଳିତବର୍ଷ ଦଶହରା ଉପରେ ପ୍ରତିବନ୍ଧକ ଲାଗିସାରିଛି। ଏଭଳି ସ୍ଥିତିରେ ସୁଧାର ନ ଆସିବା ପର୍ଯ୍ୟନ୍ତ ଆସନ୍ତା କାଳୀପୂଜା, ବାଲିଯାତ୍ରା ଓ କାର୍ତ୍ତିକେଶ୍ୱର ପୂଜା ମଧ ଜାକଜକମରେ ହେବନି ବୋଲି ପୂର୍ବାନୁମାନ କରାଯାଉଛି।

କରୋନା କଟକଣା ଆରମ୍ଭ ହେବା ପରେ କିଛି ମାସ ବିବାହ ଋତୁ ମଧ ଥିଲା। ବିବାହ କାର୍ଯ୍ୟକ୍ରମରେ ମେଲୋଡ଼ି ଆୟୋଜନ ଦେଖିବାକୁ ମିଳେ। ଏହାଛଡା କଲେଜର ବାର୍ଷିକୋତ୍ସବ ଓ ବିଭିନ୍ନ ମହୋତ୍ସବ ମଧ ଏପ୍ରିଲରୁ ଜୁନ୍ ଭିତରେ ଆୟୋଜନ କରାଯାଏ। ହେଲେ ଚଳିତବର୍ଷ ଗୋଟିଏ ହେଲେ ବି କାର୍ଯ୍ୟକ୍ରମ କରାଯାଇନାହିଁ। ମାର୍ଚ୍ଚ ୧୧ ତାରିଖରେ ଶେଷଥର ପାଇଁ ମେଲୋଡି କାର୍ଯ୍ୟକ୍ରମ କରିଥିଲୁ ବୋଲି ଆବିଦ୍ କହିଛନ୍ତି। ଏହି ତାରିଖ ସୁଦ୍ଧା ୭ଟି କାର୍ଯ୍ୟକ୍ରମର ଆଡଭାନ୍ସ ରାଶି ଗ୍ରହଣ କରିଥିଲୁ। ହେଲେ ସମସ୍ତ କାର୍ଯ୍ୟକ୍ରମ ବାତିଲ ହେବା ଯୋଗୁ ଟଙ୍କା ଫେରାଇବାକୁ ପଡ଼ିଥିଲା। ପରେ ପ୍ରାୟ ୨ମାସ ପାର୍ଟିର କଳାକାରମାନଙ୍କୁ କିଛି ଆର୍ଥିକ ସହାୟତା ଦିଆଯାଇଥିଲା। ଯାହା ଖୁବ୍ କମ୍ ଥିଲା। ଏହାପରେ ସହାୟତା ଦେବା ସମ୍ଭବପର ହୋଇ ନ ଥିଲା। ମଞ୍ଚରେ ନିଜ ପ୍ରତିଭାକୁ ପ୍ରଦର୍ଶନ କରୁଥିବା କଳାକାରମାନେ ଏବେ ପେଟ ପୋଷିବାକୁ ଭିନ୍ନ ବାଟ ବାଛି ସାରିଲେଣି ବୋଲି ଆବିଦ୍ କୁହନ୍ତି। କିଛି କଳାକାର ମଧ ଗାଁକୁ ଚାଲି ଯାଇଛନ୍ତି। ଆମେ କେବେ ତାଙ୍କୁ ଡାକରା ପଠାଇବୁ ବୋଲି ଅପେକ୍ଷା କରି ରହିଛନ୍ତି। ପ୍ରାୟ ସମୟ ଫୋନ୍ କରି କାର୍ଯ୍ୟକ୍ରମ ବିଷୟରେ ପଚାରୁଥିବାବେଳେ ତାଙ୍କୁ ଉତ୍ତର ଦେଇପାରୁନାହୁଁ ବୋଲି ଆବିଦ୍ କହିଥିଲେ। ସେହିପରି ହବିବ୍ ମେଲୋଡି ପାର୍ଟିର ମୁଖ୍ୟ ମହମ୍ମଦ ସାହିଦ୍ କହିଛନ୍ତି, ଏପରି ସ୍ଥିତିରେ ପେଟ ପୋଷିବା ଚିନ୍ତାଜନକ ବିଷୟ ହୋଇଛି। ବର୍ଷକୁ ୨୦ରୁ ୨୫ଟି କାର୍ଯ୍ୟକ୍ରମ ହେଲେ ସମସ୍ତେ ଅଳ୍ପବହୁତେ ଅର୍ଥ ରୋଜଗାର କରୁଥିଲେ। ହେଲେ ଏବେ ରୋଜଗାରର ମାଧ୍ୟମ ନାହିଁ।

## ମାଛ ବିକୁଛନ୍ତି ମଞ୍ଚ କଳାକାର

ମଞ୍ଚକୁ ଆସି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରୁଥିବା କଳାକାର ଦିନେ ରାସ୍ତାକଡ଼ରେ ବସି ମାଛ ବିକିବ ବୋଲି କେହି ସ୍ୱପ୍ନରେ ଭାବି ନ ଥିଲେ। ଏବେ ଏଭଳି ଚିତ୍ର ଦେଖିବାକୁ ମିଳିଲାଣି। ନିଜେ ଜଣେ କଳାକାର ହୋଇଥିବାରୁ ଏହା ଦେଖିବାକୁ କଷ୍ଟ ଲାଗୁଛି। ସରକାର ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ।



– ମହମ୍ମଦ ଆବିଦ୍,
ମେଲୋଡି ପାର୍ଟି ମାଲିକ

## ସରକାରୀ ସ୍ତରରେ ସହାୟତା ମିଳୁ

କରୋନା ସମସ୍ତଙ୍କ ମେରୁଦଣ୍ଡକୁ ଭାଙ୍ଗି ସାରିଛି। ସବୁବର୍ଗର ଲୋକ ଚିନ୍ତାରେ ଅଛନ୍ତି, ଏହା ସତ। ହେଲେ କଳାକାରମାନେ କିଭଳି ଜୀବନଜୀବିକା ନିର୍ବାହ କରିବେ ସେଥିପ୍ରତି ସରକାର ଦୃଷ୍ଟି ଦିଅନ୍ତୁ। ସରକାରୀ ସ୍ତରରୁ ସହାୟତା ମିଳିଲେ ରାଜ୍ୟର କଳାକାରମାନେ ଉପକୃତ ହେବେ।



– ହ୍ୟୁମାନ ସାଗର, କଣ୍ଠଶିଳ୍ପୀ

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ହୃଷୀକେଶ ଦାସ**
ଆବିର୍ଭାବ: ୨୩।୧୦।୧୯୪୪
ତିରୋଧାନ: ୧୦।୦୯।୨୦୨୦
ତୁମେ ଚାଲିଗଲ ତୁମରି ବାଟରେ, ଯୁଗଟିଏ ସାରିଦେଇ। ତୁମରି ବିହୁନେ ବଞ୍ଚିବାର କଳା ଶିଖାଇ ତ ଗଲ ନାହିଁ। ତୁମ ହାତଗଢ଼ା ସଂସାର ପାଇଁକି, ଟିକିଏ ହେଲାନି ଲୋଭ। ମଝି ଦରିଆରେ ମେଲିଦେଇ ତାକୁ, କି ଅବା ପାଇଲ ଲାଭ। ତୁମ ଦୁଇ ଆଖି ଓଦା ହୁଏ ଦେଖି, ଆମରି ଶୁଖିଲା ମୁହଁ। ଏବେ ଆମଠୁ କି ଆପଣାର ହେଲା, ମଶାଣିର ମିଠା ମୋହ। ସବୁ ତ ଦେଇଛ ତୁମକୁ ଦେବାକୁ, ଲୁହ ଛଡ଼ା ନାହିଁ କିଛି। ରୋକିବାର ନାହିଁ ଅଫେରା ବାଟକୁ, ତୁମେ ତ ନେଇଛ ବାଛି। ଶାନ୍ତିରେ ଯାଅ, ବଇକୁଣ୍ଠପୁର, ତୁମକୁ ରହିଛି ଚାହିଁ। ଆମେ ରହିଥିବୁ ତୁମରି ସ୍ମୃତିରେ, ଆଖିଲୁହ ପିଇପିଇ।
–:ଶୋକସନ୍ତପ୍ତ:–
ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି-ନାତୁଣୀ ଓ ଅନ୍ୟମାନେ।
ଧ-୧୮୨୮୨

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା କୁମୁଦଲତା ସାହୁ**
ବାଲିଅନ୍ତା (ଅଣ୍ଡିଲୋ)
ଆବିର୍ଭାବ: ୨୦।୦୧।୧୯୪୪
ତିରୋଧାନ: ୧୦।୦୯।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ସ୍ୱାମୀ: ନୀଳମଣୀ ସାହୁ, ପୁତ୍ର: ଲୋକନାଥ, ସୋମନାଥ, ତ୍ରିନାଥ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁବାନ୍ଧବ ।
ଧ-୪୬୨୮୯

# ଇ ଡେଟିଂ ଆପ୍: ବଢ଼ୁଛି କ୍ରେଜ୍

**ଏବେ ଆଉ ଦେଖିବାକୁ ମିଳୁନି ପାର୍କ, ସିନେମାହଲ୍, ଶପିଂ ମଲ୍ କି କାଫେ ଅବା ଫୁଡହବ୍‌ଗୁଡ଼ିକରେ ହଳ ହଳ ହୋଇ ବୁଲୁଥିବା ପ୍ରେମୀଯୁଗଳଙ୍କ ଦୃଶ୍ୟ। କାରଣ ଘରୁ ବାହାରିଲେ କରୋନା ସଂକ୍ରମଣର ଭୟ ସେମାନଙ୍କ ପାଦରେ ବି ଲଗାଇଛି ବେଡ଼ି; ଯେଉଁଥିପାଇଁ ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକଙ୍କ ଠାରେ ବଢ଼ିବାରେ ଲାଗିଛି ବିଭିନ୍ନ ଅନ୍‌ଲାଇନ୍ ଡେଟିଂ ଆପ୍‌ର କ୍ରେଜ୍...**







ବର୍ତ୍ତମାନ କରୋନା ଭୟରେ ଅତ୍ୟାବଶ୍ୟକ ନ ଥିଲେ ସଭିଙ୍କର ଘରୁ ବାହାରିବା ଏକପ୍ରକାର ବନ୍ଦ ହୋଇଯାଇଛି। ଯେଉଁଥିରୁ ବାଦ୍ ପଡ଼ିନାହାନ୍ତି ପ୍ରେମୀଯୁଗଳ। ହେଲେ ଏସମୟରେ ଭେଟ ହେବା ଏକ ପ୍ରକାର ମୁସ୍କିଲ୍ ହୋଇଥିଲେ ହେଁ ସୋସିଆଲ୍ ସାଇଟ୍‌ଗୁଡ଼ିକ ଏହି ସମସ୍ୟା ଦୂର କରିବାରେ ସାହାଯ୍ୟ କରୁଛି। ଏହାଦ୍ୱାରା କେବଳ ନିଜ ଚିହ୍ନା ପରିଚିତ ନୁହନ୍ତି ଅପରିଚିତଙ୍କ ସହ ମଧ ଧୀରେ ଧୀରେ ବନ୍ଧୁତାର ସମ୍ପର୍କ ଯୋଡ଼ି ପାରୁଛି। ତେବେ ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ବିଭିନ୍ନ ଅନ୍‌ଲାଇନ୍ ଡେ଼ଟିଂ ଆପ୍ସର କ୍ରେଜ୍ ବଢ଼ୁଥିବା ଦେଖିବାକୁ ମିଳୁଛି। ଯାହାଦ୍ୱାରା ପରସ୍ପରଠୁ ସମ୍ପୂର୍ଣ୍ଣ ଅଚିହ୍ନା ଥିବା ଅନେକ ଯୁବତୀଯୁବକଙ୍କ ମଧ୍ୟରେ ଫ୍ରେଣ୍ଡଶିପ୍, ଚାଟିଂ, ଭିଡ଼ିଓ କଲିଂ ହୋଇପାରୁଛି। କେବଳ ଏତିକି ନୁହେଁ କେହି କେହି ପରସ୍ପରକୁ ଭେଟିବା ବା ଡେ଼ଟ୍‌ରେ ଯିବାକୁ ବି ପଛାଉ ନାହାନ୍ତି। ଏମିତିକି କେତେକଙ୍କ ଲାଗି ଏହା ନିଜ ଲାଇଫ୍ ପାର୍ଟନର ବାଛିବାରବି ମାଧ୍ୟମ ପାଲଟିଛି। ତେବେ ଏହି ଇ-ଡ଼େଟିଂ ଆପ୍ସ ଦ୍ୱାରା ଅନେକେ ଉପକୃତ ହେଉଥିଲେ ହେଁ ଏଥିରେ ବିପଦର ଆଶଙ୍କା ବି କିଛି କମ୍ ନୁହେଁ। କାରଣ ଏଥିଯୋଗୁ କେହି କେହି ଠକାମି, ପ୍ରତାରଣା ଏବଂ ଅନ୍ୟାନ୍ୟ ଅପରାଧର ଶିକାର ହେଉଥିବାର ବି ନଜିର ରହିଛି। ତେଣୁ ଅନ୍‌ଲାଇନ୍ ଡ଼େଟିଂ କରୁଥିଲେ କେତୋଟି ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ...

**ସର୍ବାଧିକ ବ୍ୟବହୃତ ଇ-ଡେଟିଂ ସାଇଟ:** ସର୍ବାଧିକ ବ୍ୟବହୃତ ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଟ୍ୱିଟର ଭଳି ସୋସିଆଲ୍ ସାଇଟ୍‌କୁ ଛାଡ଼ିଦେଲେ ବର୍ତ୍ତମାନ ଟିଣ୍ଡର୍, ବମ୍ବଲ୍, ହିଞ୍ଜ୍, ଓକେକ୍ୟୁପିଡ୍, କଫି ମିଟ୍ସ ବାଗ୍‌ଲ୍, ହାପ୍‌ନ, ଦି ଲିଗ୍, ହର୍, କ୍ଲଭର୍, ପ୍ଲେଣ୍ଟି ଅଫ୍ ଫିସ୍, ମ୍ୟାଚ୍ ଭଳି ବିଭିନ୍ନ ଅନ୍‌ଲାଇନ୍ ଡ଼େଟିଂ ଆପ୍‌ଗୁଡ଼ିକ ଅଧିକ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ତେବେ ବିଶ୍ୱସ୍ତରୀୟ ହୋଇଥିବା ଏକ ସର୍ଭେ ରିପୋର୍ଟ ମୁତାବକ ସମଗ୍ର ପୃଥିବୀରେ ଏଭଳି ଆପ୍ ବ୍ୟବହାର କରିବାରେ ଆମେରିକା ପ୍ରଥମ ସ୍ଥାନରେ ଥିବା ବେଳେ ଦ୍ୱିତୀୟରେ ଭାରତ ରହିଛି।



**ତଥ୍ୟର ଗୋପନିୟତା ଆବଶ୍ୟକ:** କୌଣସି ଡେଟିଂ ସାଇଟ୍‌ରେ ନିଜ ପ୍ରୋଫାଇଲ୍ କ୍ରିଏଟ୍ କରୁଥିଲେ ପ୍ରଥମେ ତାହା ରେଜିଷ୍ଟର୍ଡ ସାଇଟ୍ କି ନୁହେଁ ଜାଣନ୍ତୁ। ଏକାଧିକ ଏଭଳି ସାଇଟ୍‌ରେ ନିଜର ସମସ୍ତ ତଥ୍ୟ ଦେବାର ଭୁଲ୍ ଆଦୌ କରନ୍ତୁ ନାହିଁ। ସୁରକ୍ଷା ଦୃଷ୍ଟିରୁ ଯଥା ସମ୍ଭବ ପ୍ରାଇଭେସି ମେଣ୍ଟେନ୍ କରିବା ଆବଶ୍ୟକ। ଏଭଳି ସାଇଟ୍‌ରେ ଆସୁଥିବା ଫ୍ରେଣ୍ଡ ରିକ୍ୱେଷ୍ଟ ଗ୍ରହଣ କରିବା ସମୟରେ ତାହା ଫେକ୍ ନା ବାସ୍ତବ ଜାଣିବାକୁ ଚେଷ୍ଟା କରନ୍ତୁ। ତାହା ଲୋକାଲ କିମ୍ବା ଗ୍ଲୋବାଲ ମଧ ପ୍ରଥମେ ଜାଣନ୍ତୁ। କାରଣ କେହି କେହି ଅନ୍ୟର ଭାବନା ସହିତ ଖେଳିବାର ମଜା ନେବା ଲାଗି ଫେକ୍ ପ୍ରୋଫାଇଲ୍ ପ୍ରସ୍ତୁତ କରିଥାନ୍ତି ଏବଂ ଡେଟିଂ ବାହାନାରେ ଡ଼ାକି ବିଭିନ୍ନ ଅପରାଧ ଘଟାଇଥାନ୍ତି। ଯଦି ଆପଣଙ୍କ ଅନ୍‌ଲାଇନ୍ ବନ୍ଧୁ କମ୍ ଦିନ ମଧ୍ୟରେ ଅଧିକ ନିବିଡ଼ ହେବାକୁ ଚେଷ୍ଟା କରୁଛନ୍ତି, କିମ୍ବା ଆପଣଙ୍କ ଫଟୋର ଆବଶ୍ୟକରୁ ଅଧିକ ପ୍ରଶଂସା କରୁଛନ୍ତି, ଆପଣଙ୍କ ନିଜ ଜୀବନ ବିଷୟରେ ସମସ୍ତ ତଥ୍ୟ ଜାଣିବା ଲାଗି ଇଚ୍ଛା ପ୍ରକାଶ କରୁଛନ୍ତି ଏବଂ ନିଜ ସମ୍ପର୍କରେ ଠିକ୍ ତଥ୍ୟ ଦେବା କିମ୍ବା କହିବାରେ କୁଣ୍ଠାବୋଧ କରୁଛନ୍ତି ତେବେ ସତର୍କ ହୋଇଯାଆନ୍ତୁ। ସନ୍ଦେହ ହେବା ମାତ୍ରେ ଉକ୍ତ ପ୍ରୋଫାଇଲ୍‌କୁ ବ୍ଲକ୍ କରିଦିଅନ୍ତୁ। ନୂଆ ନୂଆ ବନ୍ଧୁ ହୋଇଥିବା କୌଣସି ଯୁବତୀ ଅବା ଯୁବକଙ୍କୁ ବିଶ୍ୱାସରେ ହଠାତ୍ ନିଜର ଠିକ ପରିଚୟ, ଠିକଣା, ଫଟୋ ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ସୂଚନା ଦେଇ ଦିଅନ୍ତୁ ନାହିଁ। ଯଦି କିଛି ଦିନ କଥା ହେବା, ପରସ୍ପରକୁ ଭଲ ଭାବେ ଜାଣିବା ଲାଗି ସମୟ ନ ଦେଇ କେହି ହଠାତ୍ ଡ଼େଟିଂ ପାଇଁ ପ୍ରସ୍ତାବ ଦିଅନ୍ତି ତେବେ ତତ୍‌କ୍ଷଣାତ୍ ରାଜି ହୋଇଯିବା ବୁଦ୍ଧିମତ୍ତାର କାମ ନୁହେଁ। ଯଦି କେହି ଖୁବ୍ କମ୍ ସମୟରେ ଭାବନାତ୍ମକ ଭାବେ ଆପଣଙ୍କ ସହ ନିବଡ଼ ହେବାକୁ ଚେଷ୍ଟା କରନ୍ତି, ବାରମ୍ବାର ଡେଟ୍ ପ୍ରସ୍ତାବ ଦିଅନ୍ତି ଏବଂ ଏପରି ବ୍ୟବହାରକୁ ନେଇ ଆପଣଙ୍କ ମନରେ କିଛି ବି ସନ୍ଦେହ ଆସେ ତେବେ ପ୍ରଥମେ ସମୟ ନେଇ ସତ କ'ଣ ଜାଣିବାକୁ ଚେଷ୍ଟା କରନ୍ତୁ। ମନା କରିବା ଦ୍ୱାରା ଅନ୍ୟକୁ ଦୁଖ ହେବ ଭାବି ଭାବପ୍ରବଣତା ବଶତଃ କୌଣସି ଭୁଲ ନିଷ୍ପତ୍ତି ନିଅନ୍ତୁ ନାହିଁ।

**ବ୍ୟକ୍ତିଗତ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ:** କିଛିଦିନ କଥା ହେବା ପରେ ଯଦି ଡେଟିଂରେ ଯିବାକୁ ନିଷ୍ପତ୍ତି ନିଅନ୍ତି ତେବେ ଏହି କରୋନା ସମୟ ଏଥିପାଇଁ ଉପଯୁକ୍ତ ନୁହେଁ। ତଥାପି ଯଦି ଦେଖା କରିବାକୁ ଚାହାନ୍ତି ତେବେ ସୁରକ୍ଷା ଦୃଷ୍ଟିରୁ ମାସ୍କ ପିନ୍ଧି ପରସ୍ପର ଦୂରରେ ରହି କଥା ହୁଅନ୍ତୁ। ହ୍ୟାଣ୍ଡସେକ୍ କରିବା, ଏକାଠି ଖାଇବା, ଗାଡ଼ିରେ ବୁଲିବା ଆଦି ଠାରୁ ଦୂରେଇ ରୁହନ୍ତୁ। ମନେରଖନ୍ତୁ ପ୍ରଥମ ଦେଖା ଲାଗି କୌଣସି ନିରୋଳା ସ୍ଥାନ ପରିବର୍ତ୍ତେ ସାର୍ବଜନୀନ ସ୍ଥାନ ବାଛନ୍ତୁ। ତେବେ ସୁରକ୍ଷା ଦୃଷ୍ଟିରୁ ସାଙ୍ଗରେ କେହି ପରିବାର ସଦସ୍ୟ କିମ୍ବା ସାଙ୍ଗଙ୍କୁ ନେଇ ଯିବା ମଧ ଭଲ।

## ଏ ସପ୍ତାହର ପ୍ରଶ୍ନ

୧- ସୋସିଆଲ୍ ମିଡିଆରେ ଭୁଲ୍ ତଥ୍ୟକୁ ରୋକିବା ଲାଗି......... ଦେଶ ପକ୍ଷରୁ 'ଅସୋଲ୍ ଚିନି' ନାମକ କ୍ୟାମ୍ପେନ୍ ଆରମ୍ଭ କରାଯାଇଛି ?
୨- ଏଲ୍‌ୟୁଏଚ୍‌ର ଫୁଲ୍‌ଫର୍ମ....... ?
୩- ଅନ୍ତର୍ଜାତୀୟ ସ୍ୱାକ୍ଷର ଦିବସ......... ତାରିଖରେ ପାଳନ କରାଯାଏ ?
୪- ସମଲିଙ୍ଗୀ ବିବାହକୁ ସ୍ୱୀକୃତି ପ୍ରଦାନ କରିଥିବା ପ୍ରଥମ ଏସୀୟ ଦେଶ........ ?
୫- ଜର୍ଜିଆର ପ୍ରଥମ ମହିଳା ରାଷ୍ଟ୍ରପତି........... ?

## ଗତ ଥରର ଉତ୍ତର

୧ ଜର୍ମାନୀ
୨ ଚିଦାମ୍ବରମ୍ ମନ୍ଦିର
୩ ଉସ୍ତାଦ ଜାକିର ହୁସେନ୍
୪ ଅବ୍‌ଦୁଲ ରହିମ ଖାନ୍-୧-ଖାନା
୫ ଖ୍ରୀଷ୍ଟିନା କୋଚ୍

## ଉତ୍ତରଦାତା


ପ୍ରଶାନ୍ତ କର, ପୁରୀ


ଶେଖ୍ ୟାକୁବ୍, ଗୋପ


ଜୟପ୍ରକାଶ ଦାସ, ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ୨୦୨୦ର ସବୁଠୁ ଦ୍ରୁତ ବାଇକ



୧- କାୱାସାକି ନିଞ୍ଜା ଏଚ୍୨ଆର୍............................ ୪୦୦ କିମି. ପ୍ରତି ଘଣ୍ଟା
୨- କାୱାସାକି ନିଞ୍ଜା ଜେଡ୍‌ଏକ୍ସ-୧୪..................... ୩୩୫ କିମି. ପ୍ରତି ଘଣ୍ଟା
୩- ସୁଜୁକି ହାୟାବୁସା........................................ ୩୧୨ କିମି. ପ୍ରତି ଘଣ୍ଟା
୪- ବିଏମ୍‌ଡବ୍ଲ୍ୟୁ ଏସ୍୧୦୦୦ଆର୍‌ଆର୍..................... ୩୦୩ କିମି. ପ୍ରତି ଘଣ୍ଟା
୫- ଏମ୍‌ଭି ଅଗଷ୍ଟା ଏଫ୍୪ ଆର୍‌ସି.......................... ୩୦୨ କିମି. ପ୍ରତି ଘଣ୍ଟା
୬- ସୁଜୁକି ଜିଏସ୍‌ଏକ୍ସ-ଆର୍.............................. ୩୦୦ କିମି. ପ୍ରତି ଘଣ୍ଟା
୭- ହୋଣ୍ଡା ସିବିଆର୍୧୦୦୦ଆର୍‌ଆର୍ ଫାୟାର୍‌ବ୍ଲେଡ୍.... ୨୯୮ କିମି. ପ୍ରତି ଘଣ୍ଟା
୮- ୟାମାହା ୱାଇଜେଡ୍‌ଏଫ୍-ଆର୍୧...................... ୨୯୮ କିମି. ପ୍ରତି ଘଣ୍ଟା
୯- ଡୁକାଟି ପାନିଗାଲେ ଭି୪.................................. ୨୮୯ କିମି. ପ୍ରତି ଘଣ୍ଟା
୧୦- ଆପ୍ରିଲିଆ ଆର୍‌ଏସ୍‌ଭି୪ ଆର୍‌ଆର୍................. ୨୮୬ କିମି. ପ୍ରତି ଘଣ୍ଟା

ଯୁ|ଥ|ଆ|ଲ|ର୍ଟ

# ଅଫିସ୍ ଯାଉଥିଲେ

**ବର୍ତ୍ତମାନ ସମୟରେ ଅନେକ ଅଫିସ୍‌ରେ କରୋନା ରୋଗୀସଂଖ୍ୟା ବଢ଼ୁଥିବାର ଦେଖିବାକୁ ମିଳୁଛି। ତେଣୁ ଏଭଳି ପରିସ୍ଥିତିରେ ଅଫିସ ଯାଉଥିବା କର୍ମଚାରୀମାନେ କେଉଁସବୁ ଦିଗ ପ୍ରତି ବିଶେଷ ସଜାଗ ରହିଲେ ନିଜ ସହିତ ସହକର୍ମୀ ଏବଂ ପରିବାର ସଦସ୍ୟଙ୍କୁ ସୁରକ୍ଷିତ ରଖିପାରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...**





- ସର୍ବପ୍ରଥମ କଥା ହେଉଛି, ଅଫିସ କାମ କଲା ବେଳେ ଆଦୌ ମାସ୍କ ଖୋଲନ୍ତୁ ନାହିଁ। କାରଣ ଅନେକେ କାମ ମୟରେ ମାସ୍କକୁ ବେକରେ ଝୁଲାଇଥିବା କିମ୍ବା ବ୍ୟାଗ୍‌ରେ ରଖିଥିବା ଦେଖିବାକୁ ମିଳୁଛି, ହେଲେ ପାଖରେ କେହି ବସିଥାନ୍ତୁ ଅବା ନାହିଁ, ଭୁତାଣୁ ବାୟୁ ବାହିତ ହୋଇଥିବାରୁ ସଂକ୍ରମଣର ଆଶଙ୍କା ରହିଛି।
- ଅଫିସ ସାନିଟାଇଜ୍ ହେଉଥିଲେ ସୁଦ୍ଧା ଏଣ୍ଟ୍ରି କରିବା ପରେ ହ୍ୟାଣ୍ଡ ୱାଶ୍ କରିବା ସହ ନିଜେ ବ୍ୟବହାର କରୁଥିବା କମ୍ପ୍ୟୁଟର, ଟେବୁଲ୍ ଏବଂ ଚେୟାର୍‌କୁ ସାନିଟାଇଜର୍ ସ୍ପ୍ରେ କରିବା ପରେ କାମ କରନ୍ତୁ।
- ଅଧିକାଂଶ ଅଫିସ୍‌ରେ କର୍ମଚାରୀଙ୍କ ବିଭିନ୍ନ ସାମଗ୍ରୀ ରଖିବା ଲାଗି ସ୍ୱତନ୍ତ୍ର ର୍ୟାକ୍ ବ୍ୟବସ୍ଥା ଥାଏ। ହେଲେ ବର୍ତ୍ତମାନ ସମୟରେ ସମସ୍ତେ ଏକାଠି ଜିନିଷ ରଖିବା ବିପଦପୂର୍ଣ୍ଣ। ତେଣୁ ନିଜ ବ୍ୟାଗ୍, ଲାପ୍‌ଟପ୍, ଫାଇଲ୍, ଟିଫିନ୍, ପାଣିବୋତଲ ଭଳି ସାମଗ୍ରୀ ନିଜ ଡ଼େସ୍କ ବା ଚ୍ୟାମ୍ବରରେ ହିଁ ରଖନ୍ତୁ।
- ଅନେକ କର୍ମଚାରୀ ଲଞ୍ଚ ଆୱାର୍‌ରେ ଏକାଠି ଗପ୍‌ସପ୍ କରି ଖାଇଥାନ୍ତି ଏବଂ ପରସ୍ପର ସହ ଟିଫିନ୍ ସେୟାର କରିଥାନ୍ତି। ହେଲେ ବର୍ତ୍ତମାନ ଏଭଳି ଆଦୌ କରିବା ଠିକ୍ ନୁହେଁ। କାରଣ ଏକାଠି ଖାଇବା, ପରସ୍ପରକୁ ଖାଦ୍ୟ ଦେବା ଖାଇବା ସମୟରେ ମାସ୍କ ଖୋଲି ପାଖାପାଖି ବସି ଗପିବା ସଂକ୍ରମଣର ବଡ଼ କାରଣ। ତେଣୁ ଅଫିସ୍‌ରେ ଏକା ଖାଆନ୍ତୁ।
- ଅଫିସ୍‌ରେ ଗୋଟିଏ ଫ୍ଲୋର୍‌ରେ ଅଧିକ କର୍ମଚାରୀ କାମ କରୁଥିଲେ ଏସି ଦ୍ୱାରା ସଂକ୍ରମଣ ବଢ଼ିବାର ଆଶଙ୍କା ବେଶୀ। ତେଣୁ ଏସି ବଦଳରେ ଫ୍ୟାନ୍ ବ୍ୟବହାର କରନ୍ତୁ ଏବଂ ଭେଣ୍ଟିଲେଶନ୍ ପାଇଁ ଝରକା ଖୋଲି ରଖନ୍ତୁ।
- ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅଫିସ୍‌ରେ କମନ୍ ଟଏଲେଟ୍ ବ୍ୟବହାର ସମୟରେ ବିଶେଷ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ। କାରଣ ଅନ୍ୟ ସମସ୍ତ କଥାକୁ ଧ୍ୟାନ ଦେଇ ଏହାକୁ ଅବହେଳା କରିବସିଲେ ରୋଗ ସଂକ୍ରମଣର ଆଶଙ୍କା ଦ୍ୱିଗୁଣିତ ହୋଇଯାଏ।

# ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟ

ଯୁବ ପ୍ରତିଭା

କଳାହାଣ୍ଡି ଜିଲା ଗୁରୁବାହାଲ ଅର୍ନ୍ତଗତ ପାଖୁନାଗୁଡା ଗାଁର ମାଆ ମଇନା ଏବଂ ବାପା ମଧୁସୁଦନ ପାନଙ୍କ ପୁଅ ନୀଳାଞ୍ଚଳ। ଛୋଟ ବେଳୁ ଗୀତ ଗାଇବା ପ୍ରତି ତାଙ୍କର ରହିଛି ଆଗ୍ରହ। ଯେଉଁଥିପାଇଁ ସ୍କୁଲ୍, କଲେଜ ଠାରୁ ଆରମ୍ଭ କରି ବ୍ଲକ୍, ଜିଲା ଏବଂ ରାଜ୍ୟ ସ୍ତରୀୟ ସଂଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହେବା ସହ ସାଉଁଟିଛନ୍ତି ଅନେକ ପ୍ରଶଂସା। ଦୀର୍ଘ ୧୫ ବର୍ଷ ଧରି ସେ ମଞ୍ଚ ଉପରେ ଗାଇ ଆସୁଛନ୍ତି। ଅଲ୍‌ଇଣ୍ଡିଆ ରେଡିଓ ଭବାନିପାଟଣାରେ ୪ ବର୍ଷ ଉପସ୍ଥାପକ ଭାବେ କାର୍ଯ୍ୟକରିବା ସହ ବାଣୀ ସାର୍ଟିଫିକେଟ୍ ମଧ ହାସଲ କରିଛନ୍ତି। ତାଙ୍କୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଲୋକଗୀତରେ ସ୍କଲାରଶିପ୍ ମଧ ମିଳିଛି। ବର୍ତ୍ତମାନ ସୁଦ୍ଧା ସେ ଓଡ଼ିଶାର ବିଭିନ୍ନ ସହର ଠାରୁ ଆରମ୍ଭ କରି ରାଜ୍ୟ ବାହାରେ ମୁମ୍ବାଇ, ହାଇଦ୍ରାବାଦ, ଗୋଆ, ଦିଲୀ, ଗୁଜୁରାଟ, ନାସିକ ଆଦି ସ୍ଥାନରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଓଡିଶା ସଂଗୀତ ନାଟକ ଏକାଡେମୀ ଏବଂ ସଂଗୀତ ଏକାଡେମୀ, ଦିଲୀ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ସଂଗୀତ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସଫଳ ହୋଇପାରିଛନ୍ତି। ସେ କୁହନ୍ତି, 'ବଡ ଭାଇ କଳାନିଧି ଗୀତ ଲେଖିବା ସହିତ ଗାଆନ୍ତି ମଧ, ଏହା ଦେଖି ପ୍ରଥମେ ଏଥିପ୍ରତି ଆଗ୍ରହ ବଢିଥିଲା। ହେଲେ ତୃତୀୟ ଶ୍ରେଣୀରେ ପଢିବା ବେଳେ ବିଦ୍ୟାଳୟରେ ଆୟୋଜିତ ସଂଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ସାଙ୍ଗସାଥୀଙ୍କ ପ୍ରଶଂସା ଏବଂ ଶିକ୍ଷକମାନଙ୍କ ପ୍ରେରଣା ମୋ ମନରେ ଏଦିଗରେ ଆଗକୁ ବଢିବାର ଉତ୍ସାହ ସୃଷ୍ଟି କରିଥିଲା। ସେବେଠୁ ଆଉ ପଛକୁ ଫେରି ଚାହିଁନି। ତେବେ ବର୍ତ୍ତମାନ ସୁଦ୍ଧା ଗାଇ ଆସିଥିବା ସମସ୍ତ ଗୀତ ମଧ୍ୟରୁ କେସିଙ୍ଗା ବଗାଡ ଗୀତଟିର ଲୋକପ୍ରିୟତା ମୋତେ ବେଶ୍ ଖୁସି ଦେଇଛି।' ସେ ପିଲାବେଳୁ ସ୍ଥାନୀୟ ଅଞ୍ଚଳରେ ନିଜ ଜିଲାରେ ଥିବା ଅନେକ ଅନୁଷ୍ଠାନ ସହ ଯୋଡ଼ି ହୋଇ ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗୀତ ପରିବେଷଣ କରି ପୁରସ୍କୃତ ଏବଂ ପ୍ରଶଂସିତ ହୋଇଛନ୍ତି। ରକତ୍ ଏବଂ ଉଆଁସ ରାତିର ଜହ୍ନ ନାମକ ଦୁଇଟି କ୍ଷୁଦ୍ର ଚଳଚ୍ଚିତ୍ରରେ ସେ କଣ୍ଠଦାନ କରିବା ସହ ସଂଗୀତ ପରିଚାଳନା ମଧ କରିଛନ୍ତି। ସେ ସୁରମହକ ନାମକ ଏକ ମ୍ୟୁଜିକାଲ୍ ଗ୍ରୁପ୍ ଗଠନ କରି ବିଭିନ୍ନ ସ୍ଥାନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସମାରୋହ ଏବଂ ସମ୍ବଲପୁରୀ ଅର୍କେଷ୍ଟ୍ରା ପରିବେଷଣ କରୁଛନ୍ତି। ବିଭିନ୍ନ ଘରୋଇ ଓଡିଆ ଚ୍ୟାନେଲ୍‌ରେ ପ୍ରସାରିତ ସଂଗୀତ କାର୍ଯ୍ୟକ୍ରମରେ ବି ସେ ଅଂଶଗ୍ରହଣ କରି ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଏହା ବ୍ୟତୀତ ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ମଧ ରହିଛି। ବିଏ, ବିଏଡ୍ ପଢା ସାରି ସେ ବର୍ତ୍ତମାନ ଏକ ସରକାରୀ ହାଇସ୍କୁଲରେ କଳା ଶିକ୍ଷକ ଭାବେ କାର୍ଯ୍ୟରତ। ଗୀତ ଗାଇବା ବ୍ୟତୀତ ହାର୍‌ମୋନିୟମ ବଜାଇବା ଏବଂ ଫୁଟବଲ୍ ଖେଳିବାରେ ବିଶେଷ ଦକ୍ଷତା ରଖିଥିବା ନିଳାଞ୍ଚଳ ନିଜ ସଫଳତାର ଶ୍ରେୟ ଅଭିଭାବକ ଏବଂ ଗୁରୁଙ୍କ ଦେଇଛନ୍ତି। ଭବିଷ୍ୟତରେ ସେ କଳାହାଣ୍ଡିର କଳା ଓ ସଂସ୍କୃତିକୁ ବିଶ୍ୱଦରବାରରେ ପହଞ୍ଚାଇବା ଲାଗି ପ୍ରୟାସ ଜାରି ରଖିଥିବା ପ୍ରକାଶ କରନ୍ତି।


ନୀଳାଞ୍ଚଳ ପାନ।

– ସଞ୍ଜୀବ ଜୋଷୀ

# ପାୱାର ହିଟରଙ୍କ ଲଢ଼େଇ

ଦୁବାଇ,୧୯।୯ (ପି.ଟି.)

ରବିବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦ୍ୱିତୀୟ ମୁକାବିଲାରେ କିଙ୍ଗ୍ସ ଏକାଦଶ ପଞ୍ଜାବ ଓ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିବେ। ସ୍ଥାନୀୟ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ପାୱାର ହିଟରଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିବ। ଆଇପିଏଲ୍‌ରେ ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଥିବାରୁ ଉଭୟ ଦଳ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିବାକୁ ପ୍ରୟାସ କରିବେ। ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ରିକି ପଣ୍ଟିଂ ଦିଲ୍ଲୀର ଓ କିମ୍ବଦନ୍ତୀ ଭାରତୀୟ ସ୍ପିନର ଅନିଲ କୁମ୍ବଲେ ପଞ୍ଜାବର କୋଚ୍ ରହିଛନ୍ତି। ଫଳରେ ଉଭୟ ଦଳରେ ଥିବା ଯୁବ ଖେଳାଳିମାନେ ସେମାନଙ୍କ ମେଣ୍ଟରଙ୍କଠାରୁ

**ଦିଲ୍ଲୀ- ପଞ୍ଜାବ ମୁକାବିଲା ଆଜି**

ପ୍ରେରଣା ପାଇ ଭଲ ପ୍ରଦର୍ଶନ କରିବାକୁ ଉତ୍ସାହିତ ହେବେ। ସ୍ପିନ୍ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଦିଲ୍ଲୀ କ୍ୟାପିଟାଲ୍ସ ଟିକିଏ ଆଗରେ ରହିବ। ଦଳରେ ଅଭିଜ୍ଞ ରବିଚନ୍ଦ୍ରନ ଅଶ୍ୱିନ, ଅମିତ୍ ମିଶ୍ରା ଓ ଅକ୍ଷର ପଟେଲଙ୍କ ଭଳି ସ୍ପିନର ରହିଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ପିଚ୍‌ରେ ସ୍ପିନ୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି କରାଯାଉଛି।

ପୂର୍ବାନୁମାନ ଦୁଇ ଦଳର ଅଧିନାୟକ ଲୋକେଶ ରାହୁଲ ଓ ଶ୍ରେୟାସ ଆୟାରଙ୍କୁ ଭାରତୀୟ କ୍ରିକେଟର ଭବିଷ୍ୟତ ବିବେଚନା କରାଯାଉଥିବା ବେଳେ ଦୁହିଁଙ୍କ ମଧ୍ୟରେ ଭଲ ପ୍ରତିଯୋଗିତା ଦେଖିବାକୁ ମିଳିବ। ଉଭୟ ଭାରତର ସମ୍ଭାବ୍ୟ ଅଧିନାୟକ ଭାବେ ବିବେଚିତ ହେଉଛନ୍ତି। ବ୍ୟାଟିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଦିଲ୍ଲୀର ପଲା ଭାରି ରହିବ। ଦଳରେ ପୃଥ୍ୱୀ ଶ, ଆୟାର, ରିଷଭ ପନ୍ତ, ଶିଖର ଧାୱନଙ୍କ ସମେତ ୱେଷ୍ଟଇଣ୍ଡିଜର ସିମରନ ହେଟ୍‌ମେୟରଙ୍କ ଭଳି ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନ ସାମିଲ ରହିଛନ୍ତି। ଏଭଳି ସ୍ଥିତିରେ ଭାରତୀୟ ଟେଷ୍ଟ ଉପ-ଅଧିନାୟକ ଆଜିଙ୍କ୍ୟ ରାହାନେ ବାଦ୍ ପଡିବା ସମ୍ଭାବନା ରହିଛି। ରାହାନେଙ୍କ ଷ୍ଟ୍ରାଇକ୍ ରେଟ୍ ୧୨୦ରୁ କମ୍ ରହିଛି। ଅନ୍ୟପଟେ ପଞ୍ଜାବ ଦଳରେ ବିଶ୍ୱ ଶ୍ରେଷ୍ଠ ପାୱାର ହିଟର ରହିଛନ୍ତି। କ୍ରିସ୍ ଗେଲ, ଗ୍ଲେନ ମ୍ୟାକ୍ସୱେଲ ଓ ନିଜେ ରାହୁଲ ଦିଲ୍ଲୀକୁ ସମସ୍ୟାରେ ପକାଇବାର କ୍ଷମତା ରଖୁଛନ୍ତି। ମାଞ୍ଚେଷ୍ଟରରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଅନ୍ତିମ ଦିନିକିଆରେ ମ୍ୟାକ୍ସୱେଲ ୧୦୮ ରନର ଧୂଆଁଧାର ଶତକୀୟ ପାଳି ଖେଳି ଅଷ୍ଟ୍ରେଲିଆକୁ ଜିତାଇବା ସହ ସିରିଜ ବିଜୟୀ କରାଇଥିଲେ। ୟୁଏଇରେ ଗତଥର ଖେଳାଯାଇଥିବା ଆଇପିଏଲ୍‌ରେ ମ୍ୟାକ୍ସୱେଲ ୨୦୧୪ରେ ଦମ୍‌ଦାର ପ୍ରଦର୍ଶନ କରି ୧୬ଟି ମ୍ୟାଚ୍‌ରୁ ୫୫୨ ରନ ସଂଗ୍ରହ କରିଥିଲେ। ପଞ୍ଜାବରେ ଗେଲ ଓ ରାହୁଲଙ୍କ ଭଳି ଓପନର ରହିଛନ୍ତି। ତେବେ ଗେଲଙ୍କୁ ଓପନିଂ କରିବାର ସୁଯୋଗ ଦିଆଯିବ କି ନା ତାହା ଦେଖିବାକୁ ବାକି ରହିଲା। ବିଗ୍ ବାସ୍ ଲିଗ୍‌ରେ ସର୍ବାଧିକ ଉଇକେଟ ନେଇଥିବାର ଡାନିଏଲ ସାମ୍ସ ଓ କାଗିସୋ ରାବାଡ଼ାଙ୍କୁ ଦିଲ୍ଲୀ ଖେଳାଇବାର ସମ୍ଭାବନା ରହିଛି। ଫଳରେ ଅଭିଜ୍ଞ ଇଶାନ୍ତ ଶର୍ମାଙ୍କ ନ ଖେଳିବା ସମ୍ଭାବନା ରହିଛି। ଗତ କେତୋଟି ସଂସ୍କରଣରେ ଇଶାନ୍ତ ସେଭଳି ଆଖିଦୃଶିଆ ପ୍ରଦର୍ଶନ କରିପାରି ନାହାନ୍ତି। ପଞ୍ଜାବ ପାଇଁ ମହମ୍ମଦ ସାମି ବୋଲିଂର ନେତୃତ୍ୱ ନେବେ। ତେବେ ସ୍ଲୋ ବୋଲିଂରେ ପଞ୍ଜାବ ଟିକିଏ ପଛରେ ରହିବ। ଅଶ୍ୱିନ ଯିବା ପରେ ମୁଜିବ ଜଦ୍ରାନଙ୍କ ଉପରେ ଦଳ ସ୍ପିନ୍ ବୋଲିଂ ପାଇଁ ନିର୍ଭର କରିବ। ଅଶ୍ୱିନ କିନ୍ତୁ ଏଥର ଦିଲ୍ଲୀ ପାଇଁ ପଡିଆକୁ ଓହ୍ଲାଇବେ। ଅମିତ୍ ମିଶ୍ରା ଆଇପିଏଲର ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ଭାବେ ଦିଲ୍ଲୀ ପାଇଁ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଗତ ୫ଟି ମ୍ୟାଚରୁ ପଞ୍ଜାବ ୪ଟିରେ ବିଜୟୀ ହୋଇଛି। ତେବେ ଗତ ମ୍ୟାଚ୍‌ରେ ଦିଲ୍ଲୀ ପଞ୍ଜାବକୁ ହରାଇଛି।


ଶ୍ରେୟାସ ଆୟାର


ଲୋକେଶ ରାହୁଲ

■ ଦିଲ୍ଲୀ କ୍ୟାପିଟାଲ୍ସ ଦଳ: ଶ୍ରେୟାସ ଆୟାର, ରବିଚନ୍ଦ୍ରନ ଅଶ୍ୱିନ, ଶିଖର ଧାୱନ, ପୃଥ୍ୱୀ ଶ, ସିମରନ ହେଟମେୟର, କାଗିସୋ ରାବାଡ଼ା, ଆଜିଙ୍କ୍ୟ ରାହାନେ, ଅମିତ୍ ମିଶ୍ରା, ରିଷଭ ପନ୍ତ (ଉଇକେଟକିପର), ଇଶାନ୍ତ ଶର୍ମା, ଅକ୍ଷର ପଟେଲ, ସନ୍ଦୀପ ଲାମିଚେନ, କିମୋ ପଲ, ଡାନିଏଲ ସାମ୍ସ, ମୋହିତ ଶର୍ମା, ଅନରିଚ ନୋର୍ଜ, ଆଲେକ କାରେ, ଆଭେଶ ଖାନ, ତୁଷାର ଦେଶପାଣ୍ଡେ, ହର୍ଶାଲ ପଟେଲ, ମାର୍କସ ଷ୍ଟୋଇନିସ୍ ଓ ଲଲିତ ଯାଦବ।

■ କିଙ୍ଗ୍ସ ଏକାଦଶ ପଞ୍ଜାବ: ଲୋକେଶ ରାହୁଲ (ଅଧିନାୟକ), ମୟଙ୍କ ଅଗ୍ରୱାଲ, ଶେଲଡନ କଟ୍ରେଲ, କ୍ରିସ୍ ଗେଲ, ଗ୍ଲେନ ମ୍ୟାକ୍ସୱେଲ, ମହମ୍ମଦ ସାମି, ମୁଜିବ ଉର ରହମାନ, କରୁନ ନାୟାର, ଜେମ୍ସ ନିଶାମ, ନିକୋଲାସ ପୁରାନ, ଈଶାନ ପୋରେଲ, ଅର୍ଶଦୀପ ସିଂ, ମୁରୁଗାନ ଅଶ୍ୱିନ, କ୍ରିଷ୍ଣାପ୍ପା ଗୋଥାମ, ହରପ୍ରୀତ ବ୍ରାର,ଦୀପକ ହୁଦା, କ୍ରିସ୍ ଜୋର୍ଡାନ, ସର୍ଫରାଜ ଖାନ, ମନଦୀପ ସିଂ, ଦର୍ଶନ ନାଲକାଣ୍ଡେ, ରବି ବିଷ୍ଣୋଇ, ସିମରନ ସିଂ, ଜଗଦୀଶା ସୁଚିଥ, ତେଜିନ୍ଦର ସିଂ ଓ ହାର୍ଡୁସ୍ ଭିଲଜୋଏନ।

**ଆଇପିଏଲ୍**
(ରବିବାର ମ୍ୟାଚ)
ଦିଲ୍ଲୀ କ୍ୟାପିଟାଲ୍ସ ବନାମ କିଙ୍ଗ୍ସ ଇଲେଭେନ
**ସ୍ଥାନ:** ଦୁବାଇ, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

## ପ୍ରଥମ ପୃଷ୍ଠାରୁ...

## ମୁମ୍ବାଇକୁ ମାତ୍ ଦେଲା...

ଓ ୩ ଛକା ସହାୟତାରେ ୭୧ ରନ କରି ଆଉଟ ହୋଇଥିଲେ। ରାୟୁଡୁ ଓ ଡୁପ୍ଲେସିଙ୍କ ୩ୟ ଉଇକେଟ ଯୋଡ଼ିରେ ୧୧୫ ରନ ସଂଗୃହୀତ ହୋଇଥିଲା। ରବୀନ୍ଦ୍ର ଜାଡେଜା ୫ ବଲ୍‌ରୁ ୧୦ ରନ କରି ଆଉଟ ହୋଇଥିଲେ ହେଁ ସାମ୍ କୁରାନ ୬ ବଲ୍‌ରୁ ୧୮ (୧ ଚୌକା, ୨ ଛକା) ରନ କରି ମ୍ୟାଚକୁ ଚେନ୍ନାଇ ନିୟନ୍ତ୍ରଣକୁ ନେଇ ଆସିଥିଲେ। ଡୁପ୍ଲେସି ୫୮ (୪୪ ବଲ, ୬ ଚୌକା) ଓ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ କୌଣସି ରନ ନ କରି ଅପରାଜିତ ରହିଥିଲେ। ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ ପାଇଁ ସାମ୍ କୁରାନ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ମୁମ୍ବାଇ। ଚେନ୍ନାଇ ପକ୍ଷରୁ ପ୍ରଥମ ଓଭର ବୋଲିଂ କରିଥିଲେ ଦୀପକ ଚହର ଏବଂ ମୁମ୍ବାଇ ପକ୍ଷରୁ ଷ୍ଟ୍ରାଇକ୍ ନେଇଥିଲେ ଅଧିନାୟକ ରୋହିତ ଶର୍ମା। ଟୁର୍ନାମେଣ୍ଟ ଇତିହାସରେ ଏକମାତ୍ର ବୋଲରଭାବେ ଚହର କ୍ରମାଗତ ୩ ସିଜନରେ ପ୍ରଥମ ଓଭର ବୋଲିଂ ପାଇଥିଲେ। ତେବେ ଏଠାରେ ତାଙ୍କ ପ୍ରଥମ ବଲ୍‌କୁ ଚୌକାରେ ପରିଣତ କରି ଆଇପିଏଲ୍-୧୩ର ଶୁଭାରମ୍ଭ କରିଥିଲେ ରୋହିତ। ରୋହିତଙ୍କ ତୁଳନାରେ ଅନ୍ୟତମ ଓପନର ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ ଡି'କକ୍ ବିସ୍ଫୋରକ ବ୍ୟାଟିଂ କରିଥିଲେ। ୪ର୍ଥ ଓଭରରେ ଲୁନ୍‌ଗି ଏନ୍‌ଗିଡି ୧୮ ରନ ବ୍ୟୟ କରିବାରୁ ମୁମ୍ବାଇ ସ୍କୋର ୪୫ରେ ପହଞ୍ଚି ଯାଇଥିଲା। ରଣନୀତିରେ ପରିବର୍ତ୍ତନ କରି ମହେନ୍ଦ୍ର ସିଂ ଧୋନୀ ଅଭିଜ୍ଞ ସ୍ପିନର ପୀୟୂଷ ଚାୱଲାଙ୍କୁ ବୋଲିଂ ଦାୟିତ୍ୱ ଦେଇଥିଲେ। ଏହା କାମ ଦେଇଥିଲା। ଚାୱଲା ନିଜ ପ୍ରଥମ ଓଭରର ୪ର୍ଥ ବଲ୍‌ରେ ରୋହିତଙ୍କୁ ଆଉଟ କରି ଚେନ୍ନାଇକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଏହା ପରବର୍ତ୍ତୀ ଓଭରର ପ୍ରଥମ ବଲ୍‌ରେ ଡି'କକ୍‌ଙ୍କୁ ସାମ୍ କୁରାନ ପ୍ୟାଭିଲିୟନ ପଠାଇବାରୁ ମୁମ୍ବାଇ ରନ ହାରରେ କିଛିଟା ଅଙ୍କୁଶ ଲାଗିଥିଲା। ୧୦ ବଲ୍‌ରୁ ରୋହିତ ୧୨ (୨ ଚୌକା) ଓ ୨୦ ବଲ୍‌ରୁ ଡି'କକ୍ ଦ୍ରୁତ ୩୩ (୫ ଚୌକା) ରନ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୨୮ ବଲ୍‌ରୁ ୪୬ ରନ ସଂଗ୍ରହ କରିଥିଲେ। ସୂର୍ଯ୍ୟ କୁମାର ଯାଦବ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିଲେ। ସେ ୧୬ ବଲ୍‌ରୁ ୧୭ (୨ ଚୌକା)ରନ କରିଥିବାବେଳେ ଚହରଙ୍କ ଶିକାର ହୋଇଥିଲେ। ଲଙ୍ଗଅନ୍‌ରେ ଫିଲ୍ଡିଂ ଅବସରରେ ଫାଫ୍ ଡୁପ୍ଲେସି ୨ଟି ଅତି ଚମତ୍କାର କ୍ୟାଚ୍ ନେଇ ବିସ୍ଫୋରକ ବ୍ୟାଟ୍ସମ୍ୟାନ ସୌରଭ ତିୱାରୀ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିସ୍ମିତ କରିଥିଲେ। ୧୫ତମ ଓଭରରେ ବୋଲିଂ କରିଥିବା ରବୀନ୍ଦ୍ର ଜାଡେଜାଙ୍କ ପ୍ରଥମ ବଲ୍‌ରେ ତିୱାରୀ ଏକ ବଡ଼ ଶଟ୍ ଖେଳିବାକୁ ଯାଇ ଡୁପ୍ଲେସିଙ୍କ ବୁଦ୍ଧିମତ୍ତା ଆଗରେ ହାର ମାନିଥିଲେ। ବାଉଣ୍ଡାରୀ ନିକଟରେ ଫିଲ୍ଡିଂ କରୁଥିବା ଡୁପ୍ଲେସି ବଲ୍‌କୁ ଧରିବାପରେ ନିୟନ୍ତ୍ରଣ ରଖିପାରି ନ ଥିଲେ। ଫଳରେ ସେ କ୍ୟାଚ ଧରିବାପରେ ବଲ୍‌କୁ ଉପରକୁ ଫୋପାଡ଼ି ଦେଇ ବାଉଣ୍ଡାରୀ ବାହାରକୁ ଚାଲି ଯାଇଥିଲେ। ତତ୍‌କ୍ଷଣାତ ଭିତରକୁ ଆସି କ୍ୟାଚକୁ ଧରି ନେଇଥିଲେ। ସେହି ଓଭରର ୫ମ ବଲ୍‌ରେ ହାର୍ଦ୍ଦିକ ମଧ୍ୟ ସମାନ ସ୍ଥାନରେ ଡୁପ୍ଲେସିଙ୍କ ହାତରେ ଧରା ପଡ଼ିଥିଲେ। ୩୧ ବଲ୍ ଖେଳିଥିବା ତିୱାରୀ ୩ ଚୌକା ଓ ୧ ଛକା ସହାୟତାରେ ୪୨ ଏବଂ ହାର୍ଦ୍ଦିକ ୧୦ ବଲ୍‌ରୁ ୨ ଛକା ସହ ୧୪ ରନ ସ୍କୋର କରିଥିଲେ। କ୍ରୁନାଲ ପାଣ୍ଡ୍ୟାଙ୍କୁ ମାତ୍ର ୩ ରନରେ ଆଉଟ କରି ପ୍ରଥମ ସଫଳତା ପାଇଥିଲେ ଏନ୍‌ଗିଡି। ଡେଥ୍ ଓଭରଗୁଡ଼ିକରେ ଚେନ୍ନାଇ ବୋଲରମାନେ ଚମତ୍କାର ବୋଲିଂ କରିବାରୁ ମୁମ୍ବାଇ ଇନିଂସ ୨୦ ଓଭରରେ ୧୬୨/୯ରେ ସୀମିତ ରହିଥିଲା। ଏକଦା ୨୦୦ ସ୍କୋର ଅତିକ୍ରମ ଆଶା ସୃଷ୍ଟି କରିଥିଲେ ହେଁ ଶେଷ ୬ ଓଭରରେ ୪୧ ରନ କରି ୬ ଉଇକେଟ ହରାଇଥିଲା ଏହି ଡିଫେଣ୍ଡିଂ ଚାମ୍ପିୟନ। ଚେନ୍ନାଇ ବୋଲରଙ୍କ ମଧ୍ୟରେ ଏନ୍‌ଗିଡି ସର୍ବାଧିକ ୩ଟି, ଚହର ଓ ଜାଡେଜା ୨ଟି ଲେଖାଏ ଏବଂ ସାମ୍ କୁରାନ ଓ ଚାୱଲା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୬୨/୯(ତିୱାରୀ-୪୨, ଡି'କକ୍-୩୩, ଏନଗିଡି-୩/୩୮, ଚହର-୨/୩୨, ଜାଡେଜା-୨/୪୨, ସାମ୍ କୁରାନ-୧/୨୮, ଚାୱଲା-୧/୨୧)। ଚେନ୍ନାଇ ସୁପରକିଙ୍ଗ୍ସ ୧୯.୨ ଓଭରରେ ୧୬୬/୫ (ରାୟୁଡୁ-୭୧, ଡୁପ୍ଲେସି- ୫୮*, ଦୀପକ ଚହର- ୧/୩୬, ପାଟିନସନ- ୧/୨୭, କ୍ରୁନାଲ-୧/୩୭, ବୁମ୍‌ରା- ୧/୪୩)।

## ହାଲେପ୍ ସେମିଫାଇନାଲରେ

**ରୋମ୍, ୧୯।୯ (ଏପି):** ପିଠିର ନିମ୍ନ ଭାଗରେ ଯନ୍ତ୍ରଣା ଯୋଗୁ କାଜାଖସ୍ତାନର ୟୁଲିଆ ପୁଟିଣ୍ଟସେଭା ମ୍ୟାଚ୍ ଅଧାରୁ ଓହରିଯିବା ଫଳରେ ଟପ୍ ସିଡ୍ ସିମୋନା ହାଲେପ୍ ପ୍ରଥମ ଖେଳାଳି ଭାବେ ଏଠାରେ ଚାଲିଥିବା ଇଟାଲିଆନ ଓପନ୍ ଟେନିସ୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁଟିଣ୍ଟସେଭା ଓହରିଯିବା ପୂର୍ବରୁ ହାଲେପ୍ ୬-୨,୨-୦ରେ ଆଗୁଆ ରହିଥିଲେ। ସୂଚନାଯୋଗ୍ୟ, ହାଲେପ୍ ଟୁର୍ନାମେଣ୍ଟର ୨୦୧୭ ଓ ୨୦୧୮ ସଂସ୍କରଣ ଫାଇନାଲରେ ଏଲିନା ସ୍ୱିତୋଲିନାଙ୍କଠାରୁ ହାରି ଯାଇଥିଲେ। ଫାଇନାଲରେ ପ୍ରବେଶ କରିବାକୁ ହେଲେ ତାଙ୍କୁ ଦୁଇଥର ଗ୍ରାଣ୍ଡସ୍ଲାମ ବିଜୟିନୀ ଗାର୍ବିନ ମୁଗୁରେଜା କିମ୍ବା ୟୁଏସ୍ ଓପନ୍ ରନର୍ସ ଅପ୍ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ପରାସ୍ତ କରିବାକୁ ପଡ଼ିବ। ଏହି ଟୁର୍ନାମେଣ୍ଟ ପ୍ରକୃତରେ ମେ ମାସରେ ଖେଳାଯିବାର ଥିଲା। କୋଭିଡ୍-୧୯ ମହାମାରୀ ଯୋଗୁ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା।

## ବିସିସିଆଇ-ଏମିରେଟ୍ସ କ୍ରିକେଟ ଏମ୍‌ଓୟୁ

**ଦୁବାଇ, ୧୯।୯ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଏମିରେଟ୍ସ କ୍ରିକେଟ ବୋର୍ଡ ମଧ୍ୟରେ ଶନିବାର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ଏବଂ ହୋଷ୍ଟିଂ ଏଗ୍ରିମେଣ୍ଟ ସ୍ୱାକ୍ଷରିତ ହୋଇଛି। ଦୁଇ ଦେଶ ମଧ୍ୟରେ କ୍ରିକେଟ ସମ୍ପର୍କ ବୃଦ୍ଧି ଲକ୍ଷ୍ୟ ନେଇ ଏହା କରାଯାଇଥିବା ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ଚୁକ୍ତି ସ୍ୱାକ୍ଷର ବେଳେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ କୋଷାଧ୍ୟକ୍ଷ ଅରୁଣ ଧୁମଲ ପ୍ରମୁଖ ଉପସ୍ଥିତ ଥିଲେ। ଏମିରେଟ୍ସ କ୍ରିକେଟ ବୋର୍ଡ ତରଫରୁ ଏହାର ଚେୟାରମ୍ୟାନ ଖଲିଦ୍ ଅଲ୍ ଜାରୁନି ବୁଝାମଣା ପତ୍ରରେ ସ୍ୱାକ୍ଷରିତ କରିଥିଲେ। ରାଜିନାମା ଦ୍ୱାରା ଭାରତରେ ଯଦି କରୋନା ମହାମାରୀ ପରିସ୍ଥିତିରେ ସୁଧାର ନ ଆସେ ତେବେ ଆଉ ୬ ମାସ ପରେ ଆଇପିଏଲ୍‌ର ପରବର୍ତ୍ତୀ ସଂସ୍କରଣ ଅର୍ଥାତ୍ ୨୦୨୧ ଏପ୍ରିଲ୍‌ରେ ପୁଣି ୟୁଏଇରେ ଆୟୋଜନ ହୋଇପାରେ। ଆଗକୁ ଭାରତର ଆଉ ଏକ ପ୍ରମୁଖ ଇଭେଣ୍ଟ ରହିଛି। ତାହା ହେଲା ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜ। ଏହାକୁ ଯଥା ସମ୍ଭବ ଭାରତରେ ଆୟୋଜନ କରିବା ଲାଗି ଉଦ୍ୟମ ହେବ। ଯଦି ସମ୍ଭବ ନ ହୁଏ ତେବେ ଏହା ବିକଳ୍ପ ଭେନ୍ୟୁ ୟୁଏଇରେ ହୋଇପାରେ ବୋଲି ବିସିସିଆଇର ଜଣେ ବରିଷ୍ଠ ପଦାଧିକାରୀ କହିଛନ୍ତି।

**ୟୁଏଇରେ ଆଇପିଏଲ୍ ୨୦୨୦**

# ଏକ ନୀରବ ମରୁଝଡ଼

ଦୁବାଇ,୧୯।୯(ପି.ଟି.)

କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିବା ସତ୍ତ୍ୱେ ଭାରତୀୟ କ୍ରିକେଟ ପ୍ରତ୍ୟାବର୍ତ୍ତନ କରିଛି। ଏହା ଭାରତ ବଦଳରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ସମ୍ଭବ ହୋଇଛି। ତେବେ ମହାମାରୀ କାରଣରୁ ବାୟୋ- ବବଲ ଓ ଫାଙ୍କା ଷ୍ଟାଡିୟମ ଯୋଗୁ ଆଇପିଏଲ୍‌ର ଆରମ୍ଭ ସେତେଟା ଚମକପ୍ରଦ ହୋଇନାହିଁ। ୮୦ ଓ ୯୦ ଦଶକରେ ଶାରଜାରେ ଯେଉଁଭଳି କ୍ରିକେଟର କ୍ରେଜ୍ ଥିଲା ଏଥର ଆଇପିଏଲରେ ତାହା ପରିଲକ୍ଷିତ ହୋଇନାହିଁ। କିନ୍ତୁ ଆଇପିଏଲ୍ ଆଗାମୀ ଦିନରେ ମରୁଭୂମିର ନୀରବ ଝଡ ସାବ୍ୟସ୍ତ ହେବ। ବିଶ୍ୱର ସବୁ ତାରକା ତଥା ଶ୍ରେଷ୍ଠ କ୍ରିକେଟର ୟୁଏଇରେ ଏକାଠି ହୋଇଛନ୍ତି।

ମ୍ୟାଚ୍ ଖେଳିବା ଓ ଟ୍ରେନିଂ ସେସନରେ ଅଂଶଗ୍ରହଣ କରିବା ବ୍ୟତୀତ ଖେଳାଳିମାନେ ବାହାରକୁ ବାହାରିପାରିବେ ନାହିଁ। ୩ଟି ଯାକ ଭେନ୍ୟୁରେ କୌଣସି ଦର୍ଶକ ମ୍ୟାଚ୍ ଦେଖିପାରିବେ ନାହିଁ। ଗତ ଦୁଇ ଦଶନ୍ଧି ହେବ ଶାରଜାରେ କ୍ରିକେଟ ଓ ସେଲିବ୍ରିଟିଙ୍କର ଅପୂର୍ବ ମିଳନ ଦେଖିବାକୁ ମିଳିଛି। ୨୦୧୪ରେ ଦେଶରେ ସାଧାରଣ ନିର୍ବାଚନ କାରଣରୁ ଆଇପିଏଲର ପ୍ରଥମ ଅର୍ଦ୍ଧେକ ମ୍ୟାଚ୍ ୟୁଏଇରେ ଖେଳାଯାଇଥିଲା। ଶାରଜାରେ ସେତେବେଳେ ୬ଟି ମ୍ୟାଚ୍ ଖେଳାଯାଇଥିଲା। ତେବେ ଏଥର ୫୬ଟିରୁ ୧୨ଟି ମ୍ୟାଚ୍ ଶାରଜାରେ ଖେଳାଯିବ। ବାକି ମ୍ୟାଚ୍ ଦୁବାଇ ଓ ଆବୁଧାବିରେ ଖେଳାଯିବ।

ପୂର୍ବରୁ ଶାରଜାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍ ବେଶ୍ ରୋମାଞ୍ଚକ ହେଉଥିଲା। ମ୍ୟାଚ୍ ଦେଖିବା ପାଇଁ ଷ୍ଟାଡିୟମ ପୂରା ଉତ୍ସବମୁଖର ହୋଇ ଉଠୁଥିଲା। କିନ୍ତୁ ଆଇପିଏଲ୍‌ରେ ଏଥର ସେଭଳି ଚମକ ଦେଖିବାକୁ ମିଳିବନି। ଦର୍ଶକଙ୍କ ଅନୁପସ୍ଥିତିରେ ଫାଙ୍କା ଷ୍ଟାଡିୟମରେ ସେଭଳି ରୋମାଞ୍ଚ ଦେଖିବାକୁ ମିଳିବ ନାହିଁ। ଏହାପୂର୍ବରୁ ୨୦୧୮ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୟୁଏଇରେ ଏସିଆ କପ୍ ଆୟୋଜନ କରିଥିଲା। ଶାରଜାରେ ମ୍ୟାଚ୍ ଖେଳାଯାଇ ନ ଥିଲା। ଏଥର ମଧ୍ୟ ଶାରାଜାରେ ଅଧିକ ମ୍ୟାଚ୍ ଖେଳାଯିବନାହିଁ। ଦୁବାଇରେ ୨୪ ଓ ଆବୁଧାବିରେ ୨୦ଟି ମ୍ୟାଚ୍ ଆୟୋଜନ ହେବ।

ଫାଙ୍କା ଷ୍ଟାଡିୟମରେ ଖେଳାଳିଙ୍କ ଉତ୍ସାହ କମିବ ନାହିଁ ବୋଲି ହାଇଦ୍ରାବାଦ ମେଣ୍ଟର ଭିଭିଏସ୍ ଲକ୍ଷ୍ମଣ କହିଛନ୍ତି। ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ଏଠାରେ ଅଂଶଗ୍ରହଣ କରୁଥିବାରୁ ସେମାନଙ୍କୁ ମୋଟିଭେଶନର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ସେହିପରି ଜଣେ ପେସାଦାର ଖେଳାଳି ପାଇଁ ଦର୍ଶକଙ୍କ ଉପସ୍ଥିତି ଓ ଅନୁପସ୍ଥିତି ଫରକ ଆଣିବ ନାହିଁ ବୋଲି ପୂର୍ବତନ ପାକିସ୍ତାନ ଖେଳାଳି ଜାଭେଦ ମିଆଁଦାଦ କହିଛନ୍ତି। ଶାରଜାରେ ଖେଳିବାକୁ ଭଲ ଲାଗିଥାଏ ଓ ଏଠାରେ କ୍ରିକେଟକୁ ନେଇ ପ୍ରବଳ ଉତ୍ସାହ ରହିଛି ବୋଲି ଦିଲ୍ଲୀ କ୍ୟାପିଟାଲ୍ସ ହେଡ୍ କୋଚ୍ ରିକି ପଣ୍ଟିଂ କହିଛନ୍ତି।

ତେବେ ଦର୍ଶକଙ୍କ ଅନୁପସ୍ଥିତିରେ ଖେଳିବା ନିଶ୍ଚିତ ଭାବେ କଷ୍ଟକର ବୋଲି ପୂର୍ବତନ କ୍ରିକେଟର ଦିଲୀପ ଭେଙ୍ଗସରକାର ମତ ଦେଇଛନ୍ତି। ତେବେ ଏଥର ପରିସ୍ଥିତି ଅଲଗା। ତେଣୁ ଫାଙ୍କା ଷ୍ଟାଡିୟମରେ ଖେଳିବାକୁ ପଡିବ ଓ ଖେଳାଳିମାନଙ୍କୁ ନିଜର ଦକ୍ଷତା ପ୍ରମାଣ କରିବାକୁ ପଡିବ। ମ୍ୟାଚ୍ ଫିକ୍ସିଂ ଓ ଅଣ୍ଡରୱାର୍ଲ୍ଡର ପ୍ରଭାବ କାରଣରୁ ଶାରଜାରେ କ୍ରିକେଟ ବେଶ୍ ବଦ୍‌ନାମ ହୋଇଥିଲା। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଅଭିଯୋଗ ପ୍ରମାଣିତ ହୋଇନାହିଁ ବୋଲି ଆୟୋଜକମାନେ କହିଛନ୍ତି। କୌଣସି ମ୍ୟାଚ୍, ବ୍ୟକ୍ତି, ଖେଳାଳି, ଅମ୍ପାୟର ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି ବୋଲି କୁହାଯାଇଛି। ଆଇପିଏଲ୍ ଆରମ୍ଭ ହେବା ପରେ ଆରବର ମରୁଭୂମିରେ ଏବେ କ୍ରିକେଟର ଝଡ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।


ଶାରଜା କ୍ରିକେଟ ଷ୍ଟାଡ଼ିୟମ






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ